



ଜାନୁଆରୀ ୧୬ରେ ହ୍ୟାପି ପଟେଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-160 ◆SATURDAY ◆6 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୬୦ ◆ଶନିବାର ◆୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଫେରିଲେ ପୁଟିନ୍

# ଦୁଇ ଦେଶ ମଧ୍ୟରେ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଆଜି ସ୍ୱଦେଶ ଫେରିଛନ୍ତି। ଗସ୍ତ ପରିପ୍ରେକ୍ଷୀରେ ଭାରତ ଓ ରୁଷ୍ ମଧ୍ୟରେ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟିକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଚଢ଼ା ଶୁଳ୍କ ଲଗାଇବା ପରେ ରୁଷ୍‌ଠାରୁ ଅଶୋଧିତ ତୈଳ ନ କିଣିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କ୍ରମାଗତ ଭାବେ ଚାପ ପକାଇ ଚାଲିଛନ୍ତି। ଏପରି ସମୟରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଗସ୍ତରେ ଆସିଛନ୍ତି। ଏହା ଉପରେ ସାରା ବିଶ୍ୱର ନଜର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ସବୁ କାର୍ଯ୍ୟକ୍ରମ ଉପରେ ବିଶ୍ୱ ଗଣମାଧ୍ୟମର ନଜରରେ ରହିଛି। ଦୁଇ ନେତା ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଛନ୍ତି। ଉଭୟେ ନୈଶ୍ୟଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ

- କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁଟିନ
- ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ
- ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ
- ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା
- କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ
- ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ



ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ▶ପୃଷ୍ଠା-୭

## ଉଡ଼ାଣରେ ଅଚଳାବସ୍ଥା ନେଇ କ୍ଷମା ମାଗିଲା ଇଣ୍ଡିଗୋ

# ତଦନ୍ତ ନିର୍ଦ୍ଦେଶ ଦେଲା ଡିଜିସିଏ

- ୪ ଦିନରେ ୧୭୦୦ ବିମାନ ବାତିଲ
- ବ୍ୟାକ୍‌ଫୁଟରେ ସରକାର; ହଟିଲା ନିୟମ
- ବିମାନବନ୍ଦରରେ ମାର୍‌ପିଟ ଭଳି ସ୍ଥିତି
- ୧୦-୧୫ ତାରିଖ ସୁଦ୍ଧା ସ୍ଥିତି ସ୍ୱାଭାବିକ ହୋଇପାରେ: ଇଣ୍ଡିଗୋ




■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଭାରତର ସବୁଠାରୁ ବଡ଼ ଏୟାରଲାଇନ 'ଇଣ୍ଡିଗୋ'ର ସମସ୍ୟା କମ୍ ହେବାରେ ନା ଧରୁନି। ସରକାର ନୂଆ ନିୟମ କାର୍ଯ୍ୟକାରୀ କରିବା ପରେ ଏହି ବିମାନ କମ୍ପାନୀର ପରିଚାଳନା ବ୍ୟବସ୍ଥା ଦୋହଲି ଯାଇଛି। କର୍ମଚାରୀ ଅଭାବରୁ ନାହିଁ ନ ଥିବା ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଚତୁର୍ଥ ଦିନରେ ବି ଏହି ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦର ଗୁଡ଼ିକରେ ହଜାର ହଜାର ଯାତ୍ରୀ ନିଜ ବିମାନକୁ ଅପେକ୍ଷା କରି ରହିଛନ୍ତି। ଏଠାରେ ମାର୍‌ପିଟ ଭଳି ସ୍ଥିତି ସୃଷ୍ଟି ହୋଇଛି। ଧୈର୍ଯ୍ୟହରା ଯାତ୍ରୀ ଏବଂ ବିମାନ କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ଚାଲିଛି। ଏତେ ସଂଖ୍ୟକ ଯାତ୍ରୀ ରହିଥିବାରୁ ମୌଳିକ ସୁବିଧା ମଧ୍ୟ ମିଳିପାରୁ ନାହିଁ। ବିମାନବନ୍ଦରରେ ଯାତ୍ରୀଙ୍କ ସୁଟ୍‌କେସ୍ ଗୁଡ଼ିକ ଗଦା ହୋଇ ରହିଛି। ଏଭଳି ଭୟାନକ ସ୍ଥିତି ଦେଖିବା ▶ପୃଷ୍ଠା-୭

## ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଟ୍ଟଗୋଳ

# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**




ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

## ଗୃହ ଓ ଅଟୋ ଋଣ ଶସ୍ତା

# ସୁଧ ହାର ୦.୨୫% କମାଇଲା ଆର୍‌ବିଆଇ

■ ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ

**୫.୨୫% ରହିଲା ରେପୋ ହାର**

ମାଲହୋତ୍ରା ଆଜି ଘୋଷଣା କରିଛନ୍ତି। ରେପୋ ହାରରେ ହ୍ରାସ ପରେ ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିବ। ଫଳରେ ଆଗାମୀ ଦିନରେ ଗୃହ ଏବଂ ଅଟୋ ଋଣ ଶସ୍ତା ହେବ।

ଡିସେମ୍ବର ୩ ରୁ ୫ ପର୍ଯ୍ୟନ୍ତ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ମୁଦ୍ରା ନୀତି କମିଟି ବୈଠକ ଚାଲିଥିଲା। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରିଜର୍ଭ ବ୍ୟାଙ୍କ ରେପୋ ହାର ୪ ଥର ହ୍ରାସ ଘଟାଇଛି। ଆର୍‌ବିଆଇ ଫେବୃଆରୀ ପରଠାରୁ ତିନୋଟି କିସ୍ତିରେ ମୋଟ ୧% ରେପୋ ହାର ହ୍ରାସ କରିଛି। ନୀତିଗତ ସୁଧ ▶ପୃଷ୍ଠା-୭

# ଟ୍ରେଲର୍ ଚକା ତଳେ ଗଲା ୪ ଜୀବନ

■ ଯୋଡ଼ା, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ର ଲହଣ୍ଡା ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୪ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଏହି ଅଘଟଣ ଘଟିଛି। ରିପୋର୍ଟ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ୪ଜଣ ଯାକ ଏକ ବାଇକ୍‌ରେ ବିଲେଇପଦା ପଟୁ ଯୋଡ଼ା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରେଲର୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବଗୁଡ଼ିକୁ ଜବତ କରି ଯୋଡ଼ା ଡାକ୍ତରଖାନାକୁ ପଠାଇଛି। ସେପଟେ ଦୁର୍ଘଟଣା ଘଟାଇ ଟ୍ରେଲର୍‌ଟି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ କାରଣସାହି ନିକଟରେ ତାକୁ ଅଟକ ରଖାଯାଇଛି। ପୁଲିସ ଟ୍ରେଲର୍‌କୁ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ପୁଲିସ ଚାକିରି ବେପାର

# ବିରଞ୍ଚିଙ୍କୁ ବାନ୍ଧିଲା ସିବିଆଇ

■ ଭୁବନେଶ୍ୱର, ୫।୧୨ (ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଜଣେ ମଧ୍ୟସ୍ଥଙ୍କଠାରୁ ତା'ର ପ୍ରଥମ ଗିରଫଦାରୀ ଆରମ୍ଭ କରିଛି। ଗିରଫ ମଧ୍ୟସ୍ଥ ଜଣଙ୍କ ହେଲେ ବିରଞ୍ଚି ନାରାୟଣ ନାୟକ। ତାଙ୍କୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରୁ ଗିରଫ କରାଯାଇଛି। ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିରଞ୍ଚି ଏବଂ ଅରବିନ୍ଦଙ୍କ ବସ୍ ହେଉଛନ୍ତି ପଞ୍ଚସପ୍ପର ମାଲିକ ଶଙ୍କର ପୃଷ୍ଟି। ▶ପୃଷ୍ଠା-୭



ଜେରା ପାଇଁ ସିବିଆଇକୁ ୨ଦିନିଆ ରିମାଣ୍ଡ ଅନୁମତି

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

- ପ୍ରକାଶ ପାଇଲା ପରୀକ୍ଷା ସୂଚୀ
- ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ପ୍ରଥମ ଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭


# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି



■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

- ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ
- ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଡିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭

## ପୁଟିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମଧମର ମିଶ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ନେଇ ବିଶ୍ୱର ବିଭିନ୍ନ ଦେଶର ଗଣମାଧମ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଓ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ଆମେରିକାରୁ ୟୁକ୍ରେନ ପର୍ଯ୍ୟନ୍ତ ସବୁ ଗଣମାଧମ ପୁଟିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱ ଦେବା ସହ ଅଗ୍ରାଧିକାର ଦେଇ ଖବର ପରିବେଷଣ କରିଛନ୍ତି । ପୁଟିନ ଭାରତ ଗସ୍ତରେ ଆସିଥିବାରୁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି । ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଗସ୍ତକୁ ବିଶ୍ୱର ସବୁ ବଡ଼ ଗଣମାଧମ ବେଶ୍ ଗୁରୁତ୍ୱ ଦେଇଛନ୍ତି ।

### ବ୍ରିଟେନ- ବିବିସି; ରୁଷ ବିଶ୍ୱରେ ଏକଘରକିଆ ନୁହେଁ

ଦୁଇ ଦେଶ ମଧ୍ୟରେ ଶିଖର ସମ୍ମିଳନୀ ଆୟୋଜନ ହେବ ଓ ଏଥିରେ ଏକାଧିକ ଚୁକ୍ତି ନେଇ ଚର୍ଚ୍ଚା ହେବ ବୋଲି ଆଶା କରାଯାଉଛି । ରୁଷଠାରୁ ତୈଳ କ୍ରୟ କମ୍ କରିବାକୁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଥିବା ବେଳେ ପୁଟିନଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି । ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ବହୁ ପୁରୁଣା । ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଭାରତ ପାଖରେ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ବଜାର ରହିଛି । ଏହି କାରଣରୁ ରୁଷ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରୁଛି । ତୈଳ ବାଣିଜ୍ୟ ନେଇ ଭାରତଠାରୁ ରୁଷ୍ ବହୁତ କିଛି ଆଶା କରେ । ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଦୁଇ ଦେଶର ଭାଗୀଦାରି ଦୃଢ଼ ରହିଛି । ବହୁ ବର୍ଷ ଧରି ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଆସୁଛି । ରୁଷ୍‌ଠାରୁ ଭାରତ ଏବେ ଲଢୁଆ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି । ରୁଷିଆରେ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି ଓ ଭାରତ ଏହା ପୂରଣ କରିପାରିବ ବୋଲି ରୁଷ ହୃଦୟଙ୍ଗମ କରିଛି । ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ବହନ କରୁଛି । ପାଶ୍ଚାତ୍ୟ ବିରୋଧ ଓ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ରୁଷ୍ ବିଶ୍ୱରେ ଏକ ଘରକିଆ ନୁହେଁ ବୋଲି ରୁଷି ପ୍ରମାଣ କରିବାକୁ ଚାହୁଁଛି ବୋଲି ବିବିସି ଉଲ୍ଲେଖ କରିଛି । ରୁଷ ଓ ଭାରତ ଆମେରିକାକୁ ଭୟ କରୁନାହାନ୍ତି ବୋଲି ଏହି ଗସ୍ତ ପ୍ରମାଣ କରୁଛି ବୋଲି ଦି ଗାର୍ଡିଆନ ଉଲ୍ଲେଖ କରିଛି ।

### କିଭ୍ ଇଣ୍ଡିପେଣ୍ଡେଣ୍ଟ; ଭାରତୀୟ କୁଟନୀତି ପାଇଁ ପରୀକ୍ଷା

ପୁଟିନଙ୍କ ଭାରତ ଗସ୍ତ ସହ ଏହି ସପ୍ତାହରେ ଭାରତୀୟ କୁଟନୀତି ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହେବ ବୋଲି ୟୁକ୍ରେନର ପ୍ରମୁଖ ଗଣମାଧମଗୁଡିକ ଉଲ୍ଲେଖ କରିଛନ୍ତି । ରୁଷି ଓ ୟୁକ୍ରେନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଭାରତ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ରୁଷ ସହିତ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ମଜଭୂତ କରିବାକୁ ଭାରତ ଚାହୁଁଛି । କିନ୍ତୁ ୟୁକ୍ରେନ, ଆମେରିକା ଓ ୟୁରୋପୀୟ ଦେଶଗୁଡିକ ରୁଷ ଯୁଦ୍ଧ ବନ୍ଦ କରିବା ନେଇ ଭାରତ ଚାପ ପକାଉ ବୋଲି ଚାହୁଁଛନ୍ତି । ପୁଣି ବିଶ୍ୱରେ ରୁଷ୍ ଏକଘରିକିଆ ନୁହେଁ ବୋଲି ପୁଟିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ଚାହୁଁଛନ୍ତି । ଭାରତ ଓ ରୁଷର ବନ୍ଧୁତ୍ୱ ବହୁ ପୁରୁଣା, ପାକିସ୍ତାନ ବିପକ୍ଷ ୧୯୭୧ ଯୁଦ୍ଧରେ ରୁଷ ମଧ୍ୟ ଭାରତକୁ ଖୋଲାଖୋଲି ସମର୍ଥନ କରିଥିଲା । କିନ୍ତୁ ରୁଷ୍ ଓ ୟୁକ୍ରେନ ମାମଲାରେ ଭାରତ ସବୁବେଳେ ନିରପେକ୍ଷ ରହିବାକୁ ପ୍ରୟାସ କରିଛି । ଏପରିକି ଜାତିସଂଘରେ ରୁଷିଆ ବିପକ୍ଷରେ ଆସିଥିବା ପ୍ରସ୍ତାବ ନେଇ ହୋଇଥିବା ମତଦାନରୁ ନିଜକୁ ଦୂରେଇ ରଖିଛି । ତେଣୁ ଭାରତ କୂଟନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ୟୁକ୍ରେନ ଗଣମାଧମଗୁଡିକ କହିଛି ।

### ନ୍ୟୁୟର୍କ ଟାଇମ୍ସ; ଭାରତ ରୁଷର ପ୍ରମୁଖ ସହଯୋଗୀ

ପୁଟିନଙ୍କ ଗସ୍ତ ଛୋଟିଆ ହୋଇଥିଲେ ମଧ୍ୟ ଏହା ଦୁଇ ଦେଶ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି । ପ୍ରତିରକ୍ଷା ଚୁକ୍ତି, ବାଣିଜ୍ୟକୁ ସୁଗମ କରିବା ପାଇଁ ଓ ଭାରତରୁ ରୁଷକୁ ଶ୍ରମିକ ପଠାଇବା ନେଇ ଆଲୋଚନା ହେବ ବୋଲି ଆଶା କରାଯାଉଛି । ବିମାନ ବନ୍ଦରରେ ଓହ୍ଲାଇବା ପରେ ପୁଟିନ ଓ ମୋଦୀ ଗୋଟିଏ କାର୍‌ରେ ପ୍ରସ୍ଥାନ କରିଥିଲେ । ଏହା 'ଲିମୋ ଡିପ୍ଲୋମାସି' କଥା ମନେ ପକାଇଦେଉଛି । ସେତେବେଳେ ଚୀନ୍‌ର ପୁଟିନ ନିଜ କାର୍ ଲିମୋଜିନ୍‌ରେ ବୁଲାଥିଲେ । ଦୁଇ ଦେଶର ସମ୍ପର୍କ ବହୁ ପୁରୁଣା ବୋଲି ଆମେରିକା ଗଣମାଧମଗୁଡିକ ଉଲ୍ଲେଖ କରିଛନ୍ତି । ରୁଷ ପାଖରେ ଏବେ ମଧ୍ୟ ଏକ ବିଶ୍ୱସ୍ତରୀୟ ସହଯୋଗୀ ଠିଆ ହୋଇଛି ବୋଲି ପୁଟିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ସଫଳ ହୋଇଛନ୍ତି । କିନ୍ତୁ ରୁଷ, ଆମେରିକ ଓ ଅନ୍ୟ ଦେଶଗୁଡିକ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ମୋଦୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

### ପାକିସ୍ତାନ- ଦି ଡନ୍; ବାଣିଜ୍ୟ ଉପରେ ଅଧିକ ଗୁରୁତ୍ୱ

ପୁଟିନଙ୍କ ଏହି ଭାରତ ଗସ୍ତ ବାଣିଜ୍ୟ ଉପରେ ଅଧିକ ଗୁରୁତ୍ୱ ଦେବ । ତେବେ ପ୍ରତିରକ୍ଷା ସମ୍ପର୍କ ଆହୁରି ଦୃଢ଼ କରିବାକୁ ଏହି ଗସ୍ତର ପ୍ରମୁଖ ଲକ୍ଷ୍ୟ ରହିଛି ବୋଲି ପାକିସ୍ତାନ ଗଣମାଧମଗୁଡିକ କହିଛନ୍ତି । ରୁଷ ମଧ୍ୟ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଭାରତକୁ ଦେବାକୁ ଚାହୁଁଛି । ରୁଷ ଏସ୍- ୫୭ ଲଢୁଆ ବିମାନର ଯୁଗ୍ମ ଉତ୍ପାଦନ ଯୋଜନା ନେଇ ପ୍ରସ୍ତାବ ଦେଇପାରେ । ତେବେ ଆମେରିକା ଓ ରୁଷ୍ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ କଷ୍ଟକର ହୋଇପାରେ ।

### କତାର- ଅଲ ଜଜିରା; ମୋଦୀ- ପୁଟିନ ସମ୍ପର୍କ ଦୃଢ

ମୋଦୀ ଓ ପୁଟିନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ବେଶ୍ ଦୃଢ ରହିଆସିଛି ବୋଲି ମଧ୍ୟପ୍ରାଚ୍ୟ ଦେଶ କତାରର ଗଣମାଧମଗୁଡିକ ଉଲ୍ଲେଖ କରିଛନ୍ତି । ଭାରତ ଉପରେ ଆମେରିକା କ୍ରମାଗତ ଚାପ ପକାଉଥିବା ବେଳେ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି । ୟୁକ୍ରେନ ଯୁଦ୍ଧ ପାଇଁ ରୁଷ୍ ବିଶ୍ୱରେ ଏକ ଘରକିଆ ହୋଇ ରହିନାହିଁ ବୋଲି ପୁଟିନଙ୍କ ଏହି ଗସ୍ତ ପ୍ରମାଣ କରୁଛି ।

### ବାଂଲାଦେଶ-ଡେଲି ଷ୍ଟାର; ଦୁଇ ନେତାଙ୍କ ବନ୍ଧୁତ୍ୱ ଅତୁଟ

ମୋଦୀ ଓ ପୁଟିନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ସମ୍ପର୍କ ଅତୁଟ ରହିଛି ବୋଲି ପୁଟିନଙ୍କ ଏହି ଗସ୍ତରୁ ପ୍ରମାଣିତ ହୋଇଛି । ରୁଷ୍‌ଠାରୁ ଭାରତ ବହୁ ପରିମାଣରେ ତୈଳ କ୍ରୟ କରୁଛି । ୨୦୨୩୦ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧୦୦ ବିଲିଅନ ଡଲାରରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି । ତେଣୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଆହୁରି ଦୃଢ଼ କରିବା ଏହି ଗସ୍ତର ଲକ୍ଷ ବୋଲି ବାଂଲାଦେଶ ଗଣମାଧମଗୁଡିକ କହିଛନ୍ତି । ରୁଷ୍‌ଠାରୁ ଭାରତ ବହୁ ଶକ୍ତି ତଥା ଏନର୍ଜି କ୍ରୟ କରୁଛି । କିନ୍ତୁ ରୁଷଠାରୁ ଆପେକ୍ଷାକୃତ କମ୍ ଦ୍ରବ୍ୟ ଆମଦାନୀ କରୁଛି ।

## ଗୁଜରାଟ ତାଲିକାରେ ୧୭ ଲକ୍ଷରୁ ଅଧିକ ମୃତ ଭୋଟର

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ଗୁଜରାଟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଚକିତ କଲା ଭଳି ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି । ବର୍ତ୍ତମାନର ତାଲିକାରେ ୧୭ ଲକ୍ଷ ଉର୍ଦ୍ଧ୍ୱ ମୃତ ଭୋଟର ସାମିଲ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଗତ ଏକ ମାସ ମଧ୍ୟରେ ୫ କୋଟିରୁ ଅଧିକ ପଞ୍ଜିକୃତ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି ।



୩୩ଟି ଜିଲ୍ଲାରେ ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି । ଫେରସ୍ତ ଫର୍ମଗୁଡିକର ଡିଜିଟାଇଜେନ କାର୍ଯ୍ୟ ଜାରି ରହିଛି । ୩୦ ଲକ୍ଷ ଭୋଟର ଗୁଜରାଟ ଛାଡି ସାରିଛନ୍ତି ବୋଲି ଜଣାପଡ଼ିଛି । ୬.୧୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ନିଜ ଠିକଣାରେ ଉପଲବ୍ଧ ହୋଇନାହାନ୍ତି । ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ)ଙ୍କୁ ୩.୨୫ ଲକ୍ଷରୁ ଅଧିକ ଭୋଟର ରିପିଟେଡ ବର୍ଗରେ ମିଳିଛନ୍ତି । ଏହାର ଅର୍ଥ ଏମାନଙ୍କ ନାମ ଏକାଧିକ ସ୍ଥାନରେ ରହିଛି । ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ନେଇ ପୁଣି ଥରେ ବିଜେପିକୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି । ଏସ୍‌ଆଇଆର ସହିତ ଜଡିତ ଘଟଣାଗୁଡିକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧାରୁ ଅଧିକ ହିନ୍ଦୁ ବୋଲି ସେ କହିଛନ୍ତି । ମୁର୍ସିଦାବାଦ୍‌ରେ ଏକ ରାଲିକୁ ସମ୍ବୋଧିତ କରିବା ବେଳେ ମମତା କହିଛନ୍ତି ଯେ, ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ଧର୍ମକୁ ନେଇ ରାଜନୀତି ଆରମ୍ଭ କରିଛି । ଯେଉଁ ଡାଳରେ ବିଜେପି ବସିଛି ତାହାକୁ ହିଁ କାଟୁଛି । ପୁଣି ପଶ୍ଚିମବଙ୍ଗରେ ଏନ୍‌ଆରସି ବା ଡିଟେନସନ ହୋମର ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି ।

## ଉତ୍ତରାଖଣ୍ଡରେ ସବୁ ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ୍

ଡେରାଡୁନ୍, ୫ ।୧୨(ଏଜେନ୍ସି): ଉତ୍ତରାଖଣ୍ଡରେ ଶୁକ୍ରବାର ଇଣ୍ଡିଗୋର ୧୫ଟି ବିମାନର ଉଡାଣକୁ ବାତିଲ କରାଯାଇଛି । ଡେରାଡୁନରୁ ଏହି ବିମାନଗୁଡିକ ଉଡାଣ ଭରିବାର କର୍ଯ୍ୟକ୍ରମ ଥିଲା । ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ୧୩ ଓ ଉର୍ଦ୍ଧ୍ୱମ ସିଂ ନଗରର ପନ୍ତ ନଗର ବିମାନ ବନ୍ଦରରୁ ୨ଟି ବିମାନ ଟେକ୍‌ଅଫ୍ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଯାତ୍ରା କରିବାକୁ ପାଖାପାଖି ୧୦୦ ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିଥିଲେ । ବିମାନ ବାତିଲ ହେବା କରେ ଯାତ୍ରୀମାନେ ଅସନ୍ତୋଷ ଜାହିର କରିଥିଲେ । ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନ ବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲାଯାଇଛି । ଯାତ୍ରୀମାନଙ୍କୁ ଏହି ଡେସ୍କ ଲଗାତର ସୂଚନା ପ୍ରଦାନ କରୁଛି । ପନ୍ତନଗରରୁ ବିମାନଗୁଡିକ ଦିଲ୍ଲୀ ଓ କୋଲକାତା ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା । ଦୁଇଟି ଯାକ ବିମାନରେ ୬୮ ଜଣ ଯାତ୍ରୀ ଯାତ୍ରା କରିବାର




ବ୍ୟବସ୍ଥା ଥିଲା । ସେହିପରି ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ବିମାନଗୁଡିକ ଦିଲ୍ଲୀ, ଲକ୍ଷ୍ନୌ, ବେଙ୍ଗାଲୁରୁ, ମୁମ୍ବଇ, ଜୟପୁର, ଅହମଦାବାଦ୍, ହାଇଦରାବାଦ୍, ଭୁବନେଶ୍ୱର, କୋଲକାତା ଓ ପୁଣେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା ।

## ପୁଟିନଙ୍କ ଭାରତ ଗସ୍ତ; ଦ୍ୱିପାକ୍ଷିକ ବାଣିଜ୍ୟକୁ ମିଳିବ ଗତି

# ୨୦୩୦ ସୁଦ୍ଧା ୧୦୦ ବିଲିଅନ ଡଲାର ଲକ୍ଷ୍ୟ

- ଇଲେକ୍ଟ୍ରିକ୍ ଗାଡ଼ି ଉତ୍ପାଦନରେ ଯୌଥ ଉଦ୍ୟୋଗ ହେବ
- ବାଣିଜ୍ୟକୁ ପରପିଢ଼ି ସଂସ୍କାର ଦ୍ୱାରା ସରଳ କରାଯିବ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ନୂଆ ଆଶା ସଞ୍ଚାର ସୃଷ୍ଟି କରିଛି । ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବା ଦିଗରେ ଭାରତ ଦ୍ରୁତ ଗତିରେ ଯାତ୍ରା କରୁଛି । ଆର୍ଥନୀତିରେ ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତର ନୀତି ଅନୁସରଣ କରି ଭାରତ ଏହି ଦିଗରେ ଅଗ୍ରଗତି କରୁଛି । ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ରେ ପର ପିଢ଼ୀର ସଂସ୍କାର ବିଷୟରେ ଆଲୋଚନା କରି ସେ କହିଛନ୍ତି ଯେ, ଏହି ପଦକ୍ଷେପଗୁଡିକ ବିଭିନ୍ନ ସମସ୍ୟାକୁ କମ୍ କରିବା ସହ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ । ୨୦୩୦ ସୁଦ୍ଧା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ମୁଁ ଏହି ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିଅନ ଆମେରିକୀୟ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି । କିନ୍ତୁ ମୋ ମତରେ ଏଥିପାଇଁ ଆମକୁ ୨୦୨୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ନାହିଁ । ଏହାର ବହୁ ପୂର୍ବରୁ ମଧ୍ୟ ଆମେ ଏହି ଲକ୍ଷ୍ୟ ହାସଲ କରିବୁ । ଏ ନେଇ ମୋର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି । ଏ ନେଇ ଟାରିଫ୍ ଓ ନନ୍ ଟାରିଫ୍ ପ୍ରତିବନ୍ଧକକୁ କମ୍ କରାଯିବ । ଗତ ୧୧ ବର୍ଷ ମଧ୍ୟରେ ଏ ନେଇ ଗତି ବୃଦ୍ଧି ପାଇଥିବା ବେଳେ ପରିବର୍ତ୍ତନର ମାତ୍ରାରେ ଆଖି ଦୃଶିଆ ଉନ୍ନତି ହୋଇଛି । ଭାରତ ଏବେ ଶସ୍ତା ଓ କୁଶଳ ଇଲେକଟ୍ରିକ୍ ଭେଇକଲ (ଇଭି) କ୍ଷେତ୍ରରେ ବୈଶ୍ୱିକ ଅଗ୍ରଣୀ ହାସଲ କରିଛି ବୋଲି ସେ କହିଛନ୍ତି । ଇଲେକଟ୍ରିକ ଗାଡ଼ି ଉତ୍ପାଦନ କରିବାକୁ ଭାରତ ଓ ରୁଷିଆ ଏବେ ଯୁଗ୍ମ ଉଦ୍ୟେଗ କରିପାରିନ୍ତି । ଭାରତ ଏବେ ଶସ୍ତା, କୁଶଳ ଇଲେକଟ୍ରିକ ଗାଡ଼ି, ଦୁଇଚକିଆ ଯାନ ଓ ସିଏନ୍‌ଜି ମୋବିଲିଟି ସଲ୍ୟୁସନରେ ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିଛି । ରୁଷିଆ ଉନ୍ନତ ମେଟେଣିଆଲ ଉତ୍ପାଦନରେ ସବୁଠୁ ଆଗରେ ରହିଛି । ତେଣୁ ଇଲେକଟ୍ରିକ ଗାଡି ଉତ୍ପାଦନ, ଅଟୋମେଟିଭ କମ୍ପୋନେଣ୍ଟସ ଓ ଓ୍ୱାରଲେସ ମୋବିଲିଟି ଟେକ୍‌ରେ ଦୁଇ ଦେଶ ସାଥି ହୋଇ ଏବେ କାର୍ଯ୍ୟ କରିବା ସହ ସହଭାଗିତା କରିପାରିବେ । ଏହା ଦ୍ୱାରା କେବଳ ଆମର ଆବଶ୍ୟକତା ପୂରଣ ହେବନି, ଗ୍ଲୋବାଲ ସାଉଥ ଖାସ୍‌କରି ଆଫ୍ରିକାର ବିକାଶରେ ମଧ୍ୟ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମୋଦୀ କହିଛନ୍ତି । ସେହିପରି ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ, ରୁଷ ଭିନ୍ନ ଭିନ୍ନ କ୍ଷେତ୍ରରେ ଭାରତ ସହିତ ନିଜର ସମ୍ପର୍କକୁ ଆହୁରି ଦୃଢ କରିବା ସପକ୍ଷରେ ରହିଛି ଏବଂ ରୁଷ କମ୍ପାନୀଗୁଡିକ ଭାରତଠାରୁ ବିଭିନ୍ନ ପ୍ରକାର ଜିନିଷ ଓ ସେବାର କ୍ରୟ ବୃଦ୍ଧି କରିବାକୁ ପ୍ରସ୍ତୁତ ଅଛି ।



### ରୁଷୀୟ ଭାଷାରେ ଗୀତା ଉପହାର ଦେଲେ ମୋଦୀ

୨୩ତମ ଭାରତ- ରୁଷିଆ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ଭାରତରେ ପହଞ୍ଚିଛନ୍ତି । ୪ ବର୍ଷ ପରେ ପୁଟିନ ଭାରତ ଗସ୍ତରେ ଆସିଛନ୍ତି । ତାଙ୍କୁ ପାଛୋଟି ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୋଟୋକଲ ଭାଙ୍ଗି ପାଲମ ବିମାନ ବନ୍ଦରରେ ପହଞ୍ଚିଥିଲେ । ଏହାପରେ ଦୁହେଁ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିଥିଲେ । ପୁଟିନଙ୍କ ସମ୍ମାନରେ ଏକ ନୈଶ୍ୟଭୋଜିର ମଧ୍ୟ ଆୟୋଜନ ହୋଇଥିଲା । ଏହି ଅବସରରେ ମୋଦୀ ତାଙ୍କୁ ରୁଷୀୟ ଭାଷାରେ ଲିଖିତ ଏକ ଗୀତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହାପରେ ପୁଟିନ ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତା'ପରେ ଉଭୟ ନେତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ହାଇଦରାବାଦ୍ ହାଉସ୍ ଯାଇଥିଲେ ।

### ମୋଦୀଙ୍କ ଭଳି ନେତା ପାଇ ଭାରତ ଭାଗ୍ୟବାନ: ପୁଟିନ

ରୁଷ ରାଷ୍ଟ୍ରପତି ଭ୍ଲଦିମିର ପୁଟିନ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ଭାରତ ପାଖରେ ମୋଦୀଙ୍କ ଭଳି ନେତା ରହୁଥିବାରୁ ଏହି ଦେଶ ବେଶ୍ ଭାଗ୍ୟବାନ ବୋଲି ସେ କହିଛନ୍ତି । ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ ବୋଲି ମସ୍କୋରେ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି । ଭାରତ ଏବେ ବିଶ୍ୱର ଏକ ବଡ଼ ଶକ୍ତିଭାବେ ଉଭା ହୋଇଛି । ଫଳରେ ଅନ୍ୟ ଦେଶଗୁଡିକ ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଛନ୍ତି ବୋଲି ସେ କହିଛନ୍ତି । ଆମେରିକାର ଟାରିଫ୍ ନୀତି ନେଇ ପୁଟିନ ସ୍ପଷ୍ଟ ଭାବେ ନିଜର ମତ ରଖିଛନ୍ତି । ଏ ନେଇ ଭାରତର ସ୍ୱତନ୍ତ୍ର ତଥା ସ୍ୱାଧୀନ ନୀତି ରହିଛି ବୋଲି ସେ କହିଛନ୍ତି ।

### ନେହରୁଙ୍କୁ ଗାଈ ଉପହାର ଦେଇଥିଲା ରୁଷିଆ

ପଣ୍ଡିଜ ଜବାହରଲାଲ ନେହରୁ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ୧୯୬୦ ମାର୍ଚ୍ଚ ୨୭ରେ ରୁଷିଆ ଅର୍ଥାତ ସେତେବେଳେର ସୋଭିଏତ ୟୁନିୟନକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ । ତାଙ୍କ ଏହି ଗସ୍ତରେ ରୁଷିଆ ସରକାର ତାଙ୍କୁ ଏକ ଗାଇ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ସୋଭିଏତ ରାଷ୍ଟ୍ରଦୂତ ଇଭାନ ବେନେଡିକ୍‌ଟୋଭ ଓ ତାଙ୍କ ପତ୍ନୀ ନେହରୁଙ୍କୁ ଗାଇର ଦଉଡି ପ୍ରଦାନ କରିଥିଲେ । ସଙ୍ଗେସଙ୍ଗେ ନେହରୁ ଗାଇକୁ ଖାଦ୍ୟ ଦେଇଥିଲେ । ଏଭଳି ଏକ ଭିନ୍ନ ଧରଣର ଉପହାର ପାଇଁ ନେହରୁ ଖୁସି ଜାହିର କରିଥିଲେ । ଏବେ ମଧ୍ୟ ଏହି ଘଟଣାକୁ ଦୁଇ ଦେଶର ନାଗରିକ ଓ ନେତାମାନେ ମନେ ରଖିଛନ୍ତି । ଦୁଇ ଦେଶ ପାଇଁ ଏହି ଘଟଣା ଏକ ସ୍ମୃତି ହୋଇ ରହିଛି ।

■ ସଂସଦରେ ରିଜିଜୁ- ଡିଏମ୍‌କେ ଏମ୍‌ପି ମୁହାଁମୁହିଁ

## ବିଚାରପତିଙ୍କୁ ଆର୍‌ଏସ୍‌ଏସ୍ ଜଜ୍ କହିଲେ ଟିଆର ବାଲୁ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ସଂସଦରେ ଚାଲିଥିବା ଶୀତକାଳୀନ ଅଧିବେଶନର ୫ମ ଦିନରେ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା । ଶୁକ୍ରବାର



କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଓ ତାମିଲନାଡୁର ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମଧ୍ୟରେ ଗରମାଗରମ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା । ଏକ ଘଟଣା ସମ୍ପର୍କରେ କହିବାକୁ ଯାଇ ଜଣେ ହାଇକୋର୍ଟ ବିଚାରପତିଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଜଜ୍ ବୋଲି ବାଲୁ କହିବା ପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା । ଆପଣ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଆରଏସ୍‌ଏସ୍‌ର ଜଜ୍ ବୋଲି କିପରି କହୁଛନ୍ତି ବୋଲି ରିଜିଜୁ ପ୍ରଶ୍ନ କରିଥିଲେ । ଏହା ଦ୍ୱାରା ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଛି । ଆପଣ ଜଣେ ବିଚାରପତିଙ୍କ ପ୍ରତି ଏଭଳି ଅଣ ସଂସଦୀୟ ଭାଷା ପ୍ରୟୋଗ କରିପାରିବେ ନାହିଁ । ଆପଣ କ୍ଷମା ମାଗନ୍ତୁ । ନ୍ୟାୟପାଳିକା ଉପରେ କଳଙ୍କ ଲଗାଇବାକୁ ଆପଣଙ୍କ ସାହସ କିପରି ହେଲା ବୋଲି ରିଜିଜୁ କହିଥିଲେ । ସେପଟେ ରାଜ୍ୟ ସଭାରେ ଇଣ୍ଡିଗୋ ବିମାନରେ କର୍ମଚାରୀଙ୍କ ଅଭାବକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ । ଏହା ଦ୍ୱାରା ଦେଶରେ ବିମାନ ସେବା ଠପ୍ ହୋଇଛି । ବିରୋଧୀ ଏ ନେଇ ଜବାବ ମାଗିବା ପରେ ରିଜିଜୁ କହିଥିଲେ ଯେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାୟୁଡୁ ସ୍ଥିତିର ସମୀକ୍ଷା କରୁଛନ୍ତି । କେନ୍ଦ୍ର ସରକାର ଇଣ୍ଡିଗୋ କି ପ୍ରକାର ସହାୟ୍ୟ କରିବେ ସେ ନେଇ ଆକଳନ କରୁଛନ୍ତି ବୋଲି ସେ କହିଥିଲେ । ଏଥର ସଂସଦର ଶୀତକାଳୀନ ଅଧିବେଶନରେ ୧୦ଟି ବିଲ୍ ଆଗତ ହେବାର କର୍ଯ୍ୟକ୍ରମ ରହିଛି ।

## ମର୍ଯ୍ୟାଦା ଭଙ୍ଗ ହେଉ ନଥିଲେ ମହିଳାଙ୍କ ଫଟୋ ଉଠାଇବା ଅପରାଧ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ମହିଳାଙ୍କ ଫଟୋ ଉଠାଇବା ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ଯଦି ଜଣେ ମହିଳା ବ୍ୟକ୍ତିଗତ ମୁହୂର୍ତ୍ତରେ ନାହାନ୍ତି, ତେବେ ତାଙ୍କ ସମ୍ମତି ବିନା ମୋବାଇଲ ଫୋନ୍ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଆଇପିସି ଧାରା ୩୫୪ସି ଅନୁସାରେ ଅପରାଧ ନୁହେଁ । ଜଷ୍ଟିସ ଏନ୍ କୋଟେଶ୍ୱର ସିଂ ଓ ଜଷ୍ଟିନ ମନମୋହନଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ରାୟକୁ ସମର୍ଥନ କରି ଜଣେ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି । ଏହିକ୍ରମରେ କୋର୍ଟ ପୁଲିସ୍ ଓ ଟ୍ରାଏଲ କୋର୍ଟଙ୍କୁ



ଭର୍ତ୍ସନା କରିଛନ୍ତି । ଜଣେ ମହିଳା ଏକ ବିବାଦୀୟ ଜମିରେ ପ୍ରବେଶ କରୁଥିବା ବେଳେ ଏକ ଭଡିଓ ରେକର୍ଡିଂକୁ ନେଇ ଏହି ମାମଲା ହୋଇଥିଲା । ୨୦୨୦ ମାର୍ଚ୍ଚ ୧୮ ରେ ଅଭିଯାଗ କରିଥିବା ମହିଳା ଜଣକ କେତେଜଣ ଶ୍ରମିକଙ୍କ ସହ ଏକ ବିବାଦୀୟ ସମ୍ପତ୍ତି ଅର୍ଥାତ ଜମିକୁ ଯାଉଥିବା ବେଳେ ଅଭିଯୁକ୍ତ ଭିଡିଓ ରେକର୍ଡିଂ କରିଥିଲେ । ଏ ନେଇ ମହିଳା ଜଣକ ଅଭିଯୋଗ କରିଥିଲେ । କିନ୍ତୁ ଏଥିରେ ମର୍ଯ୍ୟାଦାର ଉଲ୍ଲଂଘନ ହୋଇ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ । ଏଭଳି ଦୁର୍ବଳ ମାମଲାଗୁଡିକ ଶୁଣାଣି ନ କରିବାକୁ ପ୍ରୟାସ କରାଯିବା ଉଚିତ ଓ ଏହାଦ୍ୱାରା ନ୍ୟାୟାଳୟଗୁଡିକର ସମୟ ଅପଚୟ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ମାମଲାରେ ସବୁ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟ ମୁକ୍ତ କରିଛନ୍ତି ।

## ପାକିସ୍ତାନର ପ୍ରଥମ ସିଡିଏଫ୍ ହେଲେ ମୁନୀର



ଇସଲାମାବାଦ୍, ୫ ।୧୨(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ସୟଦ ଆସିମ ମୁନୀର ଆହୁରି ଶକ୍ତିଶାଳୀ ହୋଇଛନ୍ତି । ସେ ପାକିସ୍ତାନର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ହୋଇଛନ୍ତି । ସେ ଆଗାମୀ ୫ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବେ । ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦାରୀ ଏ ନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ମୁନୀର ସିଡିଏଫ୍ ବିବେଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶେହବାଜ ସିରିଫ୍ ଉଭୟ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏସ୍) ଓ ସିଡିଏସ୍ ପଦ ପାଇଁ ମୁନୀରଙ୍କ ନାମ ସୁପାରିଶ କରିଥିଲେ । ଏହାକୁ ଅନୁମୋଦନ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ସାମିଜିକ ଗଣମାଧମ 'ଏକ୍ସ'ରେ ପୋଷ୍ଟ କରାଯାଇଛି । ଉଲ୍ଲେଖଥାଉ କି, ଗତମାସରେ ପାକିସ୍ତାନ ସମ୍ବିଧାନରେ ୨୭ତମ ସଂଶୋଧନ କରାଯିବା ପରେ ମୁନୀର ସିଡିଏସ୍ ହେବା ନିଶ୍ଚିତ ହୋଇଥିଲା । ଏଥିସହ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି କରିବାକୁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଷ୍ଟପ୍ରତି ଅନୁମୋଦନ କରିଛନ୍ତି । ମୁନୀର ୨୦୨୨ରେ ସେନା ପ୍ରମୁଖ ହୋଇଥିଲେ । ଚିଫ୍ ଅଫ୍ ଷ୍ଟାଫ୍ ବଦଳରେ ସିଡିଏଫ୍ ପଦ ସୃଷ୍ଟି କରାଯାଇଥିଲା । ସିଡିଏଫ୍ ଜଳ, ସ୍ଥଳ ଓ ବାୟୁ ସେନାର ସନ୍ତୁଳନ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ।

# ସାମାଜିକ ଗଣମାଧମ ଆକାଉଣ୍ଟ ଯାଞ୍ଚ ପରେ ମିଳିବ ଏଚ୍-୧ବି ଭିସା

ଓ୍ୱାସିଂଟନ, ୫ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ନିୟମ ନେଇ କଡ଼ା ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏଚ-୧ବି ଭିସା ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟକୁ ସାର୍ବଜନୀନ କରିବାକୁ ହେବେ । ଯାହା ଫଳରେ ଆମେରିକୀୟ ଅଧିକାରୀମାନେ ଆବେଦନକାରୀଙ୍କ ପ୍ରାଫାଇଲ, ସୋସିଆଲ ମିଡିଆ ପୋଷ୍ଟ, ଲାଇକ୍ ଓ କମେଣ୍ଟ ଦେଖିପାରିବେ । ଯଦି ଆବେଦନକାରୀଙ୍କ କୌଣସି ସୋସିଆଲ ମିଡିଆ ଗତିବିଧି ଆମେରିକାର ହିତ ବିରୋଧରେ ଯାଉଥିବ, ତେବେ ତାଙ୍କୁ ଏହି ଭିସା ପ୍ରଦାନ କରାଯିବ ନାହିଁ । ଏଚ୍-୧ ବି ଭିସାର ଆଶ୍ରିତ (ପତ୍ନୀ, ପିଲା ଓ ପିତାମାତା)ଙ୍କ ଲାଗି ଜାରି ହୋଇଥିବା ଏଚ୍-୪ ଭିସା ପାଇଁ ମଧ୍ୟ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବାର ଜରୁରୀ ବୋଲି କୁହାଯାଇଛି । ପ୍ରଥମଥର ପାଇଁ ଏଚ୍-୧ବି ଭିସା ନେଇ ଏହି ନିୟମ ଜାରି ହେବ । ଡିସେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ ଓ ଏ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ସବୁ ଦୂତାବାସ୍‌କୁ ନିର୍ଦ୍ଦେଶ ଜାରି କରିଛନ୍ତି । ଅଗଷ୍ଟରୁ ଷ୍ଟଡି ଭିସା ଏଫ୍-୧, ଏମ୍-୧ ଓ ଜେ-୧ ସହିତ ଭିଜିଟର ଭିସା

- ଡିସେମ୍ବର ୧୫ରୁ ଲାଗୁ ହେବ ଏହି ନୂଆ ନିୟମ
- ୩୦ଟି ଦେଶ ଉପରେ ଯାତ୍ରା କଟକଣା ଲଗାଇବ ଆମେରିକା



ବି-୧, ବି-୨ ପାଇଁ ପୂର୍ବରୁ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବା ନିହତି ଜରୁରୀ ଓ ଏ ନେଇ ନିୟମ ଜାରି ହୋଇସାରିଛି ।

ଆମେରିକା ଏବେ ବିଶ୍ୱର ୩୦ଟି ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଆମେରିକା ଅବଶ୍ୟ ପୂର୍ବରୁ ୧୯ଟି ଦେଶ ଉପରେ ଏହି ପ୍ରତବନ୍ଧକ ଲାଗୁ କରିସାରିଛି । ଆମେରିକାର ଗୃହ ବିଭାଗ ସଚିବ କ୍ରିଷ୍ଟି ନୋଏମ ଏନେଇ ସୂଚନା ଦେଇଛନ୍ତି । ଅତିକମ୍‌ରେ ୩୦ଟି କିମ୍ବା ତାଠାରୁ ଅଧିକ ସଂଖ୍ୟକ ଦେଶଗୁଡିକ ଉପରେ ଏହି ପ୍ରତିବନ୍ଧ ଲାଗୁ ହେବ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ଦିଗରେ ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି । ତେବେ କେଉଁ ଦେଶଗୁଡିକ ବିରୋଧରେ ଏହି ପ୍ରତିବନ୍ଧକ ଲାଗୁ ହେବ ସେ ନେଇ ନୋଏମ ସ୍ପଷ୍ଟ କରିନାହାନ୍ତି । ଏହାପୂର୍ବରୁ ଆମେରିକା ୧୯ଟି ଦେଶର ନାଗିରକଙ୍କୁ ଆମେରିକା ନାଗରିକତା ଓ ଗ୍ରୀନ୍‌କାର୍ଡ ଦେବା ପ୍ରକ୍ରିୟାକୁ ରୋକିଥିଲା । ଗତମାସରେ ହ୍ୱାଇଟ ହାଉସ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ଚଳାଇବା ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଥିଲା ।

# ବନପାଳଙ୍କୁ ଜୋତାରେ ପିଟିଲେ ଗ୍ରାମବାସୀ

**ରାଇରଙ୍ଗପୁର/କରଞ୍ଜିଆ, ୫।୧୨(ସମିସ):** ଶ୍ରମିକଙ୍କ ବକେୟା ଟଙ୍କା ପ୍ରଦାନ ଦାବିରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀମାନଙ୍କୁ ଗ୍ରାମବାସୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏହାର ଏକ ଭିଡିଓ



ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗ୍ରାମବାସୀମାନେ ବନପାଳଙ୍କୁ ଜୋତାରେ ନିର୍ଘୃମ ମାଡ଼ ମାରୁଥିବା ବେଳେ ଅଟକାଇବାକୁ ଯାଇଥିବା ଅତିରିକ୍ତ ବନ ସଂରକ୍ଷକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି।

ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବକେୟା ମଜୁରୀ ଟଙ୍କା ପାଇଁ ନିର୍ଘୃମ ପିଟିଛନ୍ତି। ବରେହିପାଣି ରେଞ୍ଜ ବନପାଳ କାଳୀଚରଣ ନାଏକ ଓ ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ବକେୟା ଟଙ୍କା ପ୍ରଦାନ ଦାବିରେ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ହଠାତ୍ ବନପାଳଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପଶି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲାପେଲା କରିଥିଲେ। ଏହାର ଏକ ଭିଡିଓ ମୋବାଇଲ୍‌ରେ କଏଦ ହୋଇଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ଘଟଣାକୁ ନେଇ ଥାନାରେ ବନ ବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇଥିବାର ସୂଚନା ନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ନିଜସ୍ୱ ଅଞ୍ଚଳରେ ବନ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି।

## ୩ ଦିନ ପରେ ବାରବାଟୀ ମୁକାବିଲା

# ବାଉନ୍ସରଙ୍କ ଉପସ୍ଥିତିରେ ଟିକଟ ବିକ୍ରି

**କଟକ, ୫।୧୨ (ସମିସ):** ବାରବାଟୀ ମୁକାବିଲା ନିମନ୍ତେ ଟିକଟ ବିକ୍ରି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ବକ୍ସ ଅଫିସ୍‌ରେ ୧୦ ହଜାର କାଉଣ୍ଟର ଟିକଟ ବିକ୍ରି କରାଯିବା ସହ ସମସ୍ତ ଟିକଟ ଶେଷ ହୋଇଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା।






## ଅମାନିଆଙ୍କୁ ଅଡୁଆ କଲା ସର୍ପେଣ୍ଟାଇନ୍ ବ୍ୟାରିକେଡ୍

ମାତ୍ର ବ୍ୟାରିକେଡ୍‌ରେ ଅପେକ୍ଷାରତ ଦର୍ଶକଙ୍କୁ ନିରାଶ ନକରିବାକୁ ବକ୍ସ ଅଫିସ୍ ଆଉ ଘଣ୍ଟାଏ ଖୋଲା ରଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଟିକଟ ଶେଷ ହୋଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁମାନେ ଅନଲାଇନ୍ ଜରିଆରେ ଟିକଟ ବୁକ୍ କରିଥିଲେ ସେମାନଙ୍କୁ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟ୍ ପ୍ରଦାନ କରାଯିବ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ।

ପୂର୍ବତ୍ରୁଟିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ପୁଲିସ ପକ୍ଷରୁ ହୋଇଥିବା ଯୋଜନା ଫଳପ୍ରଦ ହୋଇଥିଲା। ସର୍ପେଣ୍ଟାଇନ୍ (ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଥିଲା। ଯଦ୍ୱାରା ସର୍ଭିସ ବ୍ୟାରିକେଡ୍ ଟପି ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡରେ ପ୍ରବେଶ କରିବା ଅମାନିଆଙ୍କ ନିମନ୍ତେ କାଠିକର ପାଠ ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଥମଥର ବକ୍ସ ଅଫିସ ସମ୍ମୁଖରେ ବାଉନ୍ସର ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କାଉଣ୍ଟର ଆଗରେ ଜଗି ରହିଥିଲେ ୪ରୁ ୬ଜଣ ବାଉନ୍ସର। ଏଣୁ ବକ୍ସ ଅଫିସରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମଧ୍ୟ କେହି ସାହସ କରିନଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ତଥା ସକାଳ ପ୍ରାୟ ୯ଟାରେ କ୍ରିକେଟପ୍ରେମୀଙ୍କ ଭିତରେ ଠେଲାପେଲା ହେବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହାକୁ ଲକ୍ଷ୍ୟରେ ରଖି ପୁଲିସ ଘଟଣାସ୍ଥଳରେ ଲାଠିଚାଳନା କରିଥିଲା। ତେବେ ଦିନ ସମୟରେ କେତେକ ଦିବ୍ୟାଙ୍ଗ ଟିକଟ କିଣିବାକୁ ଆସି ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଲମ୍ବା ଧାଡିରେ ଛିଡ଼ା ହୋଇ ଟିକଟ କିଣି ନପାରି ଫେରିବାକୁ ବସିଥିବା ବେଳେ କମିଶନରେଟ ପୁଲିସ ଏବଂ ଓସିଏ ପକ୍ଷରୁ ଆଲୋଚନା କରାଯାଇ ଦିବ୍ୟାଙ୍ଗଙ୍କ ପାଇଁ ଟିକଟ ବିକ୍ରିର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗଙ୍କୁ ଟିକଟ ବିକ୍ରି କରାଯାଇଥିଲା।

ପ୍ରକାଶ ଥାଉକି, ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ଦିନ ବାକି। ଟିକଟ ବିକ୍ରି ଶେଷ ହୋଇଥିବା ବେଳେ ଏବେ ମ୍ୟାଚ୍‌କୁ ଅପେକ୍ଷା। ଚଳିତଥର ୫ଟି କାଉଣ୍ଟରରେ ଅଫଲାଇନ୍ ଟିକଟ ବିକ୍ରି କରାଯାଇଥିଲା। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର ଖୋଲିଥିଲା। ଯେଉଁଥିରେ ଗ୍ୟାଲେରୀ ଏବଂ ସ୍ପେସିଆଲ ଏନକ୍ଲୋଜର ଟିକଟ ବିକ୍ରି କରାଯାଇଥିଲା। ହର୍ଶ ଗେଟ୍ ନିକଟରେ ଦାମୀ ଟିକଟ ବିକ୍ରି ହୋଇଥିଲା।

# ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପାଇଁ ଗଠନ ହେବ କମିଟି

## ୩ ବର୍ଷରେ ସରିବ ଚିହ୍ନଟ ପ୍ରକ୍ରିୟା

**ଭୁବନେଶ୍ୱର, ୫।୧୨(ସମିସ):** ରାଜ୍ୟର ୪୦୦୦ରୁ ଉର୍ଦ୍ଧ୍ୱ କୀର୍ତ୍ତିରାଜି ଚିହ୍ନଟ ହୋଇଛି ଏବଂ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଆଜି ପ୍ରଶ୍ନକାଳରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପ୍ରକ୍ରିୟା ଆଗକୁ ନେବାପାଇଁ ସେଣ୍ଟର୍ ଫର୍ ହେରିଟେଜ୍ ଷ୍ଟଡିଜ ସହ ରାଜ୍ୟ ସରକାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଗକୁ ରାଜ୍ୟ ସରକାର ବିଭିନ୍ନ ବ୍ୟକ୍ତିବିଶେଷ, ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ କରିବେ। ଏହି ଟିମ୍‌ର କାର୍ଯ୍ୟକାଳ ୩ ବର୍ଷ ରହିବ। ଟିମ୍‌ର ଚିହ୍ନଟ ପ୍ରକ୍ରିୟା ପରେ ସବୁ କ୍ଷେତ୍ରକୁ ବିଚାର କରି ଚିହ୍ନିତ କୀର୍ତ୍ତିରାଜିର ପାରିପାଶ୍ୱିକ ବିକାଶ କରାଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ଅନ୍ୟ ସଦସ୍ୟମାନେ ନିଜ ନିଜ ଅଞ୍ଚଳର ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୮୨ଟି ଐତିହ୍ୟ ଚିହ୍ନଟ କରାଯାଇଛି। ସେହିପରି ରାଜ୍ୟ ସରକାର ୨୧୨ଟି ଐତିହ୍ୟକୁ ମାନ୍ୟତା ଦେବା ସହ ଏହାର ସଂରକ୍ଷଣ କରୁଛନ୍ତି। ତେବେ ୪୦-୫୦ ବର୍ଷ ପୂର୍ବେ ଇନ୍‌ଟାକ୍ ଦ୍ୱାରା ଏକ ବେସରକାରୀ ସର୍ଭେ କରାଯାଇଥିଲା। ଏଥିରେ ରାଜ୍ୟରେ ୪୦୦୦ ଐତିହ୍ୟ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଐତିହ୍ୟ ଚୋରି କ୍ଷେତ୍ରରେ ଓଡ଼ିଶାର ନାମ ସର୍ବଭାରତୀୟ ସ୍ତରରେ ଖରାପ ଅଛି। ତେଣୁ ପ୍ରତ୍ୟେକ ଐତିହ୍ୟ, କୀର୍ତ୍ତିରାଜିର ଡକ୍ୟୁମେଣ୍ଟେସନ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ କଟକ ବାଲିଯାତ୍ରାକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ଦେବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେହିପରି ସଦସ୍ୟ ଯୋଗେଶ ସିଂ, ପବିତ୍ର ସାଉନ୍ତା, ଭାସ୍କର ମଢ଼େଇ ପ୍ରମୁଖ ନିଜ ନିଜ ଅଞ୍ଚଳର ପୁରାତନ ମନ୍ଦିର, ପୁଷ୍କରିଣୀ ଏବଂ ଐତିହ୍ୟର ବିକାଶ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏନେଇ ରୁଲିଂ ଦେଇ କହିଥିଲେ ଯେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଐତିହ୍ୟ କିର୍ତ୍ତୀରାଜି ରହିଛି। ପ୍ରାୟ ୧୫ ଜଣ ବିଧାୟକ ଏନେଇ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି। ତେଣୁ ସଦସ୍ୟମାନେ ଏନେଇ ମନ୍ତ୍ରୀଙ୍କୁ ଫର୍ଦ୍ଦକିଆ ନୋଟ୍ ପ୍ରଦାନ କରନ୍ତୁ ଏବଂ ମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରନ୍ତୁ ବୋଲି ବାଚସ୍ପତି କହିଥିଲେ।

## ଏସସିବିରେ ଡାଏଲିସିସ ମେସିନ ଅଚଳକୁ ନେଇ ବିଧାନସଭାରେ ଉଦ୍‌ବେଗ

# ଫ୍ଲୁଇଡ ପାଇଁ ମେସିନ ଅଚଳ ହେବା ଦୁର୍ଭାଗ୍ୟଜନକ: ବିରୋଧୀ

**ଭୁବନେଶ୍ୱର, ୫।୧୨(ସମିସ):** ରାଜ୍ୟର ସର୍ବବୃହତ୍ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାଏଲିସିସ ମେସିନ କାମ କରୁନାହିଁ। ଯାହାଫଳରେ ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି। ସରକାର ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଏସସିବି ମେଡିକାଲ କଲେଜରେ ଡାଏଲିସିସି ମେସିନ ଅଚଳ ପଡ଼ିଛି। ଏକ ନିର୍ଦ୍ଦିଷ୍ଟ ଫ୍ଲୁଇଡ ଅଭାବରୁ ମେସିନ ଅଚଳ ଥିବା ଶୁଣିବାକୁ ପଡୁଛି। ବିଭିନ୍ନ ଜିଲ୍ଲାରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ରାଜ୍ୟର ସବୁଠାରୁ ବଡ଼ ଡାକ୍ତରଖାନାରେ ଏପରି ସ୍ଥିତି ଗ୍ରହଣୀୟ ନୁହେଁ। ସରକାର ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ବିଜେଡି ସରକାର ସମୟରେ ଗରିବ ଲୋକଙ୍କ ପାଇଁ ନବୀନ ପଟ୍ଟନାୟକ ନିରାମୟ ଯୋଜନା ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ ପ୍ରକାରର ଔଷଧ ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ନିରାମୟ ଯୋଜନାରେ ପ୍ରାୟ ୮୦ ପ୍ରକାର ଔଷଧ ମିଳୁନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ସବୁ ଔଷଧ ରୋଗୀଙ୍କୁ ଦିଆଯିବା ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଶାରଦା ଜେନା କହିଥିଲେ ଯେ ଡାଏଲିସିସ ମେସିନ ଅଚଳ ଥିବା କାରଣରୁ ପ୍ରାୟ ୭୦ ଜଣ ବୃକକ୍ ରୋଗୀ ଏନେଇ ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ନିଜର କ୍ଷୋଭ ଜଣାଇଛନ୍ତି। ଏହି ଚିଠିରୁ ଓଡ଼ିଶାର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଜଳଜଳ ଦିଶୁଛି। ମାତ୍ର ଫ୍ଲୁଇଡ ପାଇଁ ମେସିନ ଅଚଳ ହେବା ଦୁର୍ଭାଗ୍ୟଜନକ। ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ।

**ନିରାମୟରେ ରୋଗୀଙ୍କୁ ମିଳୁଥିଲା ୨୦୦ ଔଷଧ, ଏବେ ମାତ୍ର ୮୦**

# ମହିଳାଙ୍କ ଉପରେ ମାଡ଼ିଗଲା ଟ୍ରକ୍

**ରାଇରଙ୍ଗପୁର/ଯଶିପୁର, ୫।୧୨(ସମିସ):** ଯଶିପୁର ଥାନା ଅନ୍ତର୍ଗତ ବାଦାମପାହାଡ଼ ଛକରେ ଜଣେ ମହିଳାଙ୍କ ଉପରେ ଏକ ଲୁହା ପଥର ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ।



ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ଣରେ ଯଶିପୁର ବଜାରର ବାଦାମପାହାଡ଼ ଛକରେ ମହିଳାଜଣଙ୍କ ରାସ୍ତା ପାର୍ ହେଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଯାଉଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ ତାଙ୍କ ଉପରକୁ ମାଡ଼ିଯାଇଥିଲା। ଖବର ପାଇ ଯଶିପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କ ପରିଚୟ ମିଳି ପାରିନାହିଁ।

# ଧାନ ବିଲରେ ମୃତ ହାତୀ ଛୁଆ

**କେନ୍ଦୁଝର, ୫।୧୨(ସମିସ):** କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କସଡ଼ା ଗାଁ ନିକଟସ୍ଥ ଏକ ଚାଷ ବିଲରୁ ମାଈ ହାତୀ ଛୁଆର ଶବକୁ ଜବତ କରାଯାଇଛି। ବନବିଭାଗ ଟିମ ହାତୀ



ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ଛୁଆର ବୟସ ୮ରୁ ୧୦ବର୍ଷ ହେବ। ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନବିଭାଗ କହିଛି। ଶନିବାର ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ। ଶୁକ୍ରବାର ଅପରାହ୍ଣରେ ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇଥିଲେ। ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଛୋଟ ମାଈ ହାତୀଟି ମୃତ୍ୟୁ ପରେ ଅଲଗା ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହିଥିବା ସୂଚନା ମିଳିଛି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଫରେଷ୍ଟର

**ଝାରସୁଗୁଡ଼ା/ଇବ ଥର୍ମାଲ, ୫।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁ ନିଜ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଫରେଷ୍ଟର ଗୌରାଙ୍ଗ ସାହୁ ବନ୍ଧବାହାଲ ଅଞ୍ଚଳରେ ମୋହିତ ପ୍ରଧାନଙ୍କୁ ଗଛକଟା ଅନୁମତି ଦେବା ପାଇଁ ୫ ହାଜର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ବିଭାଗ ମାଡ଼ି ବସିଥିଲା। ଟଙ୍କା ଜବତ କରିବା ସହ ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁଙ୍କୁ ଅଟକ ରଖି ତଦନ୍ତ କରୁଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ବନ୍ଧବାହାଲ ଅଞ୍ଚଳରେ ନିଜ ଜମିରେ ଥିବା ଏକ ଶୁଖିଲା ନୀଳଗିରି ଗଛକୁ କାଟିବା ଏବଂ ପରିବହନ କରିବା ପାଇଁ ମୋହିତ ପ୍ରଧାନ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ଅଧୀନ ବନ୍ଧବାହାଲ ସେକ୍ସନର ଫରେଷ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ଅନୁମତି ଦେବା ପାଇଁ ଫରେଷ୍ଟର ଗୌରାଙ୍ଗ ସାହୁ ଆବେଦନକାରୀ ମୋହିତ ପ୍ରଧାନଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

## ଘରକୁ ଫେରିବାର ବାଟ ଫିଟାଇଲା ଜୟ ଜଗନ୍ନାଥ ଧ୍ୱନି

# ୧୨ ବର୍ଷ ପରେ ବାଂଲାଦେଶରୁ ଫେରିବେ ନିଖୋଜ ସୁଦାମ

**ବଡ଼ସାହି, ୫।୧୨(ସମିସ):** ପାଖାପାଖି ୧୨ବର୍ଷ ତଳେ ନିଖୋଜ ହୋଇଯାଇଥିବା ସୁଦାମ ହେମ୍ବ୍ରମ (୪୦) ଆସନ୍ତାକାଲି (ଶନିବାର) ବାଂଲାଦେଶରୁ ନିଜ ଘରକୁ ଫେରିବେ। ସୁଦାମଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସୁଦାମଙ୍କ ପୁତୁରା ଏବଂ ସମ୍ପର୍କୀୟ ଆଜି ଭାରତ-ବାଂଲାଦେଶ ସୀମା 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁଦାମଙ୍କ ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।



ସୁଦାମଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଧୀନ ପାଉଁଶିଆ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ୧୨ବର୍ଷ ତଳେ ତାଙ୍କ ବାପା କିଶୋରଙ୍କ ମୃତ୍ୟୁ ପରେ ତାଙ୍କର ମସ୍ତିଷ୍କ ବିକୃତି ବାହାରିଥିଲା। ପରେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳିନଥିଲା। ପରିବାରଲୋକେ ମଧ୍ୟ ତାଙ୍କର ଫେରିବା ଆଶା ଛାଡ଼ି ଦେଇଥିଲେ। ତେବେ ସୁଦାମ ଏପରି ବୁଲୁବୁଲୁ ଯାଇ ବାଂଲାଦେଶରେ ପହଞ୍ଚି ଯାଇଥିଲେ। ବିଭିନ୍ନ ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ରାସ୍ତାରେ ବୁଲୁଥିବା ବେଳେ ସେ ସବୁବେଳେ 'ଜୟ ଜଗନ୍ନାଥ, ଜୟ ଜଗନ୍ନାଥ' ଭଜି ହେଉଥିଲେ। ସୁଦାମଙ୍କ ଅବସ୍ଥା ଦେଖି ସେଠାକାର ଏକ ସାମାଜିକ ଅନୁଷ୍ଠାନ 'ମାନବ ସେବା ସଂଗଠନ'ର ସମାଜସେବୀ ଜନାବ ଅବ୍‌ଦୁଲ ଗିନି ଫିଟୁ ତାଙ୍କୁ ଉଦ୍ଧାର କରିଥିଲେ। ଚାଲିଚଳଣ ଓ ଭାଷାରୁ ଅବଦୁଲ ବୁଝିଯାଇଥିଲେ ଯେ ସୁଦାମ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କ ଘର ଓଡ଼ିଶାରେ ହୋଇଥିବ। ସେ ତାଙ୍କର ଚୁଟି, ଦାଢ଼ି, ନଖ କାଟି ତାଙ୍କର ଚିକିତ୍ସା ଓ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ଏହାପରେ ହୋମ୍ ରେଡିଓରେ ପଶ୍ଚିମବଙ୍ଗ ରେଡିଓ କ୍ଲବ୍‌କୁ ଫଟୋ ପଠାଇବା ପରେ ତାଙ୍କ ପୁତୁରା ସୁବାସ ତାଙ୍କୁ ଭିଡିଓ ମାଧ୍ୟମରେ ଚିହ୍ନଟ କରିବାରୁ ତାଙ୍କ ଫେରିବା ପାଇଁ ବାଟ ଫିଟିଥିଲା। ହୋମ୍-ରେଡିଓରେ ପଶ୍ଚିମବଙ୍ଗର ସମ୍ପାଦକ ଅମ୍ବରୀଶ ନାଗ ବାଂଲାଦେଶ ହାଇକମିସନର୍ ଓ ଭାରତୀୟ ଦୂତାବାସ ସହ ଯୋଗଯୋଗ କରିଥିଲେ। ମାତ୍ର ଆଇନଗତ ଜଟିଳତା ଓ ଆର୍ଥିକ ଅନଟନ ସମସ୍ୟା ମୁଣ୍ଡ ଟେକିଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଏହାକୁ ଦୂର କରାଯାଇଛି। ଫଳରେ ତାଙ୍କ ପୁତୁରା ଓ ସମ୍ପର୍କୀୟ ପ୍ରଶାସନ ମାଧ୍ୟମରେ ତାଙ୍କୁ ଘରକୁ ଫେରାଇବା ପାଇଁ ଭାରତ-ବାଂଲାଦେଶ ସୀମାକୁ ଗସ୍ତ କରିଛନ୍ତି। ଶନିବାର ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିବେ ବୋଲି ଜଣାଯାଇଛି।






## ରାଇରଙ୍ଗପୁର ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବାରୁ ଉତ୍ତେଜନା

ରାଇରଙ୍ଗପୁର, ୫।୧୨(ସମିସ)



ରାଇରଙ୍ଗପୁର ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ୭୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ କର୍ତ୍ତୃପକ୍ଷ ଅକାରଣରେ ପରୀକ୍ଷାରେ ଫେଲ୍ କରିଥିବାର ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଶୁକ୍ରବାର ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ମହାବିଦ୍ୟାଳୟ ମଧ୍ୟରେ ବନ୍ଦ କରି ମୁଖ୍ୟ ଫାଟକରେ ତାଲା ପକାଇ ଟାୟାର ଜାଳି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି।

ସୂଚନା ଅନୁଯାୟୀ, ରାଇରଙ୍ଗପୁର ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଫଳ ପ୍ରକାଶ ପାଇଛି। ତେବେ ଉକ୍ତ ପରୀକ୍ଷା ଫଳରେ ମହାବିଦ୍ୟାଳୟର ପ୍ରାୟତଃ ୨୫ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବାକି ୭୫ ପ୍ରତିଶତ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ମହାବିଦ୍ୟାଳୟରେ ଅଧ୍ୟାପକ/ଅଧ୍ୟାପିକାମାନେ ସଠିକ୍ ଭାବେ ଶିକ୍ଷାଦାନ କରୁ ନ ଥିବାବେଳେ ଅଧିକାଂଶ କ୍ଲାସ୍ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ସେହିପରି ପାଠାଗାରରେ ପାଠ୍ୟପୁସ୍ତକ ମଧ୍ୟ ଉପଲବ୍ଧ ନାହିଁ। ଏହାପରେ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀମାନେ ନିଜ ଅଧ୍ୟୟନ କରି ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀ ପରୀକ୍ଷାରେ ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛନ୍ତି। ତେବେ କିପରି ତାଙ୍କୁ ଫେଲ୍ କରାଗଲା ସେନେଇ ଅସନ୍ତୋଷ ପ୍ରକାଶ ପାଇଛି। ସିଲାବସ୍ ଅନୁଯାୟୀ ପ୍ରତି ୬ ମାସକୁ ଥରେ ସେମିଷ୍ଟର ପରୀକ୍ଷା ହେବାକୁ ଥିବା କ୍ଲାସ୍ ନ କରି ପ୍ରତି ୨ମାସରେ ପରୀକ୍ଷା ନେଇ ନୋଟିସ୍ କରୁଛନ୍ତି। ଯାହାକି କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ନିୟମ ବାହାର କାର୍ଯ୍ୟ ଅଟେ। ତେଣୁ ପରୀକ୍ଷାରେ ଫେଲ୍ କରିଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାକୁ ବିନା କୌଣସି ଫି' ପୈଠ କରି କର୍ତ୍ତୃପକ୍ଷ ପୁନଃ ଯାଞ୍ଚ କରନ୍ତୁ। ଏହାସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ତୀର୍ଣ୍ଣ କରିବା ସହ ମହାବିଦ୍ୟାଳୟର ଅବ୍ୟବସ୍ଥା ସୁଧାର ନିମନ୍ତେ ଦାବି କରିଛନ୍ତି। ତେବେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ପରୀକ୍ଷା ଖାତା ଯାଞ୍ଚ କରି ଗ୍ରେସ୍ ମାର୍କ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ସ୍ଥଗିତ କରିଥିଲେ।

**ମୁଖ୍ୟ ଫାଟକରେ ତାଲା ପକାଇ ଟାୟାର ଜାଳିଲେ**

## ଅଗ୍ନିକାଣ୍ଡରେ ଜଳିଗଲା ଧନସମ୍ପତ୍ତି

**କପ୍ତିପଦା, ୫।୧୨(ସମିସ):** କପ୍ତିପଦା ବ୍ଲକ ପଦ୍ମ ପୋଖରୀ ପଞ୍ଚାୟତ ଧପଡ଼ା ରାଣୀପୋଖରୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗାଁର ଗାର୍ଦ୍ଦିତିଉ (୩୧)ଙ୍କ ଘର ନିକଟରେ ଥିବା ଏକ ଚାଳଛପର ଘର ପାଉଁଶ ହୋଇଯାଇଛି। ଘରର ଆସବାବପତ୍ର ଓ ୧୦ କ୍ୱିଣ୍ଟାଲ ଧାନ ପୋଡ଼ିଥିବା ସହ ଅମଳ ହୋଇ ନ ଥିବା ଧାନରେ ମଧ୍ୟ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ ମଧ୍ୟ ରାସ୍ତା ଶୋଚନୀୟ ହୋଇଥିବା ଯୋଗୁଁ ଦମକଳ ଗାଡ଼ି ପହଞ୍ଚିପାରି ନ ଥିଲା। ତେବେ ଗାଁ ଲୋକେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଗାର୍ଦ୍ଦି ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୩ ଗିରଫ

**ରାଇରଙ୍ଗପୁର, ୫।୧୨(ସମିସ):** ଜୁଆ ଖେଳୁଥିବାବେଳେ ଯଶିପୁର ଥାନା ପୁଲିସ ଚଢ଼ଉ କରି ୩ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ରରୁଆଁ ଛକ ଅଞ୍ଚଳର ତପନ ମହାନ୍ତ, ଧବଡିହା ଅଞ୍ଚଳର ପାଣ୍ଡୁ ହୋ ଓ ହଟିଆପଥର ଅଞ୍ଚଳର ଶରତ ଚନ୍ଦ୍ର ନାଏକ। ପୁଲିସ ପାଟ୍ରୋଲିଂ ଜାରି ରହିଥିବାବେଳେ ଜୁଆ ଖେଳ ଚାଲୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏ ନେଇ ଧବଡିହା ଅଞ୍ଚଳରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଖସିବାକୁ ଚେଷ୍ଟା କରୁଥିବା ବେଳେ ୩ ଜଣଙ୍କୁ ଗିରଫ କରିଥିଲେ। ଏଥି ସହିତ ଟଙ୍କା, କାର୍ଡ ଓ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ଜବତ କରାଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୫।୧୨(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣବେଳେ କରଞ୍ଜିଆ ଅଞ୍ଚଳରୁ ଖମି ବିଭାଗ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ ଦେଓ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲେ। ମାଣିକ ଛକରେ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲେ। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏନେଇ କରଞ୍ଜିଆ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।




# ପରଲୋକରେ ଶାନ୍ତନୁ ଦାସପଟ୍ଟନାୟକ



**ବାରିପଦା, ୫।୧୨(ସମିସ):** ମୟୂରଭଞ୍ଜ ନିବାସୀ ବରିଷ୍ଠ ଯନ୍ତ୍ରୀ, ବିଶିଷ୍ଟ କବି ଶାନ୍ତନୁ ଦାସପଟ୍ଟନାୟକଙ୍କ ୮୪ବର୍ଷ ବୟସରେ ହାଇଦ୍ରାବାଦସ୍ଥିତ ତାଙ୍କର ସୁପୁତ୍ର ସମ୍ବିତ ଦାସପଟ୍ଟନାୟକଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି। ଅନ୍ତିମ ସମୟରେ ତାଙ୍କ ସହଧର୍ମିଣୀ ବିଶିଷ୍ଟ କବୟିତ୍ରୀ, ଚିତ୍ରଶିଳ୍ପୀ ଅଳକା ଦାସପଟ୍ଟନାୟକ, ପୁତ୍ର ସମ୍ବିତ, ପୁତ୍ରବଧୂ ଇଷିତା, ଦୁଇନାତି ଆୟୁଷ୍ମାନ ଓ ସୂର୍ଯ୍ୟାଂଶ, ଜ୍ୟେଷ୍ଠା କନ୍ୟା ସୁନ୍ୟା, ଜ୍ୟେଷ୍ଠ ଜାମାତା ସଞ୍ଜିତ୍ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଅନ୍ତିମ ସଂସ୍କାର କରିଥିଲେ। ଦିବଂଗତ ଶାନ୍ତନୁ ତାଳଚେର ଥର୍ମାଲସ୍ଥିତ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ରେ ଇଞ୍ଜିନିୟର ଭାବେ ନିଷ୍ଠାପର କାର୍ଯ୍ୟ କରି ପଦୋନ୍ନତି ନେଇଥିଲେ ନୂଆଦିଲ୍ଲୀର ମୁଖ୍ୟ ଶାଖାକୁ। ସେଇଠି ତାଙ୍କର ବହୁମୁଖୀ ପ୍ରତିଭାର ବିକଶିତ ହେଲା। ଦିଲ୍ଲୀର ଶ୍ରୀଜଗନ୍ନାଥ ମନ୍ଦିର ସଂସଦର ଜଣେ ପ୍ରବୀଣ ସଂଗଠକ ରହି ଅନେକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ କରିବା ସହିତ ସାହିତ୍ୟ, କଳା, ସଂସ୍କୃତିରେ ପ୍ରଗାଢ଼ ରୁଚି ରଖିଥିଲେ। ପରେ ଦିଲ୍ଲୀରୁ ନାଗପୁର ଶାଖାକୁ ଜେନେରାଲ ମ୍ୟାନେଜର ଭାବେ ସ୍ଥାନାନ୍ତରିତ ହେଲେ ଏବଂ ପରେ ମୁମ୍ବଇର ଜେନେରାଲ ଇଲେକ୍ଟ୍ରୋନିକ୍ସରେ ଉଚ୍ଚ ପଦରେ ରହି ଅବସର ଗ୍ରହଣ କରିଥିଲେ। ଆକସ୍ମିକ ଭାବେ ମେରୁଦଣ୍ଡରେ ଆଘାତ ହବା ଯୋଗୁଁ ଦୀର୍ଘ ଦିନ ଚିକିତ୍ସାଧୀନ ରହି ଶେଷରେ ଗତ ଗୁରୁବାର ପ୍ରାତଃ ୫ଟାରେ ପରଲୋକ ଗମନ କଲେ। ୧୯୪୨ ଏପ୍ରିଲ ୬ ତାରିଖରେ ବାରିପଦାସ୍ଥିତ ପୁରୁଣା ହାଟସାହିରେ ସେ ଜନ୍ମଗ୍ରହଣ କରିଥିଲେ।









## ଶୌଚାଳୟରେ ଗୋଡ଼ ଖସି ୩ ଛାତ୍ରୀ ଗୁରୁତର


**ମୋରଡ଼ା, ୫।୧୨(ସମିସ):** ମୋରଡ଼ା ବ୍ଲକ ଅଧୀନ ନୂଆଗାଁସ୍ଥିତ ହରପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନଭୋଜନ ସମୟରେ ଅଘଟଣ ଘଟି ୩ ଜଣ ଛାତ୍ରୀ ଗୁରୁତର ଆହତ ହୋଇଥିବାର ଦେଖିବାକି ମିଳିଛି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ସ୍ମୃତିରେଖା ସାହୁଙ୍କ କହିବା ମୁତାବକ, ଶୁକ୍ରବାର ଦିନ ୧ଟା ୩୦ ମିନିଟ୍ ସମୟରେ ୧୦ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତ ଶୌଚାଳୟକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଲୁହା ଗ୍ରିଲ୍‌ରେ ତାଙ୍କ ମୁଣ୍ଡ ବାଜିଥିଲା। ଫଳରେ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡରୁ ରକ୍ତ ବାହାରୁଥିବାର ଦେଖି ତାଙ୍କ ସହପାଠିନୀ ନାଗେଶ୍ୱରୀ ମହାନ୍ତ ଏବଂ ଷଷ୍ଠ ଶ୍ରେଣୀର ଛାତ୍ରୀ ପ୍ରିତିଶ୍ରୀ ମହାନ୍ତ ମୂର୍ଚ୍ଛା ହୋଇ ପଡ଼ିଥିଲେ। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମହାନ୍ତ ଆହତ ଲକ୍ଷ୍ମୀପ୍ରିୟାଙ୍କୁ ଔଷଧ ଦେଇ ଚିକିତ୍ସା କରାଇଥିଲେ ବୋଲି ଅନ୍ୟ ଛାତ୍ରମାନେ ପ୍ରକାଶ କରିଛନ୍ତି। ଏହାପରେ ଆମ୍ବୁଲାନ୍ସ ଯୋଗେ ଉକ୍ତ ୩ ଛାତ୍ରୀଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ, ଶିକ୍ଷକ କାର୍ତ୍ତିକଚନ୍ଦ୍ର ମହାନ୍ତଙ୍କ ସହିତ ଅଭିଭାବକ ଉପସ୍ଥିତ ଥିଲେ।





















## ଡ୍ରଗ୍ସ ନିରୀକ୍ଷକଙ୍କ ଉପରେ ଆକ୍ରମଣକୁ ଔଷଧ ବ୍ୟବସାୟୀ ସଙ୍ଘର ନିନ୍ଦା

**ବାରିପଦା, ୫।୧୨(ସମିସ):** ବିନା ଲାଇସେନ୍ସରେ ବେନାମୀ କମ୍ପାନୀର ଔଷଧ ବିକ୍ରି ହେଉଥିବା ଖବର ପାଇ ବୈଶିଙ୍ଗା ବଜାରସ୍ଥିତ ମା' ଦୁର୍ଗା ଫିଡ୍ସ ନାମକ ଏକ ଗୋ-ଦାନା ଦୋକାନରେ ମୟୂରଭଞ୍ଜ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଚଢ଼ଉ କରିଥିଲେ। ଏହି ସମୟରେ ଘର ମାଲିକଙ୍କ ପୁଅ ଉତ୍ସର୍ଗ ବେହେରା ଓ ଗୋ-ଦାନା ଦୋକାନୀ ରଞ୍ଜନ ନାୟକ ଦୁହେଁ ମିଶି ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ମାରି ଦୋକାନରୁ ବାହାର କରି ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘର ଏକ ଜରୁରୀ ବୈଠକ ଜିଲ୍ଲା ସଭାପତି ବିକାଶ ମହାନ୍ତଙ୍କ ଅଧ୍ୟକ୍ଷତାରେ ବସିଥିଲା। ଏଥିରେ ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ବରିଷ୍ଠ ସଦସ୍ୟ ସୁଢଳ ବିହାରୀ ମହାନ୍ତି, ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ ସଦସ୍ୟ ସରୋଜ ସାହୁ, ଅମୀୟ ମହାପାତ୍ର, ଶିବଶଙ୍କର ସାକୁନିଆ, ନରେଶ ଅଗ୍ରୱାଲା, ନାରାୟଣ ବେହେରା, ନିରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଏଭଳି ଅଶୋଭନୀୟ ଘଟଣାକୁ ସଂଘ ତରଫରୁ ଘୋର୍ ନିନ୍ଦା କରାଯାଇଛି।

## ସଭାବନା ସମିତିର ମାସିକ ସନ୍ଥ ଦିବସ

**ବାରିପଦା, ୫।୧୨(ସମିସ):** ଭଗବାନ ସବୁ କାମ ନିଜେ କରନ୍ତିନି। କିଛି କାମ ତାଙ୍କ ପ୍ରିୟଜନଙ୍କ ଦ୍ୱାରା କରାଇନିଅନ୍ତି। ପ୍ରଶ୍ନ ଆସେ ତାଙ୍କ ପ୍ରିୟଜନଙ୍କ ଭିତରେ ମୁଁ ଗଣା କି ନୁହେଁ। ପ୍ରକୃତରେ 'ମୁଁ ଆଇରନ୍ ମ୍ୟାନ୍ ନା ସାଇରନ୍ ମ୍ୟାନ୍' ପ୍ରଶ୍ନ ଉପରେ ସଭାବନା ସମିତିର ୫୮୮ତମ ମାସିକ ସନ୍ଥ ଦିବସ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ସଦସ୍ୟ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ପୂର୍ଣ୍ଣମୀ ତିଥିରେ ପାଳିତ ହୋଇଯାଇଛି। ଏ ମାସରେ ଆବିର୍ଭାବ ପ୍ରଶ୍ନ ଯୀଶୁ, ଭକ୍ତ ମୀରାବାଇ, ମହାବୀର ଜୈନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଲୋଚନାରେ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ଆଭିମୁଖ୍ୟ ରଖିଥିଲେ। ମୁଖ୍ୟ ଅତିଥି ଡ. ବିଜୟ ଅଗ୍ରୱାଲା, ସମ୍ମାନିତ ଅତିଥି ଭାବେ ଡ. ଝରଣା ବେହେରା, ସମ୍ମାନିତ ବକ୍ତା ଭାବେ ସାମ୍ବାଦିକ ଦୀପକ ନାୟକ, ଡ. କୁଞ୍ଜବନ ପୃଷ୍ଟି, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ଅଶୋକ ପଲେଇ, ଶଙ୍କର ଜେନା, କୈବଲ୍ୟ ପ୍ରସାଦ ମହାପାତ୍ର, ଭାଗୀରଥ ନନ୍ଦ, ଭାସ୍ୱତୀ ବାରିକ, ରଘୁନାଥ ପଣ୍ଡା, ସାମ୍ବାଦିକ ସତ୍ୟାନନ୍ଦ ଶେଜପଡ଼ା ଓ ପଦ୍ମନାଭ ସାହୁ ଆଲୋଚନାରେ ଭାଗ ନେଇଥିଲେ। ସମିତିର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୁଳିଅଣା, ୫।୧୨(ସମିସ):** ଚାନ୍ଦୁଆସ୍ଥିତ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟକଙ୍କ ପ୍ରତିନିଧି ସୁଗୁଦା ମୁର୍ମୁ, ବିଡିଓ ଜିତେନ୍ଦ୍ର ମୁର୍ମୁ, କୁଳିଅଣା ବ୍ଲକ ଅଧ୍ୟକ୍ଷ ଦୀପିକା ସିଂ, ଉପାଧ୍ୟକ୍ଷ ଅନିମା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଆନନ୍ଦ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ପିଆର୍ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ/ସଭ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ମୋଟ୍ ୫୬୨ଜଣ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୬୪ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ ହୋଇଥିବାବେଳେ ୩ଜଣ ସର୍ଜରୀ, ୧୩୯ ଜଣ ଆବଶ୍ୟକୀୟ ଉପକରଣ, ୧୬୧ ବସ୍ ପାସ୍, ୧୨୦ ଜଣ ଆର୍ ପ୍ରମାଣପତ୍ର, ୧୨ଜଣ ପାଇଁ ଋଣ ଆବେଦନ କରିଛନ୍ତି। ଶିବିରରେ ଡା. ସୁଲତା ପ୍ରଧାନ, ଡା. ମୋହନ ମୁର୍ମୁ, ଡା. ବିଏନ୍ ଦାଶ, ଫିଜିଓଥେରାପି ଡା. ଚୁନୁରାମ ସରେନ, ଡା. ଏସ୍‌ପି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ସେବା ପାଇଁ ଚାନ୍ଦୁଆ ଏସ୍‌ଏସ୍‌ଡି ସ୍କୁଲ ପିଲା ସହିତ ସମସ୍ତ ପିଇଓ ଉପସ୍ଥିତ ଥିଲେ। କେଉଁଟୁଣି ମାରି ଜଣେ ବ୍ୟକ୍ତି ଶମ୍ଭୁ ଦେହୁରି ବହୁତ ଅସୁସ୍ଥ ଥିବାବେଳେ ବିଡିଓ ନିଜେ କାର୍ଯ୍ୟକର୍ତ୍ତା ସହ ମିଶି ଷ୍ଟ୍ରେଚରରେ ବୋହି ତାଙ୍କୁ ଶିବିରକୁ ଆଣିଥିଲେ। ଯାହାକୁ ସମସ୍ତେ ଖୁବ୍ ପ୍ରଶଂସା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାରିପଦା, ୫।୧୨(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳପଡ଼ିଆରେ ଅଧ୍ୟକ୍ଷା ଡ. ସାଗରିକା ସିଂହ ଉଦ୍‌ଘାଟନ କରିଥିଲେ। ମହିଳା ମହାବିଦ୍ୟାଳୟରେ ନବନିଯୁକ୍ତା ଶାରୀରିକ ଶିକ୍ଷା ଶିକ୍ଷିକା ତନିଷ୍କା ମନସ୍ୱିନୀ ସାହୁ ଏବଂ କ୍ରୀଡ଼ା ସଂସଦର ସଂଯୋଜିକା ପ୍ରଫେସର ଡ. ସ୍ମରଣିକା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ଟଗ୍ ଅଫ ୱାର୍, ମ୍ୟୁଜିକ୍ ଚେୟାର ଇତ୍ୟାଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକଙ୍କ ସହିତ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ରଜନୀକାନ୍ତ ଶଙ୍ଖୁଆ, ଲକ୍ଷ୍ମଣ ଟୁଡୁ, ଡ. ଶିବ ସୋରେନ୍, ଡ. ଦେବାନନ୍ଦ ବେହେରା, ସତ୍ୟ ସୌରଭ ବେହେରା, ସଙ୍ଗୀତା ପତି, ଡ. ସୁଶାନ୍ତ କୁମାର ମହାନ୍ତ, ଡ. ଚନ୍ଦ୍ରକାନ୍ତ ଦାସ, ଡ. ଅନୁପମା ଭୋଳ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

### ମୟୂରଭଞ୍ଜ ମହୋତ୍ସବର ୫ମ ସନ୍ଧ୍ୟା

# କ୍ରିଷ୍ଣା ବେଉରାଙ୍କ ଗୀତରେ ଦର୍ଶକ ବିମୋହିତ

**ବାରିପଦା, ୫।୧୨(ସମିସ)**

ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୫ମ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ମହୋତ୍ସବ ଆରମ୍ଭରୁ ୮ ବର୍ଷ ମଧ୍ୟରେ ଜିଲ୍ଲାବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ରାଜ୍ୟର ପ୍ରମୁଖ ମହୋତ୍ସବକୁ ପଛରେ ପକାଇଛି ବୋଲି ଆୟୋଜକଙ୍କ ଭୂୟସୀ ପ୍ରଶଂସା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଅତିସ ବରଣ ପତି, ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ମୁଖପତ୍ର ସମ୍ପାଦକ ଆଇନଜୀବୀ ବିଭୁ ପ୍ରସାଦ ଦାସ, ସାଂଗଠନିକ ସମ୍ପାଦକ ରାକେଶ ସିଂ ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ।



ପ୍ରାରମ୍ଭରେ ସ୍ଥାନୀୟ କଳାକାର ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ ଭାବେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଷଷ୍ଠ ସନ୍ଧ୍ୟାରେ ଆଦିବାସୀ କଳାକାର ରଞ୍ଜିତା ସିଂ, ରାମ ମୁଣ୍ଡା, ପୁଟା କେରାଇ, ରିନା ସିଂ, ପୃଥ୍ୱୀରାଜ ସିଂ ଓ ସାଥୀଙ୍କର କାର୍ଯ୍ୟକ୍ରମ ରହିଛି।

## ମୟୂରଭଞ୍ଜ ମହୋତ୍ସବରେ ଲାଖବିନ୍ଧା ପ୍ରତିଯୋଗିତା

**ବାରିପଦା, ୫।୧୨(ସମିସ):** ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବ ଉପଲକ୍ଷେ 'ଲାଖବିନ୍ଧା' (ଲକ୍ଷ୍ୟ ଭେଦ) ପ୍ରତିଯୋଗିତା ବୁଧବାର ବାରିପଦା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିର ପୁରୁଷ ଓ ମହିଳା ଉଭୟ ବିଭାଗ ମିଶାଇ ମୋଟ ୪୬୫

**୩୭୫ ପୁରୁଷ ଓ ୯୦ ମହିଳାଙ୍କ ଅଂଶଗ୍ରହଣ**

ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୩୭୫ ଜଣ ପୁରୁଷ ଓ ୯୦ ଜଣ ମହିଳା ପ୍ରତିଯୋଗୀ ଥିଲେ। ଉଭୟ ବିଭାଗରେ ବିଜେତା ଘୋଷଣା କରାଯାଇଛି। ଆସନ୍ତା ୮ ତାରିଖ ସନ୍ଧ୍ୟାରେ ଉତ୍ସବ ମଞ୍ଚରେ ସମସ୍ତ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ



ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ବିଭାଗ ପକ୍ଷରୁ ଯମୁନା ହେମ୍ବ୍ରମ (ବାରିପଦା), ଚାମା ମୁର୍ମୁ (କୁଳିଆଣା), ଶାନ୍ତିଲତା ହେମ୍ବ୍ରମ (କୁଳିଅଣା), ମଲ୍ଲି ଟୁଡୁ (ବାରିପଦା) ଓ ସୁନିତା ଟୁଡୁ (ବାରିପଦା) ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପୁରୁଷ ବିଭାଗ ପକ୍ଷରୁ ସୋମନାଥ ହେମ୍ବ୍ରମ (ଖୁଣ୍ଟା), ଧନୁରାମ କିସ୍କୁ (ଶୁଳିଆପଦା), ଦୁର୍ଗା ମୁର୍ମୁ (ରାସଗୋବିନ୍ଦପୁର), ବାଜୁନ୍ ମାର୍ଣ୍ଡି (ମୋରଡ଼ା) ଓ ଶିବଶଙ୍କର ହାଁସଦା (ମୋରଡ଼ା) ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କମିଟି ପକ୍ଷରୁ ଅମର ସେଠୀ, ଅରୁଣ ବରାଡ଼ ଓ ଦିବ୍ୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ପରିଚାଳନା ଦାୟିତ୍ୱରେ ତାପସ ସାମଲ, ତରଣିସେନ ନାୟକ, ଫାଗୁ ଟୁଡୁ, ଶ୍ୟାମ ସୁନ୍ଦର ବାସ୍କେ, ଲିଟା ହେମ୍ବ୍ରମ, ବିଶ୍ୱଜିତ୍ ମହାନ୍ତ, ଧନେଶ୍ୱର ମୁର୍ମୁ, ପ୍ରଦୀପ ଚୌଧୁରୀ, ଫୁଲମଣି ପାଲିଆ, ମାଲିନ ସଏ ଓ ପ୍ରକାଶ ଚନ୍ଦ୍ର ସଏ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟ୍

**ରାସଗୋବିନ୍ଦପୁର, ୫।୧୨(ସମିସ):** ଶୁକ୍ରବାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ରାସଗୋବିନ୍ଦପୁର ଗ୍ରାମର ବୀଣାପାଣି ମହାନ୍ତି (୭୫)ଙ୍କ ବେକରୁ ୧୩ ଗ୍ରାମ୍ ଓଜନର ଏକ ସୁନାଚେନ୍ ଦୁର୍ବୃତ୍ତମାନେ ଲୁଟିନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ୧୦.୩୦ ସମୟରେ ବୀଣାପାଣି ଗାଁ ରାସ୍ତାରେ ଯାଉଥିବା ସମୟରେ ଏକ ବାଇକ୍ ଯୋଗେ ଦୁଇ ଜଣ ଦୁର୍ବୃତ୍ତ ଆସି ବୀଣାପାଣିଙ୍କୁ ଅଟକାଇ ଅଜୟ ନାମକ ଏକ ଲୋକର ଘର ପରିଚୟ ପଚାରି ହଠାତ୍ ତାଙ୍କ ବେକରୁ ସୁନାଚେନ୍‌ଟିକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ତଦନ୍ତ ଜାରି ରଖିଛନ୍ତି।

## ବାଇକ୍‌ରୁ ଖସି ମହିଳା ମୃତ

**ରାଇରଙ୍ଗପୁର, ୫।୧୨(ସମିସ):** ବାଇକ୍‌ରୁ ଖସିପଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୫ର ସବିତା ଗିରି। ସେ ତାଙ୍କ ଭାଇ ସହ ଜାମଦାରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହଠାତ୍ ଏକ ଗାଈ ରାସ୍ତାକୁ ଆସିଯିବାରୁ ଗାଡ଼ିକୁ ଅଟକାଇବା ସମୟରେ ସେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡ଼ିଥିଲେ। ମୁଣ୍ଡରେ ଜୋର୍ ଆଘାତ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରୁ ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ଧନାସାହିରେ ଜଳିଲା ବିଦ୍ୟୁତ୍ ଆଲୁଅ

**କପ୍ତିପଦା/ଶରତ, ୫।୧୨(ସମିସ):**

କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଧନାସାହି ଗ୍ରାମରେ ୫୫ଟି ଆଦିବାସୀ ପରିବାର ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ଏଥିସକାଶେ ଧନାସାହି ଗ୍ରାମବାସୀମାନେ 'ଶରତ ବିକାଶ ମଞ୍ଚ' ମିଳିତ ସହଯୋଗରେ ଚଳିତ ବର୍ଷ ଅଗଷ୍ଟ ୫ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା

**ଉପଜିଲ୍ଲାପାଳ କଲେ ଶୁଭ ଉଦ୍‌ଘାଟନ**

ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ନେଇଥିଲେ ଏବଂ ବିଦ୍ୟୁତ୍ ସଂଯୋଗ କରାଯିବା ନିମନ୍ତେ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ସଂଯୋଗ ନିମନ୍ତେ କପ୍ତିପଦା ବିଦ୍ୟୁତ୍ ବିଭାଗ ଅତ୍ୟନ୍ତ ତତ୍ପରତା ପ୍ରକାଶ କରିଥିଲେ। ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଉଚ୍ଚସମ୍ପନ୍ନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସଂଯୋଗ କରାଯାଇଛି।



ଶୁକ୍ରବାର କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଫିତା କାଟି ଏହାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗର ସମସ୍ତ ଅଧିକାରୀ, କପ୍ତିପଦା ବ୍ଲକ ବିଦ୍ୟୁତ୍ ଯନ୍ତ୍ରୀ ଟି. ନାଗେଶ, 'ଶରତ ବିକାଶ ମଞ୍ଚ' ସଭାପତି ଗାମାଏ ରୀମିଲ ଗୋଇପାଇ, ନବୀନ ମୁଣ୍ଡରୀ, ରମେଶ ବିରୁଆ, ମହାନ୍ତି ଦେଓଗାମ, ଘନବାବୁ ପାତ୍ର ଏବଂ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନ୍ଧାରୀ ମୁଲକର ଏହି ଧନାସାହି ଗ୍ରାମ ଆଲୋକୀକରଣ ହୋଇଥିବାରୁ ଗ୍ରାମବାସୀମାନେ ଅତ୍ୟନ୍ତ ଖୁସି ଥିବା ଦେଖାଯାଇଥିଲା। ଏଥିପାଇଁ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସାଏଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି'।

ଅନ୍ଧାରକୁ ଚିରସାଥୀ କରିଥିବା ଉକ୍ତ ଗ୍ରାମର ଜନସାଧାରଣ ବିଜୁଳି ଆଲୁଅ ଦେଖିବା ପରେ ଆବାଳ-ବୃଦ୍ଧ-ବନିତାଙ୍କ ମନରେ ଭରି ଦେଇଛି ନୂତନ ଉନ୍ମାଦନା। ସନ୍ଧ୍ୟାଠାରୁ ତାଟି କବାଟ ପଡ଼ିଯାଉଥିବା ପରିବାରରେ ବିଜୁଳି ସେବା ପାଇବା ପରେ ପିଲାମାନେ ପାଠପଢ଼ାରେ ମନୋନିବେଶ କରିପାରିବେ। ଗାଁର ଜୀବନ ଜୀବିକା କୁହାଯାଉଥିବା ପ୍ରମୁଖ ରୋଜଗାର ଖଳିପତ୍ର ସିଲେଇ କରିବାକୁ ସମୟ ପାଇ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିପାରିବେ।

### ତିରିଂ ଅଞ୍ଚଳରେ ଚୋରା ବାଲି କାରବାର ଉପରେ ଚଢ଼ଉ


## ବେଆଇନ ଗଚ୍ଛିତ ବାଲି ଓ ଜେସିବି ମେସିନ୍ ଜବତ

**ବହଳଦା, ୫।୧୨(ସମିସ):** ତିରିଂ ପୁଲିସର ତତ୍ତ୍ୱାବଧାନରେ ଖଣି ବିଭାଗର ଆତର୍କିତ ଚଢ଼ଉରେ ତିରିଂ ଅଞ୍ଚଳରୁ ବିପୁଳ ପରିମାଣର ବେଆଇନ ଭାବେ ଗଚ୍ଛିତ ବାଲି ଓ ଗୋଟିଏ ଜେସିବି ମେସିନ୍ ଜବତ କରାଯାଇଛି। ସୂଚନା ଅନୁସାରେ, ଗୁରୁବାର ରାତିରେ ତିରିଂ ଥାନା ପୁଲିସ ତତ୍ତ୍ୱାବଧାନରେ ଖଣି ବିଭାଗ ପକ୍ଷରୁ ବେଆଇନ୍ ଭାବେ ଉତ୍ତୋଳନ ହେଉଥିବା ବିଭିନ୍ନ ବାଲିଘାଟ ଓ ବାଲି ଚୋରା ଚାଲାଣ ଧରପଗଡ଼ ପାଇଁ ବିଭିନ୍ନ ଅଞ୍ଚଳରେ ରାତିତମାମ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ସହାୟକ ଖଣି ଅଧିକାରୀ ମିଥୁନ ଗିରି, ତିରିଂ ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ଏବଂ ତିରିଂ ତହସିଲ୍‌ଦାର ସୁଶାନ୍ତ କୁମାର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଏହି ଚଢ଼ଉରେ ତିରିଂ ଥାନା ଅଞ୍ଚଳର ରାମବେଡ଼ା, ମାଘୁଆ, ଦେଓଗାମ ଓ ତୁଡୁକାମ ଅଞ୍ଚରେ ରାତିଅଧିଆ ଚଢ଼ଉ କରାଯାଇଥିବା ବେଳେ ତୁଡୁକାମ ଉଚ୍ଚ ବିଦ୍ୟାଳୟ ପଛପଟ ପଡ଼ିଆରେ ମିଳିଥିବା ୧୦୦ ଟ୍ରିପ୍ ପାଖାପାଖି ବେଆଇନ ଭାବେ ଗଚ୍ଛିତ ବାଲି ଓ ଏକ ଜେସିବି ମେସିନ୍ ଜବତ କରାଯାଇଥିଲା। ତେବେ ଜବତ ବାଲିକୁ ଖଣି ବିଭାଗ ପକ୍ଷରୁ ୧ ଲକ୍ଷ ୧୮ ହଜାର ଟଙ୍କାରେ ନିଲାମ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ଖଣି ବିଭାଗ, ତିରିଂ ଥାନା ପୁଲିସ ଓ ତହସିଲ୍ ପକ୍ଷରୁ ମିଳିତ ରୂପେ ହୋଇଥିବା ଏହି ଚଢ଼ଉ ଆଗାମୀ ଦିନରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚୋରା ବାଲି ଚାଲାଣ ରୋକିବା ଦିଗରେ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।


## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**ରାଇରଙ୍ଗପୁର, ୫।୧୨(ସମିସ):** ବିପୁଳ କାଠ ଲଗ୍ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଚାଲାଣ ହେଉଥିବାବେଳେ ପୁଲିସ ଜବତ କରିଛି। ରରୁଆଁ ଥାନା ପୁଲିସ ପକ୍ଷରୁ ରରୁଆଁ-ଶୁକ୍ରୁଳି ରାସ୍ତାରୁ କାଠ ସହ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଭଦ୍ରକରୁ ରରୁଆଁ ଅଞ୍ଚଳକୁ ଚାଲାଣ ହେଉଥିବାବେଳେ ଚୋରା କାଠ ଜବତ କରାଯାଇଛି। ଏହା ସହିତ ଭଦ୍ରକ ଜିଲ୍ଲାର କେନ୍ଦୁଆପଦା ଅଞ୍ଚଳର ରାଜେନ୍ଦ୍ର ପାତ୍ର(୧୯)ଙ୍କୁ ଗିରଫ କରାଯାଇଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।









ସକାଳ
THE SAKALA

# ସମ୍ପାଦକୀୟ



ଯଦି କୃଷି ବିପର୍ଯ୍ୟସ୍ତ ହୁଏ, ତେବେ ଦେଶର ଅନ୍ୟ ସବୁ ବ୍ୟବସ୍ଥା ବିଗିଡ଼ି ଯିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ପୁଣି ପ୍ରତିଶ୍ରୁତି ହୁଡ଼ିଲେ

ଗତ ନିର୍ବାଚନ ବେଳେ ରାଜ୍ୟର ଚାଷୀମାନଙ୍କର ସମର୍ଥନ ହାସଲ ପାଇଁ ବିଜେପି ଧାନ କ୍ରୟ ଉପରେ ଏମ୍ଏସ୍ପି ବାଦ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ (ଇନ୍‌ପୁଟ୍ ସବ୍‌ସିଡି) ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲା। ବଡ଼ କଥା ହେଲା, କ୍ଷମତାକୁ ଆସିବା ପରେ ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରିଛି। ଚଳିତ ଖରିଫ୍ ଋତୁ ପାଇଁ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି କରିଥିବାରୁ ସେହି ଅନୁପାତରେ ଓଡ଼ିଶା ଚାଷୀ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ୩୧୦୦ ଟଙ୍କା ହିଁ ଚାଷୀ ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସହାୟକ ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ ଧାନ କ୍ୱିଣ୍ଟାଲ ସେହି ୩୧୦୦ ଟଙ୍କାରେ ସୀମିତ ରଖିବା ନୀତି ଯେ ପ୍ରତିଶ୍ରୁତିର ଖିଲାପ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏହାର ସାଧାସିଧା ଅର୍ଥ ହେଲା ସରକାର ୮ ଶହ ଟଙ୍କା ବଦଳରେ ଚାଷୀଙ୍କୁ ଏଥର କ୍ୱିଣ୍ଟାଲ ପିଛା ୭୩୧ ଟଙ୍କା ବୋନସ ଦେଉଛନ୍ତି। ଆଗକୁ ଯଦି କେନ୍ଦ୍ର ସରକାର ବଜାର ଦର ଓ ଚାଷର ବ୍ୟୟଭାରକୁ ବିଚାର କରି ଧାନର ଏମଏସପି ବଢ଼ାନ୍ତି ତେବେ ରାଜ୍ୟ ସରକାର କ'ଣ ତାଙ୍କ ପ୍ରତିଶ୍ରୁତି ବୋନସ ରାଶିରୁ ତାହାକୁ କାଟି ସଂଗ୍ରହ ଦର ଧାର୍ଯ୍ୟ କରିବେ? ସରକାରଙ୍କ ଏପ୍ରକାର ପ୍ରତାରଣା ସଂପର୍କରେ ଧାନ ଚାଷୀ ବିଚାର କରିବାର ସମୟ ଏବେ ଉପସ୍ଥିତ।

ଆମ ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ଚାଷ ଓ ଅମଳ ସହ ସଂପୃକ୍ତ ବଡ଼ ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ଅସଲରେ ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କ ହାତରେ ରହିଛି ଧାନ ଚାଷ। ଏବେ ସରକାର ଯେଉଁ ୨ ଲକ୍ଷ ୧୭ ହଜାର ଅଧିକ ଚାଷୀ ଚଳିତ ଖରିଫ ଋତୁ ଧାନ ଚାଷ କରିଥିବା ଦର୍ଶାଇଛନ୍ତି ତାହା ପ୍ରକୃତରେ ସେହି ବଡ଼ ଚାଷୀଙ୍କ ଜମି ଚଷିଥିବା ଭାଗ ଚାଷୀ। ତେଣୁ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ସରକାର ଭାବି ପାରନ୍ତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପାଇଁ ଚାଷୀ ଉତ୍ସାହୀ ହୋଇପଡ଼ିଛନ୍ତି। ଏତଦ୍‌ବ୍ୟତୀତ ପଞ୍ଜିକରଣ ଜନିତ ସମସ୍ୟା ପାଇଁ ବହୁ ଚାଷୀ ଏହି ଧାନ ସଂଗ୍ରହ ପ୍ରକ୍ରିୟାରୁ ବଞ୍ଚିତ ହେଉଛନ୍ତି। ଚଳିତ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାରେ କେବଳ କାଁ ଭାଁ ମଣ୍ଡି ଖୋଲିଛି। ଏହି ବିଳମ୍ବ ପାଇଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ହେଉଛି। କାରଣ ଏବେ ମଧ୍ୟ ଛୋଟ ଚାଷୀ ମହାଜନୀ ଋଣ ବା କରଜ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଅମଳ ହେବା ପରେ ପରେ ତାହା ଉପରେ କରଜ ପରିଶୋଧ ପାଇଁ ଜୁଲମ ଆରମ୍ଭ ହୋଇଯାଏ। ସରକାର ଏ ପର୍ଯ୍ୟନ୍ତ ମିଲରଙ୍କ ଷ୍ଟକ୍ ଯାଞ୍ଚ କରିନାହାନ୍ତି। ଏଫ୍‌କ୍ୟୁ ଧାନର ମାନ ଯାଞ୍ଚ ସକାଶେ ଶସ୍ୟ ପରୀକ୍ଷଣ ମେସିନ୍ ମଧ୍ୟ ମଣ୍ଡିରେ ପହଞ୍ଚିନାହିଁ। ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ ଆରମ୍ଭରୁ ମିଲରଙ୍କ କଥାରେ କଟ୍‌ନି ଛଟନୀ ଚାଲିଛି। ଅସଲରେ ମିଲରମାନେ ହିଁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ସରକାର ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସଂଗ୍ରହକୁ ନେଇ ବିଭ୍ରାଟ ଓ ବିଭ୍ରାନ୍ତ ସୃଷ୍ଟି ହେଉଛି। ଏହାପଛରେ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ।

## ଦୁର୍ବଳ ମୁଦ୍ରା

ବାଣିଜ୍ୟ ନିଅଣ୍ଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଦେଶର ଆଭ୍ୟନ୍ତରୀଣ ଚାହିଦା ପୂରଣ ସକାଶେ ବୈଦେଶିକ ବିନିମୟ ମୁଦ୍ରାଭଣ୍ଡାର ଉପରେ ଚାପ ବଢ଼ିଛି। ସେହି ସମୟରେ ଆମେରିକାର ଟାରିଫ ବଢ଼ିଛି ଏବଂ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରାର ପ୍ରବାହ ମଧ୍ୟ ହ୍ରାସ ପାଇଛି। ତେଣୁ ଭାରତୀୟ ମୁଦ୍ରା ବା ଟଙ୍କା ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଡଲାର କିଣି ସ୍ଥିତି ସମ୍ଭାଳିବାରେ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା ହୋଇଥିବା ବେଳେ ପରଦିନ ତାହା ୯୦.୪୩କୁ ବୃଦ୍ଧି ପାଇଛି। ଏହି ସ୍ଥିତି ପ୍ରଥମ ଥର ଉପୁଜିଛି କହିଲେ ଭୁଲ ହେବ। ବରଂ ଟଙ୍କାର ଦୁର୍ବଳ ସ୍ଥିତି କ୍ରମାଗତ ରେକର୍ଡ କରିଚାଲିଛି। ଅନ୍ୟ ଏକ ଦିଗ ହେଲା, ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଅଂଶଧନ ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଚାପରେ ରହିଛି। ଭାରତୀୟ ବଜାରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ଆକର୍ଷଣ ମଧ୍ୟ ହ୍ରାସ ପାଇଛି। ଏହା ଆମର କୂଟନୈତିକ ଓ ବାଣିଜ୍ୟ ନୀତିର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତୀୟ ମୁଦ୍ରାର ଏହି ଦୁର୍ବଳ ସ୍ଥିତି ପ୍ରଭାବଶୂନ୍ୟ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ପେଟ୍ରୋଲ, ଡିଜେଲ, ଖାଇବା ତେଲ ଓ ସ୍ମାର୍ଟ ଫୋନ ମୂଲ୍ୟ ତ ନିଶ୍ଚୟ ଆଗାମୀ ଦିନରେ ବଢ଼ିବ। ବର୍ଦ୍ଧିତ ଓ ପରିବହନ ଖର୍ଚ୍ଚର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ଅନୁଭୂତ ହେବ। ସେହିଭଳି ବିଦେଶ ଯାତ୍ରା ଓ ବିଦେଶରେ, ବିଶେଷକରି ଆମେରିକାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ବ୍ୟୟଭାର ଅଭିଭାବକଙ୍କୁ ନିଶ୍ଚୟ ବାଧିବ। ଏସବୁ ହେଲା ପ୍ରତ୍ୟକ୍ଷ ପ୍ରଭାବ। ପରୋକ୍ଷରେ ଆମର ମୁଦ୍ରାସ୍ଫୀତି ଓ ଜିଡିପି ସ୍ଥିତିରେ ଯେଉଁ ଅସ୍ଥିରତା ସୃଷ୍ଟି ହେବ ତାହାକୁ ସୁଧାରିବା ଏତେ ସହଜ ହେବ ନାହିଁ। ମୁଖ୍ୟ ଅର୍ଥ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି ଯେ ଦେଶର ଆମଦାନୀ ଓ ମୁଦ୍ରାସ୍ଫୀତିକୁ ଏହା ପ୍ରଭାବିତ କରିବ ନାହିଁ। ୨୦୨୬ରେ ଟଙ୍କାର ଏହି ଦୁର୍ବଳ ସ୍ଥିତି ସୁଧୁରିଯିବ। ଭବିଷ୍ୟତ ଅନିଶ୍ଚିତ। ବର୍ତ୍ତମାନର ସମସ୍ୟାକୁ ପ୍ରତିହତ କରିବାରେ ଆମ ବ୍ୟବସ୍ଥାର ଅସାମର୍ଥ୍ୟ ପଦାରେ ପଡ଼ିଯାଉଛି। ଏହାର ତୁରନ୍ତ ପ୍ରଭାବରେ ସେନ୍‌ସେକ୍ସ ଓ ନିଫ୍ଟି ସୂଚକାଙ୍କ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି।

ଆତ୍ମନିର୍ଭର ଭାରତ ଗଠନ ସପକ୍ଷରେ ଆମେ ଯେତେ ଆହ୍ୱାନ ଦେଲେ ମଧ୍ୟ ଆମର ଆମଦାନୀ ବଢ଼ୁଛି। ରପ୍ତାନି କ୍ଷେତ୍ରରେ ବିଶ୍ୱବଜାରରେ ଆମେ ଅନ୍ୟ ପ୍ରତିଯୋଗୀଙ୍କ ସମକକ୍ଷ ହୋଇପାରିନେ। ତେଣୁ ବାଣିଜ୍ୟ ନିଅଣ୍ଟ ବଢ଼ି ଚାଲିଥିବାରୁ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସମ୍ଭାବନା ଊଣା। ଏହି ଦୃଶ୍ୟପଟ୍ଟରେ ଅର୍ଥ ପରାମର୍ଶଦାତା ଯେଉଁ ସମ୍ଭାବନାର ଅଙ୍କ କଷି ଚାଲିଛନ୍ତି ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ।

ବଜାର ଅର୍ଥନୀତି ସମଗ୍ର ବିଶ୍ୱରେ ମୁକ୍ତ ବାଣିଜ୍ୟ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ତେବେ ବାଣିଜ୍ୟିକ କାରବାର ପ୍ରମୁଖ ମାଧ୍ୟମ ହେଉଛି ଡଲାର। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଏହି ଦୁର୍ବଳସ୍ଥିତିରୁ ଆମେ ଅନୁମାନ କରିପାରିବା ଭାରତୀୟ ଅର୍ଥନୀତିର ଗତି ଓ ଦୁର୍ଗତି। ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି। ସେଥିରେ ପୁଣି ୧୪୦ କୋଟି ଲୋକଙ୍କ ବିଶାଳ ବଜାର ଆମ ହାତରେ ଅଛି। ପରିଲକ୍ଷିତ ମୁଦ୍ରାଗତ ବିଲକ୍ଷଣକୁ ରୋକିବାରେ ଆମ ଦୁର୍ବଳତାକୁ ଅଗ୍ରାଧିକାର ଭିତ୍ତିରେ ସୁଧାରିବା ଜରୁରୀ।

# ଜଳ-ସଂକଳ୍ପ: କାହାରେ ଦାୟ?

**ସୌଭାଗ୍ୟ ସୁନ୍ଦରରାୟ**

ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ନଦୀ ଓ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାର ପ୍ରାୟ ନଦୀର ମଧ୍ୟ ସମଦଶା। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ରଖି ରାଜ୍ୟର ୧୬ ଟି ସ୍ଥାନରେ ନଦୀଜଳ ବ୍ୟବହାର ମାନଯୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କଟକ, ଭିଙ୍ଗାରପୁର, ଗୋପ, ଭୁବନେଶ୍ୱର, ରାଉରକେଲା ରହିଛି। ଅର୍ଥାତ ଭିଙ୍ଗାରପୁର ଓ ଗୋପ ନିକଟରେ କୁଶଭଦ୍ରା ଜଳ ପ୍ରଦୂଷିତ। ଭୁବନେଶ୍ୱର ନିକଟରେ ଦୟା ଜଳ ପ୍ରଦୂଷିତ। କଟକ ନିକଟରେ କାଠଯୋଡ଼ି ଜଳ ପ୍ରଦୂଷିତ ଏବଂ ରାଉରକେଲା ନିକଟରେ ବ୍ରାହ୍ମଣୀ ଜଳ ବ୍ୟବହାର ଅନୁପଯୁକ୍ତ।

ଏପରି ସ୍ଥଳେ ରାଜ୍ୟ ସରକାର 'ଜଳ ପ୍ରଦୂଷଣ ଓ ନିବାରଣ ଆଇନ-୨୦୨୪' ଉପରେ ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ସଂକଳ୍ପରେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ଆଉ ଦାୟର କରାଯିବ ନାହିଁ। କେବଳ ଜୋରିମାନା ଆଦାୟ କରାଯିବ। ମଣିଷ, ପ୍ରକୃତି, ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଲାଭଖୋର ଶିଳ୍ପାନୁଷ୍ଠାନ ଏହି ଆଇନ ଦ୍ୱାରା ଅଧିକ ଉପକୃତ ହେବା ପରି ଜଣାପଡୁଛି। ଏକଥା ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି। କାରଣ ଦୀର୍ଘଦିନ ଧରି ଅଦାଲତରେ ପରିବେଶ ସଂପର୍କିତ ମାମଲା ପଡ଼ି ରହିଥିବାରୁ ଶିଳ୍ପାୟନ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ହେଉଛି। ଏହି କାରଣରୁ ସରକାର ଏପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ୧୬ଟି ସ୍ଥାନର ଜଳ ନିମ୍ନମାନର ବୋଲି ଉଲ୍ଲେଖ କରିଛନ୍ତି ତା'ଠାରୁ ଢେର ଅଧିକ ସ୍ଥାନର ଜଳ ନିମ୍ନମାନର, ଯାହା ସ୍ଥାନୀୟ ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ବ୍ରାହ୍ମଣୀର ପ୍ରଦୂଷଣ କେବଳ ରାଉରକେଲା ନିକଟରେ ବୋଲି ଉଲ୍ଲେଖ କରାଯାଇଛି। ବାସ୍ତବରେ ବ୍ରାହ୍ମଣୀର ପ୍ରଦୂଷଣ ରାଉରକେଲା ନିକଟରୁ ଆରମ୍ଭ ହୋଇଛି। ଏଠାରେ ରାଉରକେଲା ଇସ୍ପାତ କାରଖାନା ରହିଛି। ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ ରାଉରକେଲାର ବେଦବ୍ୟାସ। ଏହି ନଦୀ ଅନୁଗୁଳ ଜିଲ୍ଲାର ତାଳଚେର ନିକଟରେ ସର୍ବାଧିକ ପ୍ରଦୂଷିତ। ତାଳଚେର ଅଞ୍ଚଳର କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ବନ୍ଦ ହୋଇ ରହିଥିବା ସାର କାରଖାନା, ଇସ୍ପାତ କାରଖାନା, ଆଲୁମିନିୟମ ସ୍ମେଲଟର ଏବଂ ଅନ୍ୟାନ୍ୟ ଛୋଟ କଳକାରଖାନା ବ୍ରାହ୍ମଣୀ ଜଳକୁ ଅଧିକ ପ୍ରଦୂଷିତ କରୁଛି। ସୁକିନ୍ଦା ଅଞ୍ଚଳରେ କ୍ରୋମାଇଟ ଖଣି ରହିଛି। ଏଥିଯୋଗୁଁ ବ୍ରାହ୍ମଣୀରେ ଅଧିକ ପରିମାଣର କ୍ରୋମିୟମ, ସୀସା, କାଡମିୟମ, ପାରଦ ଓ ଲୁହାପଥର ପରି ଭାରି ଦ୍ରବ୍ୟ ରହୁଛି। ଏଣୁ ଅନୁଗୁଳ-ତାଳଚେର ଅଞ୍ଚଳରେ ବ୍ରାହ୍ମଣୀ ସର୍ବାଧିକ ପ୍ରଦୂଷିତ ବୋଲି କୁହାଯାଇପାରେ।

ଉତ୍ତରରେ ମହାନଦୀ ପ୍ରଦୂଷଣ ବିଷୟ କିଛି ଉଲ୍ଲେଖ କରାଯାଇ ନାହିଁ। ମହାନଦୀର ଦୁଇଟି ଉପନଦୀ ହେଲା ଭେଡେନ ଓ ଇବ୍। ସଂପ୍ରତି ଏହି ଦୁଇଟି ନଦୀର ଜଳର ପ୍ରଦୂଷିତ ବୋଲି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁଧ୍ୟାନରୁ ଜଣାପଡ଼ିଛି। ସଂସ୍ଥା ପକ୍ଷରୁ ଝାରସୁଗୁଡ଼ାର କୋଲାବିରା ଓ ସମ୍ବଲପୁରର ରେଙ୍ଗାଲି ବ୍ଲକରେ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏଠାକାର ଝରଣା, ପୋଖରୀ, ନାଳ ଆଦି ଭୂ-ପୃଷ୍ଠ ଜଳ ଉତ୍ସରେ ନାଇଟ୍ରେଟ ଓ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ସମ୍ବଲପୁରର ହୀରାକୁଦଠାରେ ଶିଳ୍ପାନୁଷ୍ଠାନ ରହିଛି। ସେହିପରି ଝାରସୁଗୁଡ଼ାରେ କୋଇଲା ଖଣି ସମେତ ତାପଜ ବିଦ୍ୟୁତ କେନ୍ଦ୍ର, ଆଲୁମିନିୟମ ବିଶୋଧନ କେନ୍ଦ୍ର ରହିଛି। ଏହି ସଂସ୍ଥାର ବର୍ଜ୍ୟ ଯୋଗୁଁ ସଂପୃକ୍ତ ଅଞ୍ଚଳର ଜଳାଶୟ ଓ ଭୂ-ତଳ ଜଳ ପ୍ରଦୂଷିତ ହେଉଛି। ମହାନଦୀ ସମ୍ବଲପୁର ଅତିକ୍ରମ କରିବା ପରେ ପାରାଦ୍ୱୀପ ନିକଟରେ ଏକାଧିକ କଳକାରଖାନାର ବର୍ଜ୍ୟ ଆହରଣ କରୁଛି। ପାରାଦ୍ୱୀପ ବନ୍ଦରରେ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। କୋଇଲା, ଚୂନପଥର, ଲୁହାପଥର, କୋକ୍, କ୍ରୋମ୍, ଫେରୋ କ୍ରୋମ, ତୈଳ ଆଦି ଏଠାରେ ଥିବା ବିଭିନ୍ନ ବର୍ଥରୁ ଆମଦାନୀ ଓ ରପ୍ତାନୀ ହୋଇଥାଏ। ଦୁଇଟି ଫସ୍‌ଫେଟଭିତ୍ତିକ ସାର କାରଖାନା ଏଠାରେ ରହିଛି, ଯାହାର ଉପଜାତ ଦ୍ରବ୍ୟ ଭାବେ ଜିପସମ୍ ବାହାରିଥାଏ। ଜିପସମର ଗୁଣ ହେଉଛି ଅମ୍ଳ। ଏଠାରେ ତୈଳ ବିଶୋଧନ କେନ୍ଦ୍ର ଓ ଇସ୍ପାତ କାରଖାନା ମଧ୍ୟ ରହିଛି। ବର୍ଷା ଦିନେ ବିଭିନ୍ନ ଖଣିଜ ଦ୍ରବ୍ୟର ଗୁଣ୍ଡ ଧୋଇହୋଇ ମହାନଦୀ ଓ ଅଠରବାଙ୍କୀ କ୍ରିକରେ ମିଶୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ପାରାଦ୍ୱୀପ ସାର କାରଖାନା ଆଖପାଖ ଅଞ୍ଚଳର ଭୂ-ତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହୁଛି। ଫ୍ଲୋରାଇଡ ଓ ଆମୋନିଆ ଗ୍ୟାସ ପ୍ରଭାବରେ ଖରାଦିନେ ଲଟାବୁଦା, ପତ୍ର ଆଦି ଶୁଖି ଯାଉଥିବା ଦେଖାଯାଉଛି। ପାରାଦ୍ୱୀପ ସହରାଞ୍ଚଳର ବର୍ଜ୍ୟ ଜଳ ଅଠରବାଙ୍କୀ ଓ ସାନ୍ଧ୍ରା କ୍ରିକ୍‌ରେ ମିଶୁଛି।

ରାୟଗଡ଼ାରେ ଏକ ଘରୋଇ ଶିଳ୍ପସଂସ୍ଥା ବିରୋଧରେ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯାଇଥିଲା। ପ୍ରଦୂଷିତ ଜଳ ବ୍ୟବହାର କରି ୨୦୨୨ ମସିହାରେ ଏ ଅଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୨ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସହରାଞ୍ଚଳର ଅଣବିଶୋଧିତ ଜଳ ଦ୍ୱାରା ବିଶେଷ ଭାବେ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି।

ଏପରି ସ୍ଥଳେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ସରକାର କଠୋର ମନୋଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଏକ ଯୁକ୍ତିସଙ୍ଗତ ବିଷୟ ନୁହେଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବା କାରଣରୁ ମଣିଷ, ଜୀବଜନ୍ତୁ ଓ ପରିବେଶକୁ କ'ଣ ମୃତ୍ୟୁମୁହଁକୁ ଠେଲି ଦିଆଯିବ? ବିଭିନ୍ନ ସମୟରେ ନାଲକୋ ଆସ୍ ପାଇପ ଓ ପୋଖରୀ ଫାଟି ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷଜମିରେ ପାଉଁଶ ପାଣି ମାଡ଼ିଯାଉଛି। ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଜନସାଧାରଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। 'ଦି ଲାନସେଟ'ର ୨୦୧୯ ମସିହାରେ ପ୍ରକାଶିତ ଏକ ସର୍ବେକ୍ଷଣ ଆଧାରିତ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୧.୪ ନିୟୁତ ଜଳ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଝାଡ଼ାବାନ୍ତିରେ ପ୍ରାୟ ୮ ଲକ୍ଷ ଏବଂ ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ୩ ଲକ୍ଷ ପ୍ରାଣ ହରାଉଛନ୍ତି।

ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ କ୍ରସର ୟୁନିଟ ଓ ସିମେଣ୍ଟ କାରଖାନା ମଧ୍ୟ ରହିଛି। ଏଥିରୁ ନିର୍ଗତ ବର୍ଜ୍ୟ କଣିକା ଚାଷ ଜମି ଓ ଜଳାଶୟରେ ପଡ଼ି ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜଳ ବ୍ୟବହାର କରି ଗୃହପାଳିତ ପଶୁ ରୋଗାକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ମେଡିକାଲ୍ ବର୍ଜ୍ୟ ମଧ୍ୟ ଜଳାଶୟକୁ ଛାଡ଼ି ଦିଆଯାଉଛି। ଏଣୁ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା ସଂସ୍ଥାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରିବା ବାଞ୍ଛନୀୟ ନୁହେଁ। ଅଦାଲତରେ ବହୁ ମାମଲାର ବିଳମ୍ବ ଘଟୁଛି। ସରକାରଙ୍କ ସମେତ ସାଧାରଣ ଜନତା ମଧ୍ୟ ଏହାର ଶିକାର ହେଉଛନ୍ତି। ଏହାର ଅର୍ଥ ନୁହେଁ ଯେ ନ୍ୟାୟପାଳିକାକୁ ଏଡ଼ାଇ ଆମେ ମନମୁଖି ଭାବେ କାର୍ଯ୍ୟ କରିବା। ସଂକଳ୍ପରେ ଜରିମାନା ରାଶି ପରିମାଣ ଯାହା ଧାର୍ଯ୍ୟ କରାଯାଇଛି ତାହା ହାସ୍ୟାସ୍ପଦ। ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା। ପ୍ରକୃତି ଓ ପରିବେଶର କ୍ଷତି ସାଧନ କରୁଥିବା ଅପରାଧୀଙ୍କ ପ୍ରତି ଜରିମାନା ପରିମାଣ କ'ଣ ପାଇଁ ଏତେ କମ୍ ରହିବ? ୧୫ ଲକ୍ଷ ଟଙ୍କା ବିନିମୟରେ ସେଗୁଡ଼ିକ ୧୦୦ କୋଟିର ପ୍ରଦୂଷଣ କରିବାରେ ସମର୍ଥ।

ପରିବେଶ ପ୍ରଦୂଷଣ ଦିଗରେ ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ଏନଜିଟି ଆଦି ଅନେକ ସରକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଏହି ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଜରିମାନା ମୂଲ୍ୟ ସରକାରୀ ଅଧିକାରୀ ଧାର୍ଯ୍ୟ କରିବେ। ତେବେ ନିର୍ଦ୍ଦିଷ୍ଟ ପ୍ରଦୂଷଣର ମୂଲ୍ୟ କେତେ ହେବ ତାହା ସରକାରୀ ଅଧିକାରୀ କେଉଁ ମାନଦଣ୍ଡରେ ଆକଳନ କରିବେ ତାହା ଏକ ବଡ଼ ପ୍ରଶ୍ନ। ଏକ୍ଷେତ୍ରରେ ସରକାର ମନମୁଖି ଭାବେ ଜରିମାନା ଲାଗୁ କରିପାରନ୍ତି ବୋଲି ଉଠିଥିବା ଅଭିଯୋଗ ନିରାଧାର ନୁହେଁ। ଏଣୁ ଉଭୟ ବେସରକାରୀ ଓ ସରକାରୀ ସଂସ୍ଥା ଯଥା ନଗରପାଳିକା ଆଦି ପ୍ରଦୂଷଣକାରୀ ଅନୁଷ୍ଠାନ ପ୍ରତି ଅନୁକମ୍ପା ପ୍ରଦାନ କରିବାକୁ ଯାଇ ସରକାର ସଂକଳ୍ପ ଜରିଆରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ନକରି ଏହାର ପୁନର୍ବିଚାର କଲେ ବୃହତ୍ତର ସମାଜର ମଙ୍ଗଳ ହେବ। ନଚେତ୍ ଏହା ଏକ ପରିବେଶ ମାରଣ ସଂକଳ୍ପରେ ପରିଣତ ହେବାରେ ବିଳମ୍ବ ହେବ ନାହିଁ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

# ମୁଁ 'ଖବରକାଗଜ' କହୁଛି

**ସରୋଜ କୁମାର ଶତପଥୀ**



ମୁଁ ଖବର କାଗଜ। ଶତାବ୍ଦୀ ଶତାବ୍ଦୀ ଧରି ସମାଜର ଦର୍ପଣ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛି। ସତ୍ୟକୁ ପ୍ରକାଶ କରିବା ପାଇଁ ନିଷ୍ଠା ଓ ନୈତିକତାକୁ ଜୀବନର ପାଥେୟ କରିଛି। ଦିନ ଥିଲା, ଘର ଦୁଆରେ ମୋର ଆବିର୍ଭାବ ହେବା ମାତ୍ରେ ଘରର ପରିବେଶ ଜୀବନ୍ତ ହୋଇ ଯାଉଥିଲା। ଚା' ଓ ଚର୍ଚ୍ଚାର ଅଂଶ ଥିଲି ମୁଁ। ସମାଜ, ରାଜନୀତି, କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ, ଯାହା କହିବେ ସେ ସବୁ ମୋର ପୃଷ୍ଠାରେ ପ୍ରତିଫଳିତ ହେଉଥିଲା। ମୁଁ କେବଳ ଖବର ବହନକାରୀ ନୁହେଁ, ସତ୍ୟ, ସଚେତନତା ଓ ଜନମତର ବାର୍ତ୍ତାବହ ଥିଲି। ମୁଁ ସ୍ୱାଧୀନତା ସଂଗ୍ରାମ ଦେଖିଛି, ଦେଶ ବିଭାଜନ ଦେଖିଛି, ଅନେକ ବିପ୍ଳବ ଓ ପ୍ରଳୟର ମୂକସାକ୍ଷୀ ହୋଇ ପ୍ରତିଦିନ ଲୋକଙ୍କ ଜୀବନ ସହ ଜଡ଼ିତ ଥିଲି।

ମୁଁ ଥିଲି ଜ୍ଞାନର ଶକ୍ତି, ଜନତାର ଅଧିକାର ଓ ଗଣତନ୍ତ୍ରର ଶ୍ୱାସ। ପ୍ରତିଦିନ ଲୋକମାନଙ୍କ ପାଖକୁ ଯାଉଥିବା ମୋର ଲକ୍ଷ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜର ନଜର ଉପରେ ଆଙ୍ଗୁଠି ରଖିବା, ଉଚିତକୁ ଉଚିତ ବୋଲି କହିବା ଏବଂ ଅନ୍ୟାୟକୁ ପ୍ରଶ୍ନ କରିବା। କିନ୍ତୁ ମୋର ଅକ୍ଷରସବୁ ସମୟ ସାନ୍ତ୍ୱନାରେ ଲେଖାଯାଏ ନାହିଁ। ମୋର ଅକ୍ଷରରେ ଲୁହ ଥାଏ, ରକ୍ତ ଥାଏ, ମୋର ପୃଷ୍ଠାରେ ଥାଏ ପ୍ରକୃତି, ପରିଚୟ, ପ୍ରେମ, ସଂସ୍କୃତି, ପରମ୍ପରା। ଗାଢ଼ ଅନ୍ଧାରରେ ଲୁଚିଥିବା ଅନ୍ୟାୟର ଚିତ୍କାର ମଧ୍ୟ ଥାଏ।

ଆଜି ବି ମୁଁ ଅଛି ସତ, ମାତ୍ର ମୋର ସେଇ ପୁରୁଣା ଦିନ ଆଉ ନାହିଁ। ମୋତେ ଦେଖିଲେ ଲୋକେ ଆଗ ଭଳି ଆଦର କରୁ ନାହାନ୍ତି। ଲୋକ ଆଉ ପଢ଼ିବାକୁ ସମୟ ଦେଉନାହାନ୍ତି। ଚିନ୍ତା ଓ ବିବେଚନାକୁ ଛାଡ଼ି, ମତକୁ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ଆଜି ପରିସ୍ଥିତି ପରିବର୍ତ୍ତିତ। ସାମାଜିକ ଗଣମାଧ୍ୟମର ବେପରୁଆ ବିସ୍ତାର ମୋର ମହତ୍ତ୍ୱକୁ ତଳକୁ ଚାପି ଦେଉଛି। ଡିଜିଟାଲ ଯୁଗର ଆଗମନ ସହ ମୋର ସମ୍ମାନ ଅପେକ୍ଷାକୃତ କମିଛି। ମୋର ପୃଷ୍ଠାକୁ ଫାଡ଼ିଦେଲେ ମଧ୍ୟ କେହି ଆଜି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ। ଏବେ ଲୋକଙ୍କ ହାତରେ ମୋବାଇଲ, ଆଙ୍ଗୁଳିରେ ଫେସବୁକ, ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ। ରିଲସ ହେଉଛି ନୂଆ ଖବର। ଲାଇକ୍ ଓ କମେଣ୍ଟ ହେଉଛି ନୂଆ ମତାମତ।

ସାମାଜିକ ଗଣମାଧ୍ୟମ ଆସିବା ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ରେ ମୁଁ ଉପେକ୍ଷିତ ହୋଇପଡ଼ିଛି। ଖବର ପଢ଼ିବାର ଅଭ୍ୟାସ ହ୍ରାସ ପାଇଛି। ମଣିଷ ୧୦ ସେକେଣ୍ଡରେ ଖବର ନେଉଛି ଏବଂ ୧ ସେକେଣ୍ଡରେ ଭୁଲି ଯାଉଛି। ଏହି ପରିବର୍ତ୍ତନ ମୋତେ ଦୁଃଖୀ କରୁ ନାହିଁ ବରଂ ଚିନ୍ତାରେ ପକାଇ ଦେଉଛି। କାରଣ ଶୀଘ୍ର ତଥ୍ୟର ଲହରୀ ମଧ୍ୟରେ ସତ୍ୟ ଓ ଅସତ୍ୟର ତଫାତ ଦୃଶ୍ୟାତୀତ ହେଇଯାଉଛି। ସାମାଜିକ ଗଣମାଧ୍ୟମରେ ତଥ୍ୟର ନିଜସ୍ୱ ଜୀବନ ନାହିଁ। ସେ କେବଳ ମତାମତ, ଭୟ, କ୍ରୋଧ ଓ ଭ୍ରମର ଅସ୍ଥିର ତରଙ୍ଗ। ମୋର ପୃଷ୍ଠାରେ ଧୂଳି ପଡୁଥିବା ସତ୍ତ୍ୱେ ମୋର ନୈତିକତା ଓ ଆଦର୍ଶର ଶକ୍ତି ଅସୀମ।

ତଥାପି ମୁଁ ଆଶାବାଦୀ। ଆଜି ମୋର ଅସ୍ତିତ୍ୱ ପ୍ରଶ୍ନରେ ତଥାପି ମୋର ଆତ୍ମଗ୍ଳାନି ନାହିଁ। କାରଣ ସତ୍ୟର ମୂଲ୍ୟ କେବେ ମରେ ନାହିଁ। ମୋର ଦାୟିତ୍ୱରେ ଆଜି ମଧ୍ୟ ପରିବର୍ତ୍ତନ ହୋଇନି। ମୁଁ ସତ୍ୟର ପକ୍ଷରେ ଅବିଚଳ। ଡିଜିଟାଲ ମାଧ୍ୟମର ଉଦୟ ସତ୍ତ୍ୱେ ମୋର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଅମୂଲ୍ୟ ବା ଅନାବଶ୍ୟକ ହୋଇ ଯାଇନାହିଁ। ମୁଁ ଆଜି ମଧ୍ୟ ଗମ୍ଭୀର ଖବର ପ୍ରସାରଣ ଏବଂ ଆଞ୍ଚଳିକ ସମାଚାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋ ପରି ଅନେକ ଖବରକାଗଜ ସଫଳତାର ସହିତ ଅନଲାଇନ ପ୍ଲାଟଫର୍ମକୁ ରୂପାନ୍ତର ହୋଇଛି।

ମୁଁ ଆଜି ବି ରହିଛି ସତ୍ୟର ପ୍ରହରୀ, ସମାଜ ସଚେତନତାର ଯୋଦ୍ଧା, ଗଣତନ୍ତ୍ରର ସୁରକ୍ଷାକର୍ତ୍ତା। ସମୟ ବଦଳିଛି, ଯୁଗ ବଦଳିଛି, ସୂଚନାର ଦୌଡ଼ ହଠାତ୍ ବଢ଼ିଛି, କିନ୍ତୁ ସତ୍ୟର ମୂଲ୍ୟ, ନିର୍ଭରତା ଓ ବିଶ୍ୱାସର ପାଥେୟ ଅବିଚଳ ରହିଛି। ତୁରନ୍ତ ତଥ୍ୟର ଝଡ଼ ମଧ୍ୟରୁ ଯେତେବେଳେ ସତ୍ୟକୁ ଖୋଜିବା ଦୁର୍ବଳ ହେଉଛି, ସେତେବେଳେ ମୋର ଅସ୍ତିତ୍ୱ ଆହୁରି ଆବଶ୍ୟକ, ଆହୁରି ମୂଲ୍ୟବାନ। ହେ ମଣିଷ! ଯଦି ବିବେଚନା, ଚିନ୍ତନ ଓ ଜ୍ଞାନର ମାର୍ଗକୁ ଶକ୍ତିଶାଳୀ କରିବାକୁ ଚାହୁଁଛ, ତା'ହେଲେ ମୋର ପୃଷ୍ଠା ଖୋଲ, ମୋର ଅକ୍ଷରରେ ଭରସା କର। ମୋର ପାଠକ ହେବା ମାନେ କେବଳ ଖବର ପଢ଼ିବା ନୁହେଁ; ସଚେତନ ନାଗରିକ ହେବାର ପଥ ଚୟନ। ମୋର ବାର୍ତ୍ତା - ପୁନଃ ଆସ, ପୁନଃ ପଢ଼, ପୁନଃ ଭାବ। ପ୍ରତିଦିନ ୧୦ ମିନିଟ ସମୟ ମୋ ପାଇଁ ଦିଅ। ପ୍ରସଙ୍ଗଗତ ଖବର ଖୋଜ, ବିଶ୍ଳେଷଣ ପଢ଼, ତଥ୍ୟକୁ ପରୀକ୍ଷା କର। ଆଲୋଚନା କର, ପ୍ରଶ୍ନ କର, ନିର୍ଦ୍ଦେଶିତ ଡିଜିଟାଲ ଦୁନିଆରେ ନିଜ ମତ ନିଜେ ତିଆରି କର।

ମୁଁ ପୁଣି ଆସିବି ତୁମେ ଡାକିଲେ। ସେଇ ଦିନ ପାଇଁ ମୁଁ ଅପେକ୍ଷା କରୁଛି। ଆପଣଙ୍କ ପୁରୁଣା ମିତ୍ର - 'ଖବରକାଗଜ'।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ବର୍ତ୍ତମାନର ମନ୍ଦିରଟିର ପୀଠସ୍ଥଳଟି ଏକ ପୁରାତନ ବୌଦ୍ଧ ମନ୍ଦିରର ମୂଳଭାବେ ଜଣାଯାଏ। ଉଭୟ ବୌଦ୍ଧ ଓ ଅସମୀୟ ପରମ୍ପରା ଅନୁଯାୟୀ ପ୍ରାଚୀନ ମୂଳ ବୌଦ୍ଧ ମନ୍ଦିର ଉପରେ ନୂତନ ମନ୍ଦିର ଆଧୁନିକ ଯୁଗରେ ହିଁ ନିର୍ମିତ ହୋଇଛି। ହିନ୍ଦୁ ବ୍ରାହ୍ମଣମାନେ ପୂଜା କରୁଥିବା ଦେବତା ବା ଠାକୁରଙ୍କୁ 'ମାଧବ' କହୁଥିବା ବେଳେ ବୌଦ୍ଧମାନେ ତାଙ୍କୁ ମହାମୁନି ବୁଦ୍ଧ ବୋଲି କହିଥା'ନ୍ତି। ପ୍ରକୃତପକ୍ଷେ ଏହା ପ୍ରସ୍ତର ନିର୍ମିତ ଏକ ବିଶାଳ ବୁଦ୍ଧ ମୂର୍ତ୍ତି। ବର୍ତ୍ତମାନ ଯୁଗରେ ଏହି ମୂଳମୂର୍ତ୍ତିକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ରୁପାର ଆଖି ଓ ନାକ ଇତ୍ୟାଦି ଏଥିରେ ଲଗାଇ ବସ୍ତ୍ର ଆଦି ଚାରିଆଡ଼େ ଢାଙ୍କି ଦେଇ ଅବଶିଷ୍ଟ ଖୋଲା ଭାଗକୁ ସବୁବେଳେ ଫୁଲରେ ଘୋଡ଼ାଇ ଦିଆଯାଇଛି।



ଦ୍ୱିତୀୟ-ବୁଦ୍ଧ କଥା

ବୁଦ୍ଧଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିଙ୍କୁ ତିବ୍ବତର ଯେଉଁ ଅତ୍ୟନ୍ତ ବିଦ୍ୱାନ ଲାମାମାନେ ପୀଠ ଦର୍ଶନରେ ଆସିଥା'ନ୍ତି ସେମାନେ 'ମୁନିର ମୁନି ମହାମୁନି' ବୋଲି କହିଥା'ନ୍ତି। ମୂଳ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଗୋପନରେ 'ମାଧବ' ଭାବେ ହିନ୍ଦୁମାନେ ଯେପରି ତାଙ୍କୁ ପରିବର୍ତ୍ତନ କରାଇଲେ ତାହା ଇତିହାସରେ ଖ୍ରୀ୧୬୬୧ରେ ମୁସଲମାନମାନଙ୍କ ଆକ୍ରମଣ ଯୋଗୁଁ କରାଯାଉଥିବା କୁହାଯାଉଛି। ମୁସଲମାନ ସେନାପତି ମୀର ଜୁମ୍‌ଲା ବିଭିନ୍ନ ପ୍ରତିମା ରହିଥିବା ମନ୍ଦିର ସବୁ ଭାଙ୍ଗି ଦେଇ ସେଠାରେ ମସ୍‌ଜିଦ୍‌ମାନ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ଯେଉଁ ପଥର ପ୍ରତିମାଗୁଡ଼ିକ ତାଙ୍କ ପାର୍ଶ୍ୱରେ ରଖାଯାଇଛନ୍ତି ସେଗୁଡ଼ିକର ସଂଖ୍ୟା ଚାରିଗୋଟି। ଏହି ପ୍ରତିମା ସବୁ ମଧ୍ୟ ବଡ଼ ଆକାରର। ଲାମା ତୀର୍ଥଯାତ୍ରୀଙ୍କ ମତରେ ସେସବୁ ମଧ୍ୟ ବୌଦ୍ଧ ପ୍ରତିମା। ସେହି ଚାରିଗୋଟି ବୁଦ୍ଧ ପ୍ରତିମୂର୍ତ୍ତି ହେଉଛନ୍ତି 'ଓଡ୍ଡୀୟାନ ଗୁରୁ' (ପଦ୍ମସମ୍ଭବ) ମହାମୁନି ବୁଦ୍ଧଙ୍କ ବାସ କଡ଼ରେ, ଦର୍ଜେ ଡୋଲୋ (ବୁଦ୍ଧଙ୍କ ଡାହାଣ କଡ଼ରେ), ଶାକ୍ୟ ଥୁବା (ଡାହାଣ ପାଖରେ ଦ୍ୱିତୀୟରେ) ଓ ସେଞ୍ଚା ମୁନି (ଡାହାଣ ପାଖରେ ତୃତୀୟ ସ୍ଥାନରେ)।

ଅନ୍ୟ ପକ୍ଷରେ ହିନ୍ଦୁମାନେ ସମସ୍ତ ଦେବଦେବୀଙ୍କୁ 'ପଞ୍ଚମାଧବ' ଭାବରେ ବର୍ଣ୍ଣନା କରିଥା'ନ୍ତି। ଦ୍ୱିତୀୟ ମାଧବ, ଲାଲ କହ୍ନେୟା ବାଙ୍କବିହାରୀ, ବାସୁଦେବ, ହୟଗ୍ରୀବ ମାଧବ ଏବଂ ଗରୁଡ଼ ବିଷ୍ଣୁ ବାହନ। ଏହା ନିଶ୍ଚିତ ଯେ ହୁଏନସାଂ ସପ୍ତମ ଶତାବ୍ଦୀରେ କାମରୂପ ଭ୍ରମଣରେ ଆସିଥିବା ସମୟରେ ଏଡି ହଜୋ ସ୍ଥାନରେ କୌଣସି ବୌଦ୍ଧ ଅନୁଷ୍ଠାନ ନ ଥିଲା। କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଛନ୍ତି କି ଏଠାରେ (କାମରୂପ ରାଜ୍ୟରେ ଅଥବା ଆସାମରେ) ଲୋକମାନେ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ନାହିଁ କି ଏଠାରେ କୌଣସି ଗୋଟିଏ ବି ବୌଦ୍ଧ ବିହାର ଆଦି ନିର୍ମିତ ହୋଇନାହିଁ।

ଏସବୁ ଆଲୋଚନା ପରେ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ବୁଦ୍ଧଙ୍କର ମହାପରିନିର୍ବାଣ ଆସାମରେ କେବେହେଲେ ଘଟିନାହିଁ। ଏହା ପ୍ରତିଷ୍ଠିତ ତଥ୍ୟ କି ବୁଦ୍ଧଙ୍କର ମହାପ୍ରୟାଣ ଗୋରଖପୁର ନିକଟ କୁଶୀନଗରରେ ହିଁ ଘଟିଛି। ଏହା ମଧ୍ୟ ନିଶ୍ଚିତ ଯେ ଯାହା ବି ବୌଦ୍ଧକୀର୍ତ୍ତି ଏବଂ ବୌଦ୍ଧ ଅନୁଷ୍ଠାନ ଆଦି ଆସାମରେ ରହିଛି ବା ଦେଖାଯାଉଛି ତାହା ନିଶ୍ଚିତ ଭାବେ ସପ୍ତମ ଶତାବ୍ଦୀର ପରବର୍ତ୍ତୀ କାଳରେ ହୁଏନସାଂଙ୍କ ପରେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇ ଦେଶ...

ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିଫି ଲେନ୍ସରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି। ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜି ପରେ ପୁଟିନ୍ ରୁଷ୍ ଫେରିଯାଇଛନ୍ତି।

ଭାରତ-ରୁଷ ରଣନୈତିକ ସମ୍ପର୍କ ୨୫ ବର୍ଷ ପୂର୍ତ୍ତି ହେବା ଅବସରରେ ପୁଟିନ ଏହି ଭାରତ ଗସ୍ତରେ ଅଛନ୍ତି। ଆଜି ମିଳିତ ସାମ୍ବାଦିକ ସମ୍ମିଳନୀରେ ପୁଟିନଙ୍କୁ ସବୁଠାରୁ ଘନିଷ୍ଠ ସହଯୋଗୀ ବୋଲି ମୋଦୀ କହିଥିଲେ। ଭାରତ ଏବଂ ରୁଷ ସମୃଦ୍ଧ ଧ୍ରୁବ ତାରା ଭଳି ସ୍ଥିର ଏବଂ ଅଟଳ। ମେକ ଇନ ଇଣ୍ଡିଆ ଅଧୀନରେ ରୁଷ ଜାହାଜ ନିର୍ମାଣରେ ସହଯୋଗ କରିବ। ୟୁରୋସିଆନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ନେଇ ମଧ୍ୟ ଆଲୋଚନା ଜାରି ରହିଛି। ରୁଷରେ ଦୁଇଟି ନୂଆ ବାଣିଜ୍ୟ ଦୂତାବାସ ଖୋଲିବା ସହିତ ଏହି ଦେଶର ନାଗରିକଙ୍କୁ ୩୦ ଦିନ ପାଇଁ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ଗ୍ରୁପ-ଟୁରିଷ୍ଟ ଭିସା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ୨୦୩୦ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଶହେ ବିଲିୟନ ଡଲାର ଛୁଇଁବ ବୋଲି ମୋଦୀ କହିଛନ୍ତି। ସେହିପରି ପୁଟିନ କହିଥିଲେ ଯେ କେବଳ ତେଲ ଏବଂ ଗ୍ୟାସ ଉପରେ ଆଲୋଚନା ପାଇଁ ସେ ଭାରତ ଗସ୍ତରେ ଆସିନାହାନ୍ତି। ଭାରତ ସହ ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କ ଏବଂ ବାଣିଜ୍ୟ ବଢ଼ାଇବାକୁ ଚାହୁଁଛି। ବିନା ସମସ୍ୟାରେ ଇନ୍ଧନ ଯୋଗାଣ ଜାରି ରହିବ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ୬୦ ବିଲିୟନ ଡଲାର କାରବାର ହେଉଛି। ଦ୍ୱିପାକ୍ଷିକ ବ୍ୟବସାୟ ବର୍ଷେ ମଧ୍ୟରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଗକୁ ଏହା ୧୦୦ ବିଲିୟନ ଡଲାରକୁ ବଢ଼ିବ। ରୁଷ-ଭାରତ ମିଶି କୁଡ଼ନକୁଲମରେ ସବୁଠାରୁ ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ କରୁଛନ୍ତି। ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ ଚାଲିଛି। ଏହା ମାଧ୍ୟମରେ ବେଲାରୁଷ ଦେଇ ସାମଗ୍ରୀ ସିଧା ଭାରତ ମହାସାଗରରେ ପହଞ୍ଚିବ। ଏହା ସହିତ ଭାରତରେ ରୁଷ ଟୁଡେ ଚ୍ୟାନେଲ ଲଞ୍ଚ କରାଯିବ ବୋଲି ପୁଟିନ କହିଛନ୍ତି। ସେ ଆମେରିକାର ଦୋମୁହାଁ ନୀତିକୁ ପ୍ରଶ୍ନ ଉଠାଇଛନ୍ତି। ରୁଷଠାରୁ ଆମେରିକା ଫୁଏଲ କିଣୁଥିବା ଆମେରିକା ଭାରତକୁ ଟାର୍ଗେଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ଯଦି ଏହା କିଣି ଆମେରିକା ଠିକ୍ କରୁଛି ତେବେ ଭାରତର ଭୁଲ୍ କ'ଣ ରହିଲା ବୋଲି ପୁଟିନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତରେ ପ୍ରଭାବ ବୃଦ୍ଧି ଆମେରିକା ପାଇଁ ଅସହ୍ୟ ହୋଇଯାଉଥିବା ସେ ଉଲ୍ଲେଖ କରିଛନ୍ତି।

ମ୍ୟାନପାୱାର ମୋବିଲିଟି ବ୍ୟବସ୍ଥା, ହେଲଥକେୟର ଏବଂ ମେଡିକାଲ ଏଜୁକେସନ, ଫୁଡ ସେଫଟିଆଣ୍ଡ ଷ୍ଟାଣ୍ଡାର୍ଡ, ଜାହାଜ ନିର୍ମାଣ, ସାମୁଦ୍ରିକ ସୁରକ୍ଷା ଏବଂ ପର୍ଯ୍ୟାବେକ୍ଷଣ, କୃଷି ଏବଂ ରାସାୟନିକ ଏବଂ ପରମାଣୁ ସହଯୋଗ କ୍ଷେତ୍ରରେ ପ୍ରମୁଖ ୭ଟି ଚୁକ୍ତି ସ୍ୱାକ୍ଷର ହୋଇଛି।

ଅନ୍ୟପଟେ ପୁଟିନଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜିର ଆୟୋଜନ କରିଛନ୍ତି। ଏଠାରେ ପୁଟିନ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତେବେ ଏଠାକୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। କିନ୍ତୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡକା ଯାଇଥିଲା। ଏହା ପୂର୍ବରୁ ବିଦେଶରୁ ଆସୁଥିବା ନେତାଙ୍କ ସହ ସାକ୍ଷାତ କରିବାକୁ ସରକାର ଦେଉନାହାନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଆଜିର ଏହି ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

### ତଦନ୍ତ ନିର୍ଦ୍ଦେଶ...

ପରେ କେନ୍ଦ୍ର ସରକାର ବ୍ୟାକ୍‌ଫୁଟକୁ ଆସି ଯାଇଛନ୍ତି। 'ୱିକିଲ ରେଷ୍ଟ' ନିୟମ ପ୍ରତ୍ୟାହାର କରି ନେଇଛି। ସାପ୍ତାହିକ ବିଶ୍ରାମ ବଦଳରେ କୌଣସି ଆଶ୍ୱସ୍ତି ନ ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ନିୟମରୁ ଇଣ୍ଡିଗୋକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛି। ଏବେ କ୍ରୁ୍ୟ ସଦସ୍ୟଙ୍କୁ ପୂର୍ବ ଭଳି ୩୬ ଘଣ୍ଟା ବିଶ୍ରାମ ମିଳିବ। ଏଥିସହିତ କେନ୍ଦ୍ର ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ (ଏମଓସିଏ) ଏହି ମାମଲାକୁ ଗୁରୁତ୍ୱର ସହ ନେଇଛି। ୨୪୭ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ପରିଚାଳନା ପାଇଁ ସାମୟିକ ଆଶ୍ୱସ୍ତି ଦିଆଯାଇଛି। ଏଭଳି ସ୍ଥିତି ସୃଷ୍ଟି ପାଇଁ କିଏ ଦାୟୀ ଜାଣିବା ପାଇଁ ତଥା ଉତ୍ତରଦାୟିତ୍ୱ ଧାର୍ଯ୍ୟ ନିମନ୍ତେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଏକ ଚାରି ଜଣିଆ କମିଟି ଗଠନ କରାଯାଇଛି। ସ୍ଥିତିରେ ସୁଧାର ଆଣିବା ଲାଗି କି ପଦକ୍ଷେପ ନିଆଯିବ ତାହା ମଧ୍ୟ ଯାଞ୍ଚ କମିଟି ସୁପାରିସ କରିବ। ଏଭଳି ବଡ଼ଧରଣର ପରିଚାଳନାଗତ ବିଭ୍ରାଟ କାହିଁକି ହେଲା ତାହା ଜାଣିବା ପାଇଁ ଜଏଣ୍ଟ ଡାଇରେକ୍ଟର ଜେନେରାଲ ସଞ୍ଜୟ କେ ବ୍ରହ୍ମାନେ, ଡେପୁଟି ଡାଇରେକ୍ଟର ଜେନେରାଲ ଅମିତ ଗୁପ୍ତା, କ୍ୟାପ୍ଟେନ କପିଲ ମାଙ୍ଗଲିକ (ଏସଏଫଓଆଇ) ଏବଂ କ୍ୟାପେଟନ ଲୋକେଶ ରାମପାଲ (ଏଫଓଆଇ) ତଦନ୍ତ କରିବେ। ଏହି କମିଟି ଏଫଡିଟିଏଲ କାର୍-୨୦୨୪ ଅଧିନରେ ମାନବ ସମ୍ବଳର ପରିଚାଳନା, ନିୟମ ଅନୁପାଳନରେ ଥିବା ବ୍ୟବଧାନ, ଯୋଜନାର ବିଫଳତା ପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ, ସ୍ଥିତିରୁ ବାହାରିବା ପାଇଁ ନିଆଯାଉଥିବା ପଦକ୍ଷେପର ସମୀକ୍ଷା ଏବଂ ପୁନରୁଦ୍ଧାର ପାଇଁ କି ପଦକ୍ଷେପ ନିଆଯିବ ତାହା ସୁପାରିସ କରିବ। ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ମଧ୍ୟରେ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସ କହିଛନ୍ତି ଯେ ସ୍ଥିତି ସ୍ୱାଭାବିକ ହେବାକୁ କିଛି ଦିନ ସମୟ ଲାଗିବ। ଆଜି କମ୍ପାନୀ ସର୍ବାଧିକ ପ୍ରଭାବିତ ହୋଇଛି। ଦିନକରେ ହଜାରେରୁ ଅଧିକ ବିମାନ ବାତିଲ କରିଦିଆଯାଇଛି। ଏଭଳି ସ୍ଥିତି ପାଇଁ ଆମେ ଦୁଃଖୀତ। ଅସୁବିଧା ପାଇଁ ଆମେ ଗ୍ରାହକଙ୍କୁ କ୍ଷମା ମାଗୁଛୁ। ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ)ରେ କେନ୍ଦ୍ର ଦେଇଥିବା ଆଶ୍ୱସ୍ତି ପରିଚାଳନା ସ୍ଥିର କରିବାରେ ବେଶ୍ ସହାୟକ ହୋଇଛି। ତେବେ ୧୦-୧୫ ତାରିଖ ସୁଦ୍ଧା ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରେ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଆଜି ବି ଇଣ୍ଡିଗୋର କ୍ରୁ୍ୟ ସଦସ୍ୟଙ୍କ ଅଭାବ ଜନିତ ସ୍ଥିତିର ମୁକାବିଲା କରିବାରେ ବିଫଳ ହୋଇଛି। ଏଥିପାଇଁ ଦିଲ୍ଲୀ, ବେଙ୍ଗାଲୁରୁ, ପୁନେ, ହାଇଦରାବାଦ ସହିତ ଅନେକ ବିମାନବନ୍ଦରରେ ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ବିମାନକୁ ଅପେକ୍ଷା କରି କରି ଯାତ୍ରୀ ନୟାନ୍ତ ହେଲେଣି। ୨୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଦିଲ୍ଲୀ ବିମାନବନ୍ଦରର ବିକଳ ଚିତ୍ର ଭାଇରାଲ ହେବାରେ ଲାଗିଛି। ଏଠାରେ ଯାତ୍ରୀ ଖାଦ୍ୟ, ପାନୀୟ ଏବଂ ଜରୁରୀ ସାମଗ୍ରୀ ପାଇଁ କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କ ସହ ଝଗଡ଼ା କରୁଥିବା ଦେଖାଯାଉଛି।

### ସୁଧ ହାର ୦.୨୫%...

ହାରରେ ଆହୁରି ହ୍ରାସ ଘଟିବ ବୋଲି ପୂର୍ବରୁ ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଥିଲେ। ଯେତେବେଳେ ଆର୍‌ବିଆଇ ରେପୋ ହାର ହ୍ରାସ କରେ, ସେତେବେଳେ ବ୍ୟାଙ୍କଗୁଡ଼ିକ ଶସ୍ତାରେ ଋଣ ପାଆନ୍ତି ଏବଂ ସେମାନେ ଏହି ଲାଭ ଗ୍ରାହକମାନଙ୍କୁ ଦେଇଥାନ୍ତି। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ବଜାରରେ ଗୃହ ଏବଂ ଅଟୋ ଭଳି ଋଣ ୦.୨୫% ଶସ୍ତା ହେବ। ଉଦାହରଣ ସ୍ୱରୂପ ସୁଧ ହାରରେ ଏହି ହ୍ରାସ ପରେ ୨୦ ଲକ୍ଷ ଟଙ୍କାର ୨୦ ବର୍ଷର ଋଣ ଉପରେ ଏବେ ଇଏମ୍‌ଆଇ ୩୧୦ ଟଙ୍କା ହ୍ରାସ ପାଇବ। ସେହିପରି, ୩୦ ଲକ୍ଷ ଟଙ୍କାର ଋଣ ଉପରେ ଇଏମ୍‌ଆଇ ୪୬୫ ଟଙ୍କା ହ୍ରାସ ପାଇବ। ଏଥିଯୋଗୁ ନୂତନ ଏବଂ ପୂର୍ବରୁ ଋଣ ନେଇ ଥିବା ଗ୍ରାହକ ଉଭୟ ଏହାର ଲାଭ ପାଇବେ। ରେପୋ ହାର ହ୍ରାସ ଯୋଗୁଁ ଗୃହ ଚାହିଦା ବୃଦ୍ଧି ପାଇବ। ରେପୋ ହାର ହ୍ରାସ ପରେ, ବ୍ୟାଙ୍କଗୁଡ଼ିକ ଗୃହ ଏବଂ ଅଟୋ ଭଳି ଋଣ ଉପରେ ମଧ୍ୟ ସୁଧ ହାର ହ୍ରାସ କରିପାରନ୍ତି। ସୁଧ ହାର ହ୍ରାସ ପାଇଲେ ଗୃହ ଚାହିଦା ବୃଦ୍ଧି ପାଇବ। ଅଧିକ ଲୋକ ରିଅଲ୍ ଇଷ୍ଟେଟରେ ନିବେଶ କରିପାରିବେ। ଏହା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରେପୋ ହାର ଚାରି ଥରରେ ୧.୨୫% ହ୍ରାସ ପାଇଛି। ଆର୍‌ବିଆଇ ଫେବୃଆରୀ ବୈଠକରେ ସୁଧ ହାର ୬.୫%ରୁ ୬.୨୫%କୁ ହ୍ରାସ କରିଥିବାବେଳେ ଏପ୍ରିଲ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାର ୦.୨୫% ହ୍ରାସ କରାଯାଇଥିଲା। ଜୁନ୍ ମାସରେ ତୃତୀୟ ଥର ପାଇଁ ସୁଧ ହାର ୦.୫୦% ହ୍ରାସ କରାଯାଇଥିବାବେଳେ, ଏବେ ପୁଣି ଥରେ ଏଥିରେ ୦.୨୫% ହ୍ରାସ କରାଯାଇଛି।

### ବିରଞ୍ଚିଙ୍କୁ ବାନ୍ଧିଲା...

ଏହି ଦୁଇ ଜଣଙ୍କୁ କ୍ରାଇମ୍ ସିଣ୍ଡିକେଟ୍ ଉତ୍ତର ଓଡ଼ିଶା ଦାୟିତ୍ୱ ଦେଇଥିଲା। ଏମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଟଙ୍କା ଦେଇପାରୁଥିବା ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲେ। ଏହାସହ ଆଶାୟୀଙ୍କୁ ନେଇ ପଶ୍ଚିମବଙ୍ଗର ଦୀଘାରେ ଏକ କ୍ୟାମ୍ପ ଚଳାଇଥିଲେ। ଯେଉଁଥିରେ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଏବଂ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ସିବିଆଇ ତାଙ୍କୁ ଗିରଫ କରିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ଅଧିକ ପଚରାଉଚରା ପାଇଁ ବିରଞ୍ଚିକୁ ୨ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇକୁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି।

### ଫେବ୍ରୁଆରୀ ୧୯ରୁ...

ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରିଷଦର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଅଫିସିଆଲ୍ ସମୟ ସୂଚୀକୁ ଯତ୍ନର ସହ ଯାଞ୍ଚ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ସହ ବିଏସ୍‌ଇ ଓଡ଼ିଶା ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ୨୦୨୬ ଏବଂ ମାଧ୍ୟମା ସଂସ୍କୃତ ପରୀକ୍ଷା ୨୦୨୬ର ସୂଚୀ ମଧ୍ୟ ପ୍ରକାଶ କରାଯାଇଛି।

### ପରୀକ୍ଷା ପୂର୍ବରୁ...

କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଶୁକ୍ରବାର ଅପରାହ୍ନରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହାପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗୃହକୁ ୨ଟି ପର୍ଯ୍ୟାୟରେ ୨୦ ମିନଟ ମୁଲତବୀ କରିବାକୁ ପଡ଼ିଥିଲା। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଆଜି ମୁଲତବୀ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଡ. ସିଏସ୍ ରାଜନ ଏକ୍କା ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସମାନ ପ୍ରସଙ୍ଗ ଗୃହରେ ଉଠାଇଥିଲେ।

ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦିନରାତି ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ସ୍ୱଚ୍ଛତାର ସହ ପରୀକ୍ଷା କରାଇବାରେ ସରକାର ବିଫଳ ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟ ପରି ଘଟଣା ପରୀକ୍ଷାର୍ଥୀଙ୍କୁ ବିଚଳିତ କରିଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଆଶାୟୀଙ୍କ ମେରୁଦଣ୍ଡ ଦୋହଲି ଯାଇଥିଲା। ଏତେ ବଡ଼ ସ୍ତରରେ କେଳେଙ୍କାରୀ ହେଉଥିବା ଜଣାପଡ଼ିବା ପରେ ସେମାନଙ୍କ ମନୋବଳ ଭାଙ୍ଗି ଯାଇଛି। ଏବେ ଯେକୌଣସି ନିଯୁକ୍ତି ପରୀକ୍ଷାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଉପୁଜୁଥିବା ବେଳେ ସରକାର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷେ, ଗୋଟିଏ ପରେ ଗୋଟିଏ ପରୀକ୍ଷା ବିଭ୍ରାଟ ହେଉଥିବାରୁ ସରକାରଙ୍କ ଆନ୍ତରିକତା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ପରୀକ୍ଷା ବିଭ୍ରାଟ ଉତ୍କଟ ରୂପ କିପରି ନେଇଛି ବୋଲି ପ୍ରଶ୍ନ କରିଛନ୍ତି।

### ସରକାରୀ ସହାୟତା...

ବଢ଼ିଥିଲା। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ଦିଲ୍ଲୀରେ ଆୟୋଜିତ 'ବୀର କ୍ଲାସିକ୍ ଚାମ୍ପିଅନସିପ'ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାଜିଆବାଦରେ ଆୟୋଜିତ 'ମିଷ୍ଟର ଇଣ୍ଡିଆ ୱିମେନ୍ ବଡି ବିଲଡିଂ ଚାମ୍ପିଅନ୍‌ସିପ୍'ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୫ ମେ' ମାସରେ ବ୍ୟାଙ୍କକ୍‌ରେ ଆୟୋଜିତ 'ଇଣ୍ଟରନ୍ୟାସନାଲ ବଡି ବିଲଡିଂ ଆଣ୍ଡ ଫିଟନେସ୍ ଚାମ୍ପିଅନସିପ୍ ୫୨ କେଜି ୱେଟ୍ କାଟାଗୋରୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାସହ ୧୭୨ ସେଣ୍ଟିମିଟର ଫିଟନେସ୍ କାଟାଗୋରୀରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ସେ ବିକ୍‌ନି, ଫିଟନେସ୍, ବଡି ବିଲଡିଙ୍ଗ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ୩ଟି ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିଥିଲେ।

କିନ୍ତୁ ଏହି ବିଶ୍ୱ ବିଜେତାଙ୍କ ଲାଗି ଓଡ଼ିଶା ସରକାର ନିଜର ସହାୟତାର ବାଟ ବନ୍ଦ କରିଦେଇଥିଲେ। ଏବେ କ୍ରୀଡ଼ା ନୀତି ଅନୁଯାୟୀ ଏକାଧିକ ଅଣ ଅଲିମ୍ପିଆଡ୍ ପଦକ ବିଜେତାଙ୍କୁ, ଅଂଶଗ୍ରହଣ କରିବାକୁ ସରକାର ହାତ ଖୋଲି ଦେଇଛନ୍ତି। କିନ୍ତୁ ଏକ କଷ୍ଟସାଧ ଖେଳରେ ତାଙ୍କୁ ସହାୟତା, ପ୍ରୋତ୍ସାହନ ରାଶି ଦେବାତ ଦୂରର କଥା ସାମାନ୍ୟ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ବାର୍ତ୍ତାଟିଏ ଜଣାଇ ନାହାନ୍ତି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ କିମ୍ବା କିମ୍ବା ମୁଖ୍ୟମନ୍ତ୍ରୀ। ଏବେ ଦେଶ ବିଦେଶରେ ସଫଳତା ପାଉଥିବା ଦଳ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନରେ ପୋତି ପକାଉଛନ୍ତି।

ଏଭଳି କ୍ଷେତ୍ରରେ ପିଙ୍କିଙ୍କ ପ୍ରତି ମନ୍ତ୍ରୀ ଓ ପ୍ରଶାସକ କାହିଁକି ଚୁପ୍ ରହିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ବିନା ସହାୟତା କିମ୍ବା ପ୍ରୋତ୍ସାହନରେ ବଲି ବିଲ୍ଡିଂ ଭଳି କ୍ରୀଡ଼ାରେ ତିଷ୍ଠି ରହିବା ସମ୍ଭବ ନୁହେଁ। ଏହାର ଅଭାବରେ ପିଙ୍କି ଯେ ଏବେ ଖେଳ ଛାଡ଼ିବାକୁ ଚିନ୍ତା କରିବା ନିଶ୍ଚିତ ଭାବେ ରାଜ୍ୟ ଲାଗି ଖରାପ ପରମ୍ପରା ସୃଷ୍ଟି କରିବ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ପିଙ୍କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପିଙ୍କିଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେବା ସହ ତାଙ୍କ ଲାଗି କିଛି ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରତିଶ୍ରୁତି ୯ ମାସ ପୂରିବାକୁ ବସିଲାଣି। ପିଙ୍କି କିନ୍ତୁ ସହାୟତା ଓ ପ୍ରୋତ୍ସାହନ ଅଭାବରେ ଖେଳ ଛାଡ଼ିବାକୁ ବସିଲେଣି। ଖୋର୍ଦ୍ଧା ଜିଲ୍ଲାର ଝିଅ ଓ ଢେଲାଙ୍ଗର ବୋହୁ ଏବେ ଡୁମୁଡୁମାର ବାସିନ୍ଦା। ସରକାରୀ ସହାୟତା ବିନା ସେ ତାଙ୍କ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେବେ ନାହିଁ।

## ବେଢ଼ାକୁଦର ଡାକ ଜମାଖାତାରୁ ଟଙ୍କା ଗାଏବ

# ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

**ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ**

ବାଙ୍ଗିରିପୋଷି, ୫।୧୨(ସମିସ): ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସ ଅଧୀନରେ ଥିବା ବେଢ଼ାକୁଦର ଉପ-ଡାକଘରୁ ଜମାକାରୀମାନଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେଉଥିବା ଜଣାପଡ଼ିଛି। ଜମାକାରୀମାନେ ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସକୁ ଟଙ୍କା ଉଠାଣ ପାଇଁ ଆସି ଆକାଉଣ୍ଟରେ ଟଙ୍କା ନଥିବାର ଜାଣିବାକୁ ପାଇ ନିରାଶ ହେଉଛନ୍ତି। ଯୋଗୀବନ୍ଧ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଟଙ୍କା ଉଠାଇବାକୁ ଆସି ଖାତାରେ ଟଙ୍କା ନ ଥିବା ଜାଣି ହତାଶ ହୋଇ କାକୁତିମିନତି ହୋଇ ସବ୍ ପୋଷ୍ଟମାଷ୍ଟରଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସବ୍ ପୋଷ୍ଟମାଷ୍ଟର ରାଇରଙ୍ଗପୁର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଉକ୍ତ ଘୋଟଲା ସମ୍ପର୍କରେ ଅବଗତ କରିଥିବାର ଜଣାପଡ଼ିଛି। ଏବେ ବି ବହୁ ଗରିବ ଖଟିଖିଆ ଲୋକ ବ୍ୟାଙ୍କ ବଦଳରେ ସରକାରଙ୍କ ସବୁଠାରୁ ଭରସାଯୋଗ୍ୟ ସଂସ୍ଥା ଡାକଘରେ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କା ତାଙ୍କୁ ଠିକ୍ ସମୟରେ ମିଳୁନାହିଁ କିମ୍ବା ତାଙ୍କ ଜମାଖାତାରେ ଟଙ୍କା ମଧ୍ୟ ରହୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଜମାକାରୀଙ୍କ ଭରସା ତୁଟିବାରେ ଲାଗିଛି। ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସୂଚନା ମିଳିଛି। ତେବେ ଆଗକୁ ଅଧିକ ଖୋଳତାଡ଼ ହେଲେ ତଳୁ ଉପର ପର୍ଯ୍ୟନ୍ତ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବା ସହ ଆହୁରି ଅନେକ ଦୁର୍ନୀତି ଧରାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ବେଢ଼ାକୁଦର ଡାକଘର ଦାୟିତ୍ୱରେ ଥିବା ଅମିତ ମହାନ୍ତଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।


## ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/17, ତା.02.12.2025ରିଖ

**କ୍ରମ ସଂ.01 :** ଟେଣ୍ଡର ନଂ.02251446, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଲିଣ୍ଡ୍ରିକାଲ ରୋଲର ବିୟରିଂ ସେଟ୍, ପରିମାଣ : T.S. ଅନୁସାରେ।

**କ୍ରମ ସଂ.02 :** ଟେଣ୍ଡର ନଂ.03251794A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଙ୍ଗ୍ ହାଇଡ୍ରୋଲିକ୍ ସକ୍(Shock) ଅବଶୋଷକ, ପରିମାଣ : 1000 ଗୋଟି।

**କ୍ରମ ସଂ.03 :** ଟେଣ୍ଡର ନଂ.09253605A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ମିଟର ଲୟରେ ଏମ୍ ଏସ୍ ଫ୍ଲାଟ୍ ସାଇଜ୍ 40mm x 6mm, ପରିମାଣ : T.S. ଅନୁସାରେ।

**କ୍ରମ ସଂ.04 :** ଟେଣ୍ଡର ନଂ.03253925B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର ୟୁନିଟ୍, ପରିମାଣ : 104 ଗୋଟି।

**କ୍ରମ ସଂ.05 :** ଟେଣ୍ଡର ନଂ.03251470A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ CBC କପଲର ନୁକଲ (Knuckle), ପରିମାଣ : 233 ଗୋଟି।

**କ୍ରମ ସଂ.06 :** ଟେଣ୍ଡର ନଂ.04251001A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲ୍ୱ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ।

**କ୍ରମ ସଂ.07 :** ଟେଣ୍ଡର ନଂ.06255429, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8.5 ରେ 1 ୱେଲ୍ଡ୍‌ଯୁକ୍ତ ସିଏମ୍‌ଏସ୍ କ୍ରସିଙ୍ଗ୍ B.G, ପରିମାଣ: T.S. ଅନୁସାରେ।

**କ୍ରମ ସଂ.08 :** ଟେଣ୍ଡର ନଂ.02251711, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ପୋର୍ସନ ER 787776-1994 ନିମନ୍ତେ ଓଭରହାଲିଙ୍ଗ୍ କିଟ୍, ପରିମାଣ : T.S. ଅନୁସାରେ।

**କ୍ରମ ସଂ.09 :** ଟେଣ୍ଡର ନଂ.04254313A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରସଲେସ୍ ସେନ୍‌ସର ବିହୀନ DC ରେଲୱେ କ୍ୟାରେଜ୍ ଫ୍ୟାନ୍‌ସ, ପରିମାଣ : 3906 ଗୋଟି।

**ଟେଣ୍ଡର ଖୋଲାଯିବା ତାରିଖ :** ତା.15.12.2025ରିଖ (କ୍ରମ ସଂ.1 ଏବଂ 5 ପାଇଁ), ତା.18.12.2025ରିଖ (କ୍ରମ ସଂ.2 ଏବଂ 3 ପାଇଁ), ତା.16.12.2025ରିଖ (କ୍ରମ ସଂ.4 ପାଇଁ), ତା.29.12.2025ରିଖ (କ୍ରମ ସଂ.6 ଏବଂ 7 ପାଇଁ), ତା.17.12.2025ରିଖ (କ୍ରମ ସଂ.8 ପାଇଁ) ଏବଂ ତା.05.01.2026ରିଖ (କ୍ରମ ସଂ.9 ପାଇଁ)।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-873/Q/25-26

## NOTICE

By virtue of an affidavit sworn before Executive Magistrate, Talcher, dated 07/11/2025. I, MAMI MOHARANA, Address: Vill/PO-Ghantapada,PS-Colliery ,Dist.-Angul,Odisha-759103 declare that I have changed my name from MAMATA MAHARANA to MAMI MOHARANA. Henceforth, I shall be known as **MAMI MOHARANA** for all purposes.

**MAMI MOHARANA**

## WALK-IN-INTERVIEW

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

**1st walk in interview on 7th December 2025**
**2nd walk in interview on 27th December 2025**
**Walk in interview timing-10:30AM TO 2:30PM**

Interview Venue- **REJUVENE URO NEPHRO HOSPITAL**
**Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com**

## NOTICE FOR MINOR

By virtue of an affidavit sworn before Executive Magistrate, Gop, dated 29/10/2025, I **DEBENDRA SWAIN**, S/o Purnachandra Swain permanent resident of Village-Nuakholamara Gadasahi, Po: Lalitapahandi, Ps - Gop, Dist- Puri, State- Odisha, Pin- 752045 declare that I have changed my minor Son's name from **PRADUMNA SWAIN (Old Name)** to **PRADYUMNA SWAIN (New Name).** Henceforth, he shall be known as **PRADYUMNA SWAIN** for all future purposes.
(Sd- **DEBENDRA SWAIN**)

## VEHICLE FOR SALE

NEW HOLAND 3230 TRACTOR, Model - 2022, Registration No-OD-04-S-2096, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

## AFFIDAVIT

I Deepak Jena s/o- Jagannath Jena AT/Po- Chakeisab, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.4084/9.10. 2025, that I have changed my name Shiba Shankar Jena to Deepak Jena s/o Jagannath Jena and I shall be treated as same and one person. Hence my name as Deepak Jena for all future purpose.

## FOR SALE

1 Number of Tractor – TAFE MF 246 DYNATRACK, Registration No.- OD-01-AU-9930, Model-2023, ENGINE NO – S3255N74848, CHASSIS NO - MEAAACD5LP2514869, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

## AFFIDAVIT

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Benchhor, S/o Rajkumar Benchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN-768039, Odisha declare that I have changed my name from Narayan Benchhor to Narayana Benchhor. Henceforth, I shall be known as Narayana Benchhor (new name) for all purposes.

## NOTICE

By virtue of an Affidavit sworn before Executive Magistrate, Bhubaneswar. dated 29.11.2025, CF No.01, I, **Trinath Sahoo,** aged about 45 years, S/o: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.45606087 3983 currently residing at above address, declare that I have changed my daughter's name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonali Sahoo** for all purposes.
**Sd/- Trinath Sahoo**

## AFFIDAVIT

By virtue of an affidavit sworn before the Notary Public Jeypore, dated 03.12.2025 I, JASPAL SINGH BHOGAL, S/o- Late Sohan Singh resident of new Street 1st lane, Po./Ps.- Jeypore, Dist.- Koraput, Odisha state that, in the Birth Certificate and Passport of my daughter ISHPREET KAUR my name has been wrongly mentioned as JASPAL SINGH. That **JASPAL SINGH** and **JASPAL SINGH BHOGAL** is one and same person.
Sd/- Jaspal Singh Bhogal

## AFFIDAVIT

By virtue of an affidavit No.3059, sworn before the Executive Magistrate, Sukinda on dtd-04/12/2025, I **Dharanidhar Mohapatra,** S/o Late Nilamani Mahapatra, resident of At/Po/Ps-Sukinda, Dist- Jajpur, Odisha, Pin- 755018 declared that I have changed my minor son's name from **Surja Prakash Mahapatra** (old name) to **Surya Prakash Mohapatra** (new name). Henceforth he shall be known as **Surya Prakash Mohapatra** for all future purposes.
**Dharanidhar Mohapatra**

## AFFIDAVIT

By virtue of an affidavit before the Notary Public, Titilagarh, on dated-05/12/2025. I, **Muralidhar Chhura** (applicant name), S/o- Nirakar Chhura, permanent resident of AT- Gunchitara, PO- Tentulikhunti, PS- Titilagarh, Dist- Balangir, (Odisha), PIN- 767037 now residing at the same place declare that I have changed my minor daughter's name from **Premanjal Chhura** (old name) to **Premanjali Chhura** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Premanjali Chhura** (new name) for all future purposes.
**Muralidhar Chhura**

## FOR SALE

1 Number of TRACTOR –ESCORTS PT EURO 45 4WD, Registration No.- OD-17-AC-4681, Model 2024, - ENGINE NO E3761024, CHASIS NO - T053669670FM, For Details, contact – 9437577742, SUNDARAM FINANCE LTD., 1ST Floor, Naik Bhaban, Ward No-18, NH-6, Near -Bhatli Chowk, DIST- BARGARH-768028(Odisha).

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 05/05/2025, I **KARTIK JENA**, S/o Sarbeswar Jena permanent resident of Village- Batol, Po: Gadamotari, Ps - Delanga, Dist- Puri, State-Odisha, Pin- 752015 declare that I have changed my name from **KARTTIK PATTANAYAK (Old Name)** to **KARTIK JENA (New Name).** Henceforth, I shall be known as **KARTIK JENA** for all future purposes.
(Sd- **KARTIK JENA**)

## AFFIDAVIT

By virtue of an affidavit sworn before The Executive Magistrate, Bhubaneswar, CF.NO- 33, dated 03-06-2025 I, **BIPLAB DASS,** S/o Muralidhar Mallik Permanent resident of At- Jagannathpur, Anantapur, Infront of MK Fly Ash Bricks, Po/Ps- Phulnakhara, Dist-Khordha, State- Odisha, PIN-754001, declare that I have changed my name from **BIPLAB MALLIK** (Old name) to **BIPLAB DASS** (New name), Henceforth, I shall be known as **BIPLAB DASS** for all purposes.
Sd-( **BIPLAB DASS** )

**ADMISSION NOTICE-2025-26**

## Manjari Devi College

Affiliated to Utkal University, OUHS, PCI, OSBP & DMLT/RTEB

**Campus:**
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

### ସର୍ବସାଧାରଣ ନିମନ୍ତେ ସୂଚନା

ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,

- ଜଟଣୀ ସହରକୁ ସରଳ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ। ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
- ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି। ଏହାର ଉପଯୋଗ କରନ୍ତୁ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ। ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ।
- ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ।
- ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଦ୍ଧା ଲେଖନ୍ତୁ। ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ୍ ଗାଡ଼ି ପାଇଁ ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ।
- ରାସ୍ତା କଡ଼ ଡ୍ରେନ୍ କୁ କବର ଦଖଲ କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ।
- ପରିଷଦ ଇଲାକାରେ ଥିବା ସୈଉରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ।

ନିଷ୍କଳ ଭାରତୀୟ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

| | | |
|---|---|---|
| ଶ୍ରୀମତୀ ଆରତୀ ରାଉତ | ଶ୍ରୀମତୀ ଆଲ୍ପିନୀ ଗୋଏଙ୍କା | ଶ୍ରୀଯୁକ୍ତ ଅନନ୍ତ ବେହେରା |
| ଉପାଧ୍ୟକ୍ଷା | ନିର୍ବାହୀ ଅଧାକାରୀ | ଅଧ୍ୟକ୍ଷ |
| ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ |

## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

**ଦରଖାସ୍ତ ଆହ୍ୱାନ**

ବିଜ୍ଞପ୍ତି ସଂଖ୍ୟା- ୫୫୯୩, ତା. ୦୪.୧୨.୨୦୨୫

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ। ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ।

ଉପଲବ୍ଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ। ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି। ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

୫ମ ସୁନକ୍ଷତ୍ର
ସକାଳ THE SAKALA
www.sakalaepaper.com
ମୟୂରଭଞ୍ଜ

# ଏବେ ବି ଅନ୍ଧାରରେ କଟିସାହିର ୩୦ ପରିବାର

## ତାର ଟଣାହେଇଛି, ଟ୍ରାନ୍ସଫର୍ମର ଲାଗିଛି; ବିଦ୍ୟୁତ୍ ସଂଯୋଗ ହେଉନି

ଶରତ, ୫।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ପଞ୍ଚାୟତ ଅଧୀନ କିଟିସାହି ଗ୍ରାମରେ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ଟ୍ରାନ୍ସଫର୍ମର, ବିଦ୍ୟୁତ୍ ଖୁଣ୍ଟ ତଥା ତାର ସଂଯୋଗୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ତେବେ ପ୍ରାୟ ୩୦ ପରିବାରର ଲୋକେ ଆଜି ବି ଅନ୍ଧାରରେ ଡିବିରି ଆଲୁଅକୁ ଭରସା କରି ଜୀବନ ବିତାଉଥିବା ଗ୍ରାମର ରାଉକାନ ସୁରିନ, ଡୁବୁରାଇ ପୂର୍ତ୍ତି, ଗିରି ତିୟୁ, ଯମୁନା ଗୋଇପାଇ, ବେତ୍ର ବଦ୍ରା ପ୍ରମୁଖ ଅଭିଯୋଗ କରିଛନ୍ତି।





ସୂଚନାଥାଉ କି, ୨୦୧୭-୧୮ ମସିହାରେ ହିଁ ଏହି ଗ୍ରାମର ବାସିନ୍ଦାମାନଙ୍କୁ ଆଲୋକୀକରଣ କରିବା ପାଇଁ ଗ୍ରାମରେ ଟ୍ରାନ୍ସଫର୍ମର, ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ସଂଯୋଗ କରାଯାଇଛି। କିନ୍ତୁ ସେହି ସବୁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଇତିମଧ୍ୟରେ ସ୍ଥାପନ ହୋଇଥିବା ଟ୍ରାନ୍ସଫର୍ମର ନଷ୍ଟ ହେବାକୁ ଗଲାଣି। ତାର ସବୁ ଛିଡ଼ିଯାଉଛି ସତ ଏହିସବୁ ସ୍ଥାପନ କରାଯିବାର ୭/୮ ବର୍ଷ ବିତିଯାଉଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବାରୁ ଆନ୍ଦୋଳନର ଦାନା ବାନ୍ଧିଲାଣି। ଏନେଇ କପ୍ତିପଦା ସେକ୍ସନ ବିଦ୍ୟୁତ୍ ଯନ୍ତ୍ରୀ ଟି. ନଗେଶଙ୍କୁ ପଚାରିବାରୁ, ଆପଣମାନଙ୍କ ଯୋଗେ ଆମେ ଖବର ପାଇଛୁ, ୧୦ ଦିନ ମଧ୍ୟରେ ଉକ୍ତ ଗ୍ରାମବାସୀଙ୍କୁ ଆମେ ବିଦ୍ୟୁତ୍ ସେବା ଯୋଗାଇଦେବୁ ବୋଲି କହିଛନ୍ତି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ଯୁବ ସମାଜସେବୀ ଦୁଲମୁ ଆଲଡ଼ା, କୁସୁନୁ ଗିଲୁଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ହାଟବାଦଡ଼ା ଫାଣ୍ଡି ହେବ ପୁଲିସ ଥାନା

ରାଇରଙ୍ଗପୁର, ୫।୧୨(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଫାଣ୍ଡି ପୁଲିସ ଥାନାରେ ପରିଣତ ହେବାକୁ ଯାଉଛି। ରୂପାନ୍ତରୀକରଣ କରି ଥାନାକୁ ପାହ୍ୟା ବୃଦ୍ଧି କରିବା ନେଇ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏହାର ଅନୁଧାନ କରି ରିପୋର୍ଟ ପ୍ରଦାନ ପାଇଁ ଚିଠି ହୋଇଛି। ବାମନଘାଟି ଉପଖଣ୍ଡର କୁସୁମୀ ବ୍ଲକ ଅନ୍ତର୍ଗତ ଉକ୍ତ ହାଟବାଦଡ଼ା ଫାଣ୍ଡିଟି ବର୍ତ୍ତମାନ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନରେ ଫାଣ୍ଡି ଭାବେ ଅନେକ ବର୍ଷ ହେବ କାର୍ଯ୍ୟରତ ରହିଛି। ଫାଣ୍ଡି ଅନ୍ତର୍ଗତ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ମାତ୍ରା ଅଧିକ ରହୁଛି। ଏହା ସହିତ ରାଷ୍ଟ୍ରପତିଙ୍କ ଗ୍ରାମ ଉପରବେଡ଼ା ଉକ୍ତ ଫାଣ୍ଡି ଅଧୀନରେ ରହିଛି। ଉପରବେଡ଼ା ଗ୍ରାମରେ ଏକ ନୂତନ ପୁଲିସ ଥାନା ସ୍ଥାପନ କରିବା ନେଇ ପ୍ରସ୍ତାବ ରହିଥିଲା। ଯାହାକୁ ନେଇ ହାଟବାଦଡ଼ା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଥାନା ସ୍ଥାପନ ହେଲେ କୁସୁମୀ ବ୍ଲକର ଉପରବେଡ଼ା ଗ୍ରାମ ସମେତ ଅନେକ ଅଞ୍ଚଳ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପରିବର୍ତ୍ତେ ହାଟବାଦଡ଼ା ଥାନା ଅଧୀନକୁ ଆସିବେ। ଯାହାକୁ ନେଇ ପ୍ରସ୍ତାବ ପୁଲିସ ଅତିରିକ୍ତ ଡିଜି (ଆଧୁନିକରଣ)ଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ଆବଶ୍ୟକ ତଥ୍ୟ ଅନୁଧାନ କରି ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଚିଠି ଯୋଗେ ସୂଚନା ଦିଆଯାଇଛି। ରାଇରଙ୍ଗପୁର ରାଷ୍ଟ୍ରପତିଙ୍କ ଅଞ୍ଚଳ ହୋଇଥିବାବେଳେ ନୂତନ ପୁଲିସ ଜିଲ୍ଲା ଗଠନ ନେଇ ପ୍ରକ୍ରିୟା ଜାରି ରହିଛି। ଯାହାକୁ ନେଇ କିଛିଦିନ ପୂର୍ବେ ପୂର୍ବାଞ୍ଚଳ ଡିଆଇଜି ପିନାକି ମିଶ୍ର ରାଇରଙ୍ଗପୁର ଗସ୍ତରେ ଆସି ଅନୁଧାନ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ପ୍ରସ୍ତାବ ରହିଛି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନରେ ୧୪ଟି ଥାନା ରହିବାକୁ ଥିବାବେଳେ ହାଟବାଦଡ଼ା ଫାଣ୍ଡିରୁ ଥାନାକୁ ପରିଣତ ହେଲେ ଥାନା ସଂଖ୍ୟା ୧୫କୁ ଛୁଇଁବ। ଏ ବାବଦରେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନାଙ୍କୁ ପଚାରିବାରୁ ଥାନାରେ ପରିଣତ କରିବା ନେଇ ପ୍ରସ୍ତାବ ଥିବା ସୂଚନା ରହିଛି। ତେବେ ସମସ୍ତ ପ୍ରକ୍ରିୟା ଏସ୍‌ପିଙ୍କ ଦ୍ୱାରା ପରିଚାଳିତ ହେଉଛି। ତେବେ ଥାନାରେ ପରିଣତ ହେଲେ ନୂତନ ବିଲ୍ଡିଂ ନିର୍ମାଣ ସହ କର୍ମଚାରୀ ନିଯୁକ୍ତ ହେବେ। ଯାହାଦ୍ୱାରା ଉକ୍ତ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ।

■ ରୂପାନ୍ତରୀକରଣ ନେଇ ବିଭାଗକୁ ଦିଆଯାଇଛି ପ୍ରସ୍ତାବ
■ ଥାନା ସ୍ଥାପନ ନେଇ ଅନୁଧାନ ପାଇଁ ଚିଠି

## ଷ୍ଟେସନ ବଜାର ହାଟର ହେବ ଉନ୍ନତୀକରଣ

ବାରିପଦା, ୫।୧୨(ସମିସ): ଷ୍ଟେସନ ବଜାରସ୍ଥିତ ପୁରାତନ ହାଟର ଉନ୍ନତୀକରଣ କାର୍ଯ୍ୟ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ବ୍ୟବସାୟୀଙ୍କୁ ସ୍ଥାନାନ୍ତର କରିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଷ୍ଟେସନ ବଜାର ହାଟର ବ୍ୟବସାୟୀମାନେ ଅସ୍ଥାୟୀ ଭାବରେ ତକତପୁରସ୍ଥିତ ଆର୍‌ଏମ୍‌ସି ପଡ଼ିଆକୁ ଯିବେ। ଏନେଇ ବାରିପଦା ପୌରପାଳିକା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୭ ତାରିଖରୁ ସ୍ଥାନାନ୍ତର କରି ବ୍ୟବସାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

କପ୍ତିପଦା, ୫।୧୨(ସମିସ): ବିଶ୍ୱ ଭିନ୍ନକ୍ଷମ ଦିବସ ପରିପ୍ରେକ୍ଷୀରେ କପ୍ତିପଦା ବ୍ଲକ ସଂଲଗ୍ନ ସଂସ୍କୃତି ଭବନଠାରେ କପ୍ତିପଦା ଭିନ୍ନକ୍ଷମ ମଞ୍ଚ ଓ ସ୍ୱେଚ୍ଛାସେବୀ ସଂଗଠନ 'ସମ୍ଭବ' ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ମାତୃ ବିହାରର ସଭାପତି ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଉପଖଣ୍ଡର ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରକାଶ କରିଥିଲେ। ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପ୍ରାକ୍ତନ ଜିଲ୍ଲା ସାମାଜିକ ଅଧିକାରୀ ନାରାୟଣ ବେହେରା, ସାମାଜିକ କର୍ମୀ ଖଗେଶ୍ୱର ସିଂ, ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଞ୍ଜନ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସନ୍ତୋଷ ସାହୁ ସ୍ୱାଗତ ଭାଷଣ ଓ ସାମାଜିକ କର୍ମୀ ଆଶିଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବ୍ୟାଙ୍ଗ ସୁପ୍ରଭା ମଞ୍ଜରୀ ସାହୁ, ସଞ୍ଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ସମଗ୍ର ଶିକ୍ଷା ପକ୍ଷରୁ ବ୍ଲକସ୍ତରୀୟ ଭିନ୍ନକ୍ଷମ ଦିବସ କପ୍ତିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ବଳ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭଗିରଥ ଦେହୁରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ସନ୍ତୋଷ ସାହୁ, ଜୟନ୍ତ ମଲ୍ଲିକ, ଶିକ୍ଷକ ବିଜୟ କୁମାର ଦାସ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୯୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଉଦଳା କଲେଜ ଇଂରାଜୀ ବିଭାଗରେ ଆଲୋଚନାଚକ୍ର

ଉଦଳା, ୫।୧୨(ସମିସ): ଉଦଳା କଲେଜରେ ଇଂରାଜୀ ବିଭାଗର ଦ୍ୱିତୀୟ ଆଲୋଚନାଚକ୍ର ଏବଂ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପିକା ରେହେନା ସୁଲତାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଯତୀନ ମହାକୁଡ଼ (ଭଦ୍ରକ ମହିଳା ବିଶ୍ୱବିଦ୍ୟାଳୟ) ଯୋଗଦେଇଥିଲେ। 'ଇଂଲିଶ ପୋଏଟ୍ରି ଫ୍ରମ୍ ଜନ୍ ଡନ୍ ଟୁ ମିଲ୍‌ଟନ୍' ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଡ. ସତ୍ୟଶ୍ରୀ ମହାନ୍ତି ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଶୁଭଶ୍ରୀ ନାୟକ, ନିହାରିକା ପାତ୍ର, ଋତମ୍ବରା ପାତ୍ର, ବନ୍ଦନା ବେହେରା, ସ୍ୱୟମ୍, ମୋନାଲିସା ବେହେରା, ଧର୍ମବନ୍ତ ସେନାପତି ଆଦି ଛାତ୍ରଛାତ୍ରୀ ନିଜସ୍ୱ ସନ୍ଦର୍ଭ ପାଠ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ପଣ୍ଡା ଏହି ବିଷୟରେ ବକ୍ତବ୍ୟ ରଖି ସଭା ସାଙ୍ଗ କରିଥିଲେ। ଏହି ସଭାରେ ବାଣିଜ୍ୟ ବିଭାଗର ଅଧ୍ୟାପକ ସତ୍ୟବ୍ରତ ମଲ୍ଲିକ, ପ୍ରତ୍ୟୁଷ କୁମାର ପାତ୍ର ଯୋଗଦେଇ ପୂର୍ବତନ ଅଧ୍ୟକ୍ଷ ଡ. ଯତୀନ ମହାକୁଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ସାରସ୍ୱତ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା



କୁଆମରା, ୫।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ଅଧ୍ୟକ୍ଷ ସୁବଳ ଦାସ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ନରୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ବାଳକ ଓ ବାଳିକା ଦୁଇ ବିଭାଗରୁ ମୋଟ୍ ୧୮ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରୁ ରାଜୁ ସିଂ ଓ ବାଳିକା ବିଭାଗର ଛବିରାଣୀ ମାଝୀ ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି। ଅଧ୍ୟାପକ ପ୍ରଭାତ କୁମାର ସେନାପତି, ଛତିଶ କୁମାର ଦାସ, ଅବନୀ ମହାନ୍ତି, ବିବେକାନନ୍ଦ ଗିରି, ଗୋପିନାଥ ପଣ୍ଡା, ପ୍ରଦୀପ ପଣ୍ଡା, ବିଶ୍ୱନାଥ ବେହେରା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି।

## ଚାନ୍ଦୁଆ ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ



କୁଳିଅଣା, ୫।୧୨(ସମିସ): ଚାନ୍ଦୁଆ କ୍ରିକେଟ୍ ଆସୋସିଏସନ ପକ୍ଷରୁ ଚାନ୍ଦୁଆସ୍ଥିତ ବିର୍ସା ମଇଦାନରେ ପଞ୍ଚମ ଚାନ୍ଦୁଆ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କୁଳିଅଣା ବ୍ଲକ ବିଡିଓ ଦେବାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାସହିତ ଚାନ୍ଦୁଆ ଆୟୁଷ ଡାକ୍ତର ଚିନ୍ମୟ କୁମାର ନାଏକ ଉପସ୍ଥିତ ଥିଲେ। ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ସେଗୁଡ଼ିକ ହେଲା ଜୟ ମା' ମଙ୍ଗଳା, ଡିସେ ୱାରିୟର୍ସ, ସଞ୍ଜୟ, ସିକ୍‌ସର, ମହାବୀର ଫାଇଟର୍, ପୁକୁଲ ୧୧ ଓ ମ୍ୟାଗ୍ନମ୍ ଫାଇଟର। ସଭାପତି ସମାର ପାତ୍ର, ବୁଦ୍ଧୁ ସିଂ, ରେଫରୀ ଦୀନେଶ ପ୍ରସାଦ ବାରିକ, ମନୋଜ ବିନ୍ଧାଣି, ଚନ୍ଦନ ଦାଶ, ରାଜୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍‌ସା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୩ ଦଫା ଦାବିପତ୍ର ପ୍ରଦାନ

କରଞ୍ଜିଆ, ୫।୧୨(ସମିସ): ରାଜ୍ୟ ଓମ୍‌ସା (ଓଡ଼ିଶା ଚିକିତ୍ସକ ସେବା ସଂଘ)ର ଆହ୍ୱାନ କ୍ରମେ ଗୁରୁବାର କରଞ୍ଜିଆ ଶାଖା ଓମ୍‌ସା ତରଫରୁ ଏକ ୧୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। କରଞ୍ଜିଆ ଓମ୍‌ସା ଶାଖାର ସମ୍ପାଦକ ଡା. ଗୌରାଙ୍ଗ ଚରଣ ନାୟକଙ୍କ ନେତୃତ୍ୱରେ ଉପଖଣ୍ଡ ସରକାରୀ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ୧୩ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୨୦ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଗଣ ନାଯ୍ୟ ଦାବି ପୂରଣ ହୋଇ ନ ଥିବାରୁ କଳା ପୋଷାକ ପିନ୍ଧି ପ୍ରତିବାଦ ସ୍ୱରୂପ ଆନ୍ଦୋଳନ ଡକରା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଯଦି ଡାକ୍ତରଙ୍କ ନାଯ୍ୟ ଦାବି ପୂରଣ ସମ୍ପର୍କରେ ପଦକ୍ଷେପ ନ ନିଅନ୍ତି, ତାହେଲେ ସମସ୍ତ ଡାକ୍ତରଗଣ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ସାମିଲ୍ ହେବେ। କୌଣସି ରୋଗୀ ସେବା କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଜରୁରୀକାଳୀନ ସେବାକୁ ଆନ୍ଦଲୋନରୁ ବାଦ୍ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡା. କେ.ଏନ୍. ପତି, ଡା. ଡି.ଏନ୍. ପରିଡ଼ା, ଡା. ଶକ୍ତି ଶୋଭନ ପ୍ରଧାନ, ଡା. ଚିତ୍ତରଞ୍ଜନ ନାୟକ, ଡା. ସତ୍ୟପ୍ରକାଶ ଧଳ, ଡା. ଡି. ମୁଣ୍ଡା, ଡା. ଡି. ଟୁଡୁ, ଡା. ପ୍ରବୀଣ ସେଠୀଙ୍କ ସମେତ ଶୁକୃଳି, ତାଟୋ, ରରୁଆଁ, ଠାକୁରମୁଣ୍ଡାର କାର୍ଯ୍ୟରତ ଡାକ୍ତରମାନେ ଯୋଗଦେଇଥିଲେ। ଅପରାହ୍ଣରେ ସମସ୍ତ ଡାକ୍ତର ଏକ ପଦଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

**ବାରିପଦା:** ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା) ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲ୍ଲାରେ କାର୍ଯ୍ୟକରୁଥିବା ଡାକ୍ତରମାନଙ୍କ ନାଯ୍ୟ ଦାବି ପୂରଣ କରିବାରେ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଦାବିଗୁଡ଼ିକ ପୂରଣ ନ ହେଲେ ଅସହଯୋଗ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଜିଲ୍ଲା ସମ୍ପାଦକ ଡା. ସୌମ୍ୟ ରଞ୍ଜନ ନାୟକ ଓ ସଭାପତି ଡା. ସୁଭାଷ ଚନ୍ଦ୍ର ନାଏକ ଚେତାବନୀ ଦେଇଛନ୍ତି।

# ଚାଷୀ ଓ ଭାଗ ଚାଷୀଙ୍କ ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, ୫।୧୨(ସମିସ): କୃଷି ପ୍ରଧାନ ରାଜ୍ୟ ଓଡ଼ିଶାର ଖରିଫ୍ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ମିଲର ଓ ସରକାରଙ୍କ କଳି ପଦାକୁ ଆସିଛି। ଏହା କଳି ନା କୋଳାକୋଳି ଚାଷୀ ସନ୍ଦେହ ପ୍ରକଟ କରିଛନ୍ତି। ସବୁ ଦିଗରୁ ଚାଷୀ ଏ ସରକାର ସମୟରେ ଏକ ଗମ୍ଭୀର ପରିସ୍ଥିତି ମଧ୍ୟରେ କାଳ କାଟୁଛି। ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। ତେଣୁ ଗୁରୁବାର କିଷାନ କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିନା କଟ୍‌ନୀଛଟ୍‌ନୀ ଓ ବିନା ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗ ଚାଷୀଙ୍କର ସମସ୍ତ ବଳକା ଧାନ କିଣନ୍ତୁ। ଫସଲ ବୀମାର ଥିବା ସମସ୍ତ ସମସ୍ୟା ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରନ୍ତୁ, ୫୫ ବର୍ଷ ପରେ ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏହି କର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି), ଦୀପକ ଦାସ (ସଭାପତି କିଷାନ କଂଗ୍ରେସ ଜିଲ୍ଲା ସଭାପତି ପୂର୍ବ), ଆଦିବାସୀ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ନାରାୟଣ ପଟ୍ଟନାୟକ, ଉତ୍ତମ ବେହେରା, ଜ୍ୟୋତି ପ୍ରକାଶ ରଥ, ସୁଭସ୍ମିତା ଦାସ, ସବିତା ସୋରେନ, ମାଧବୀ ସେନାପତି, ରଶ୍ମିତା ମିଶ୍ର, ବନମାଳୀ ବାରିକ, ସମର ଦାସ, ଅଭିଷେକ ଯାଦବ, ଦକ୍ଷିଣେଶ୍ୱର ପାତ୍ର, ଗୌର ସିଂ, ମୀନକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ।



# ଶୁକୃଳି ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଶୁକୃଳି, ୫।୧୨(ସମିସ): ଶୁକୃଳି ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଜୟନ୍ତୀ ଗୁଇଆ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଛନ୍ତି। ସେ ୩ଟି ଆଥ୍‌ଲେଟିକ୍ ଇଭେଣ୍ଟରେ କୃତିତ୍ୱ ହାସଲ କରିଛନ୍ତି। ବାଙ୍ଗିରିପୋଷୀ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବାଳିକା ବିଭାଗରେ ସେ ୮୦୦ ଓ ୪୦୦ ମିଟର ଉଭୟ ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ୨୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଛାତ୍ର ତପନ କୁମାର ନାୟକ ଜାଭେଲିନ୍ ଥ୍ରୋରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଉଭୟଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର କ୍ରୀଡ଼ା ଭବିଷ୍ୟତ ଉଜ୍ଜଳ ଓ ଶୁଭକାମନା କରି ଆଶୀର୍ବାଦ କରିଥିଲେ। ଉଭୟ ଜୟନ୍ତୀ ଓ ତପନ କୁମାର ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ମହାବିଦ୍ୟାଳୟର ଟେକ ରଖିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ମଲ୍ଲିକ ଓ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଉତ୍ସାହିତ କରିଥିଲେ।

## ଜାତୀୟ ଡାକ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ




ବାରିପଦା, ୫।୧୨(ସମିସ): ଜାତୀୟ ଡାକ କର୍ମଚାରୀ ସଂଘ, ମୟୂରଭଞ୍ଜ ଶାଖାର ୨୨ତମ ଦ୍ୱିବାର୍ଷିକ ସମ୍ମିଳନୀ ସହ ଖୋଲା ଅଧିବେଶନ ସଂଘର ସଭାପତି ସେକ୍ ଅବ୍‌ଦୁଲ ମୁସ୍ତାକିନ୍‌ଙ୍କ ପୌରୋହିତ୍ୟରେ ସ୍ଥାନୀୟ ସୀତାକୁଣ୍ଡ ନେଚର୍ସ କଟେଜ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଉପଡ଼ାକପାଳ ସୂର୍ଯ୍ୟନନ୍ଦ ସୋରେନଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଖୋଲା ଅଧିବେଶନରେ ଯୋଗଦେଇ ପୁରୀ ଡାକ ମଣ୍ଡଳର ବିନୟକୁମାର ସ୍ୱାଇଁ ଏବଂ ଭୁବନେଶ୍ୱର ଡାକ ମଣ୍ଡଳର ବଙ୍କି ଜଗବନ୍ଧୁ ପାତ୍ର ଡାକ ବିଭାଗରେ ପ୍ରଚଳିତ ନୂତନ ବୈଷୟିକ ଜ୍ଞାନ ସମ୍ବନ୍ଧରେ ନିଜ ନିଜ ଅଭିବ୍ୟକ୍ତି ରଖିଥିଲେ ଓ ସଂଘର ସମ୍ପାଦକ ଦେବାଶିଷ ମହାନ୍ତ ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହିତ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥଲେ। ଏହି କର୍ମଚାରୀ ସଂଘରେ ନୂତନ ଭାବେ ଯୋଗଦେଇଥିବା କର୍ମଚାରୀ ଦୀପକ ସେଠୀ ଓ ପ୍ରଣୟ ନନ୍ଦୀ ଏବଂ ଡାକ ବିଭାଗର ବିଶେଷ କ୍ଷେତ୍ରରେ ସଫଳତା ହାସଲ କରିଥିବା କର୍ମଚାରୀ ସୌମ୍ୟା ମହାନ୍ତ ଓ ବିଜୟ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଦେବାଶିଷ ମହାନ୍ତ ପୁଣିଥରେ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ମନୋଜ ମହାନ୍ତ ଧନ୍ୟବାଦ ଦେଇଥିବାବେଳେ ଚନ୍ଦ୍ରଶେଖର ମହାନ୍ତି ସଭା ପରିଚାଳନା କରିଥିଲେ। ତରୁଣ ପାତ୍ର, ଅଭିଳାଷ ମହାନ୍ତି, ଧନଞ୍ଜୟ ମହାନ୍ତ, ଦିଲ୍ଲୀପ ବେଶ୍ରା, ଆକାଶ ଦାସ, ରାହୁଲ କୁମାର, ଝାନ୍ସୀ ରାଣୀ ମୁର୍ମୁ, ଶେଫାଳୀ ମାହାତ, ମନୁଲାଲ ସର୍ଦ୍ଦାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୃଷିଜୀବୀ ମହିଳା ଦିବସ ପାଳିତ




ବାରିପଦା, ୫।୧୨(ସମିସ): କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ତରଫରୁ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଖେଜୁରଡିହା ଗ୍ରାମରେ ଗୁରୁବାର କୃଷିଜୀବୀ ମହିଳା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଗୃହ ବିଜ୍ଞାନୀ ଡ. ଝୁନିଲତା ଭୂୟାଁ, କ୍ଷେତ୍ରବିଜ୍ଞାନୀ ଡ. ପ୍ଲାବିତ ରାଏ ଓ ଖୁଣ୍ଟା ବ୍ଲକ ଶିଶୁବିକାଶ ଯୋଜନାର ସୁପରଭାଇଜର ଅନିତା ମହନ୍ତ ପ୍ରମୁଖ କୃଷି କାମ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଡ. ପଟ୍ଟନାୟକ ମହିଳାମାନଙ୍କୁ କୃଷି ଏବଂ ଆନୁଷଙ୍ଗିକ କୃଷିକୁ ଉଦ୍ୟୋଗଭିତ୍ତିକ ଉପାୟରେ ଆପଣାଇ ସ୍ୱାବଲମ୍ବୀ ହେବାପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ରର ଗୃହ ବିଜ୍ଞାନୀ, କୃଷି ଯନ୍ତ୍ରପାତି ବ୍ୟବହାର ମାଧ୍ୟମରେ ମହିଳାମାନଙ୍କ ଶ୍ରମ ଲାଘବ, ମହିଳା ଓ ଶିଶୁଙ୍କ ଖାଦ୍ୟ ନିରାପତ୍ତା ନିମନ୍ତେ ପାକଶାଳା ବଗିଚା ଏବଂ ଆର୍ଥିକ ଅଭିବୃଦ୍ଧି ନିମନ୍ତେ କୃଷି ଓ ଆନୁଷଙ୍ଗିକ କୃଷି ପ୍ରକ୍ରିୟାକରଣ ଆଦି ଉପରେ ସମ୍ୟକ୍ ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମହିଳାମାନଙ୍କ ନିମନ୍ତେ ଧିଙ୍ଗିରି ଛତୁ ଚାଷର ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା।

ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

## ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ନିମନ୍ତେ ସହାୟକ ଉପକରଣ ଆକଳନ ଶିବିର

# ୨୫ ଜଣଙ୍କୁ ଯୋଗାଇ ଦିଆଯିବ କୃତ୍ରିମ ଅଙ୍ଗ

ବେତନଟୀ, ୫।୧୨(ସମିସ): ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବରିଷ୍ଠ ଗୋଷ୍ଠୀ ସାଧନ ଶିକ୍ଷକ ବିଜୟ କୁମାର ପରିଡ଼ାଙ୍କ ପରିଚାଳନାରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ନିମନ୍ତେ ବିଭିନ୍ନ ସହାୟକ ଉପକରଣ ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୭୧ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ଡ. ଅମୂଲ୍ୟ ରତ୍ନ ନାୟକ, ଡ. ଇପ୍ସିତା ବିଶ୍ୱାସ, ଅଡିଓଲୋଜିଷ୍ଟ ଶିବଶଙ୍କର ଦଳେଇଙ୍କ ଦ୍ୱାରା ଆକଳନ କରାଯାଇ ୩୯ ଜଣ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ସହାୟକ ଉପକରଣ ଏବଂ ୨୫ ଜଣଙ୍କୁ କୃତ୍ରିମ ଅଙ୍ଗ ଯୋଗାଇଦେବା ପାଇଁ ସ୍ଥିର କରାଯାଇଛି।

ଗତ ବୁଧବାର ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପଦଯାତ୍ରା ମାଧ୍ୟମରେ ଭିନ୍ନକ୍ଷମ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ସମସ୍ତଙ୍କ ଭୂମିକା ଓ ସେମାନେ ମଧ୍ୟ ଭିନ୍ନ ଉପାୟରେ ସକ୍ଷମ ବୋଲି ଏକ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଭାପତି ଭାବେ ବରିଷ୍ଠ ଗୋଷ୍ଠୀ ସାଧନ ଶିକ୍ଷକ ବିଜୟ କୁମାର ପରିଡ଼ା ମଞ୍ଚାସୀନ ହୋଇ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟର ଶୈକ୍ଷିକ ତଥା ସହ ଶୈକ୍ଷିକ କାର୍ଯ୍ୟଧାରା ସହିତ ଯୋଡ଼ିବା ନିମନ୍ତେ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଆହ୍ୱାନ ଦେଇଥିଲେ। ବେତନଟୀ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହି ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା- ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ମ୍ୟୁଜିକ୍ ଚେୟାର ଓ ଜିଲାପି ଖିଆ ଖେଳ ଆଦି ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର ଓ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସଭାପତି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ମୁଖ୍ୟ ଅତିଥି ଭାବେ ସଠିଲୋ ସମିତିସଭ୍ୟ କିଶୋର ନାଏକ, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଭୂୟାଁ, ସିଆରସିସି ସଞ୍ଜୟ କୁମାର ପଣ୍ଡିତ ପ୍ରମୁଖ ଅତିଥି ଅଧିକାରୀଙ୍କ କରକମଳରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସାରଥି ମହାନ୍ତ, ଶୁଭଦ୍ରାମଣୀ ଜେନା, ମୃତ୍ୟୁଞ୍ଜୟ ସାହୁ, ଅଚ୍ୟୁତାନନ୍ଦ ଦାଶଙ୍କ ସମେତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବରିଷ୍ଠ ଶିକ୍ଷକ ଜୟଚନ୍ଦ୍ର ଦାସ, ବୈରାଗୀ ମହାନ୍ତ, ଶିରିଶ ଚନ୍ଦ୍ର ସାହୁ, ବିକାଶ ମହାପାତ୍ର, କମଳାକାନ୍ତ ସିଂ, ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।



# ବସ୍ ଅଟକ; ୨୨ ଦାଦନ ଶ୍ରମିକ ଉଦ୍ଧାର

ଆନନ୍ଦପୁର, ୫।୧୨ (ସମିସ):

ଦାଦନ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିବା ଏକ ଘରୋଇ ବସ୍‌କୁ ପୁଲିସ ଅଟକ ରଖି ସବିଶେଷ ତଦନ୍ତ ଆରମ୍ଭ କରିଛି । ପରେ ଆନନ୍ଦପୁର ବ୍ଲକ୍ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକଙ୍କ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ ହୋଇଛି । ପୁରୁଷ ଓ ମହିଳା ଶ୍ରମିକଙ୍କୁ ମିଶାଇ ବସ୍‌ରେ ମୋଟ୍ ୨୨ ଜଣ ଶ୍ରମିକ ଯାତ୍ରା କରୁଥିଲା ବେଳେ କେତେକ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ଓ ଅନ୍ୟମାନେ ଆନନ୍ଦପୁର ବ୍ଲକ୍ ବୁଡିକୁଦ ପଞ୍ଚାୟତ ଓ




ଗୟଳମୁଣ୍ଡା ପଞ୍ଚାୟତ ଅଞ୍ଚଳର ହୋଇଥିବା ସୂଚନା ମିଳିଛି । ଦଲାଲ୍ ମାଧ୍ୟମରେ ପ୍ରତି ଶୁକ୍ରବାର ତାମିଲନାଡୁର ଏକ ବସ୍ ଯୋଗେ ଆନନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରୁ ଶ୍ରମିକ ଚାଲାଣ ହେଉଥିବା ଖବରପାଇ ସଂପୃକ୍ତ ବସ୍‌କୁ ପୁଲିସ୍ ସହାୟତାରେ ଅଟକ ରଖିଛି ଶ୍ରମ ବିଭାଗ । ପରେ ବସ୍‌ଟିକୁ ଆନନ୍ଦପୁର ବ୍ଲକ୍ ପରିସରକୁ ଅଣାଯାଇ ସମସ୍ତ ଶ୍ରମିକଙ୍କ ବୟସ ପ୍ରମାଣପତ୍ର ଓ ଲେବର କାର୍ଡର ଯାଞ୍ଚ କରାଯାଉଛି । ଦଲାଲ ମାଧ୍ୟମରେ ଶ୍ରମିକ ଚାଲାଣ ଘଟଣାର ମଧ୍ୟ ତଦନ୍ତ ଚଳାଇଛି ଆନନ୍ଦପର ପୁଲିସ୍ । ସେପଟେ କିନ୍ତୁ ଶ୍ରମିକମାନେ ନିଜ ଇଚ୍ଛାରେ ଦାଦନ ଖଟିବାକୁ ତାମିଲନାଡୁ ଯାଉଥିବା କହିଛନ୍ତି । ହେଲେ ଯାଞ୍ଚପରେ କୌଣସିଥିରେ ତାଳମେଳ ନଥିବାରୁ ଅନ୍ୟ ଏକ ବସ କରି ସମସ୍ତ ଶ୍ରମିକଙ୍କୁ ଘରକୁ ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଶ୍ରମ ବିଭାଗ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ୨୦୨୦ରେ ଘଟିଯାଇଥିବା ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଘଟଣାର ଶୁକ୍ରବାର ରାୟ ପ୍ରକାଶ ପାଇଛି । କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ଓ ସ୍ୱତନ୍ତ୍ର ପୋକେ୍ସ କୋର୍ଟର ଜଜ ମୋନାଲିଶା ମହାନ୍ତି ଅଭିଯୁକ୍ତ ଜମାଦାର ମୁଣ୍ଡାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି । ପୀଡ଼ିତାକୁ ପ୍ରାଧିକାରଣ ତରଫରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୦ ମାର୍ଚ୍ଚ ୩ ତାରିଖ ଅପରାହ୍ନରେ ଜଣେ ୧୫ ବର୍ଷିୟ ନାବାଳିକା ତାଙ୍କ ଘର ନିକଟସ୍ଥ ଗାଡିଆକୁ ଶାଗ ତୋଳିବାକୁ ଏକୁଟିଆ ଯାଇଥିଲେ । ଏହି ସମୟରେ ଗାଡ଼ା ହାଟିଙ୍ଗର ମୁଦାଲା ଜମାଦାର ମୁଣ୍ଡା ଗାଡିଆରେ ପହଞ୍ଚି ନାବାଳିକାକୁ ଜୋରଜବରଦସ୍ତ ପାଟିରେ ହାତ ଦେଇ ନିକଟସ୍ଥ ଏକ ବୁଦାମୂଳକୁ ଟେକିନେଇ ଦୁଷ୍କର୍ମ କରିଥିଲା । ନାବାଳିକାର ପାଟିଶୁଣି ସେହିବାଟଦେଇ ଯାଉଥିବା ଟୁନୁ ଗୋପ ନାମକ ଜଣେ ବ୍ୟକ୍ତି ପୀଡ଼ିତାଙ୍କ ମା'କୁ ଏ ବାବଦରେ ଜଣାଇଥିଲେ । ପୀଡ଼ିତାଙ୍କ ମା' ଜାଣିଲା ପରେ ଏକ ବୈଠକ ହୋଇଥିଲା । ସେଠାରେ କିଛି ସମାଧାନ ହୋଇ ନପାରିବାରୁ ପୀଡ଼ିତାଙ୍କ ମା' ଘଟଣାର ପରଦିନ ବଡ଼ବିଲ ଥାନାରେ ଦ୍ୱାରସ୍ଥ ହୋଇଥିଲେ । ଲିଖିତ ଅଭିଯୋଗ ଅନୁସାରେ ବଡ଼ବିଲ

## ପୀଡ଼ିତାଙ୍କୁ ୧୦ ଲକ୍ଷ ଅନୁକମ୍ପା ରାଶି

ଥାନା କେସ୍ ନମ୍ବର ୩୧/୨୦୨୦ରେ ମାମଲା ରୁଜୁକରି ତଦନ୍ତକାରୀ ପୁଲିସ ଅଧିକାରୀ ସୁଶିଳା ବାର୍ଲା ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାଟି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର କୋର୍ଟରେ ବିଚାର ଚାଲିଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର କେସ୍ ପରିଚାଳନା କରୁଥିଲେ । ୧୫ ଜଣ ସାକ୍ଷ ଓ ପ୍ରମାଣ ଆଧାରରେ ଶୁକ୍ରବାର କୋର୍ଟ ଧାରା ୩୭୬(୩),୪(୨) ପୋକେ୍ସ ଆଇନ ଅନୁସାରେ ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି ।

■ ଲୁହାପଥର ଲୁଟ୍; ବୋଝେଇ ଟ୍ରକ୍ ଜବତ

# ଦୌଡ଼ି ପଳାଇଲେ ମାଫିଆ ଓ ଡ୍ରାଇଭର

ଯୋଡ଼ା/ବଡ଼ବିଲ, ୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଖଣିଜ ଚୋରି ଥମିବାର ନାଁ ଧରୁନାହିଁ । ଚୋର ରାତି ଅନ୍ଧାରରେ ଖଣିଜ ଚୋରିରେ ଉତ୍ପାତ ଚଳାଇଥିବା ବେଳେ ଏବେ ସ୍ପଷ୍ଟ ଦିବାଲୋକରେ ଲୁହାପଥର ଲୁଟ ହେଉଥିବା ଖବର ସାମ୍ନାକୁ ଆସିଛି ।



ଖଣି ମାଫିଆମାନେ ବଡ଼ ବଡ଼ ଟ୍ରକ ଲଗାଇ ଲୁଟିନେଉଛନ୍ତି ମୂଲ୍ୟବାନ ଲୁହାପଥର । ଶୁକ୍ରବାର ସଂରକ୍ଷିତ ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ୍ କରିଛି ବନବିଭାଗ । ବଡ଼ବିଲ ରେଞ୍ଜ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ କଳାପାହାଡ଼ ନିକଟରେ ଖଣିଜ ମାଫିଆମାନେ ଟ୍ରକ୍ ଲଗାଇ ଲୁହାପଥର ବୋଝେଇ କରୁଥିବାନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଚାନକ ଚଢଉ କରିଥିଲା ବନ ବିଭାଗ । ବଡ଼ବିଲ ରେଞ୍ଜର ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ବିଲେଇପଦା ଫରେଷ୍ଟର ମୋହିନୀ ମହନ୍ତ ଓ ତାଙ୍କର ସହଯୋଗୀମାନେ ଏହି ଚଢ଼ଉ କରିଥିଲେ । ବନ କର୍ମଚାରୀଙ୍କୁ ଦେଖି ଖଣି ମାଫିଆ ଏବଂ ଟ୍ରକ୍ ଚାଳକ ଟ୍ରକକୁ ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ । ସଂପୃକ୍ତ ଟ୍ରକକୁ ବନ ବିଭାଗ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି ।

# ୨୨ ଟିକିଆ ହାତୀପଲର ଉତ୍ପାତ; ଖାଇଗଲେ ୪ ଶହ ଧାନବିଡ଼ା

ବାଲିବନ୍ଧ, ୫।୧୨ (ସମିସ): ଗୁରୁବାର ବିଳମ୍ବିତ ରାତି ଚମ୍ପୁଆ ରେଞ୍ଜ, ବାଲିବନ୍ଧ ଫରେଷ୍ଟ ସେକ୍ସନ ଅଧୀନ ବାଲିବନ୍ଧ ଗ୍ରାମର ଚାଷୀ ନରହରି ପଟ୍ଟନାୟକଙ୍କ ଧାନ ବିଲରେ ହାତୀ ଉପଦ୍ରବ କରିଛନ୍ତି । ପ୍ରାୟ ୪୦୦ ବିଡ଼ା ଧାନ ଦଳମକଚି ଖାଇବା ସହ ପ୍ରାୟତଃ ନଷ୍ଟ କରି ଦେଇଛନ୍ତି । ଏନେଇ ବାଲିବନ୍ଧ ଫରେଷ୍ଟରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଚାଷୀ ନରହରି । ନରହରିଙ୍କ ରଜାବସା ମୌଜାରେ ଥିବା ଚାଷଜମିରେ ଧାନ କାଟି ୪ ଶହ ଧାନବିଡ଼ା ବାନ୍ଧି ଚାଷ ଜମି ନିକଟରେ ଜମାକରି ରଖିଥିଲେ । ଗୁରୁବାର ବିଳମ୍ବିତ ରାତିରେ ନିଶ୍ଚିନ୍ତପୁର ପଞ୍ଚାୟତ ଅସୁରଖୋଲ ଜଙ୍ଗଲ ଦେଇ ବାଲିବନ୍ଧ ସଂରକ୍ଷିତ ଜଙ୍ଗଲରେ ୨୨ ଟିକିଆ ହାତୀପଲ ପହଞ୍ଚିଥିଲେ । ବାଲିବନ୍ଧ ଦେଇ ରଜାବସା ଅତିକ୍ରମ କରୁଥିବା ବେଳେ ଜମା ହୋଇଥିବା ୪ଶହ ଧାନବିଡ଼ା ଖାଇଯାଇଥିଲେ ହାତୀପଲ । ସକାଳେ ଖବର ପାଇ ଚାଷୀ ନରହରି ଧାନ କ୍ଷେତ ନିକଟକୁ ଦୌଡ଼ି ଯାଇଥିଲେ । ସେଠାରେ ପହଞ୍ଚି ଦେଖିଲା ବେଳକୁ



ହାତୀପଲ ଧାନବିଡ଼ା ସବୁ ଖାଇବା ସହ ପାଦରେ ଦଳିମକଚି ନଷ୍ଟ କରିଦେଇଛନ୍ତି । ଏବେ ସେହି ୨୨ ଟିକିଆ ହାତୀପଲ ଲକ୍ଷ୍ମୀପଶି ଫରେଷ୍ଟ ବିଟ ଅଧିନ ଜଙ୍ଗଲରେ ବିଶ୍ରାମ ନେଇଥିବା ବନ ବିଭାଗ ପକ୍ଷରୁ ସୂଚନା ରହିଛି । ଏନେଇ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର କୁମାର ଜେନାଙ୍କ ମତାମତ ଲୋଡ଼ିବାରୁ ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ କରି କ୍ଷିତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଜୁଆଖେଳରେ ଚଢ଼ଉ; ୧୭ ବାଇକ୍ ଜବତ, ୮ ଗିରଫ

ହାଟଡ଼ିହୀ, ୫।୧୨(ସମିସ): ନନ୍ଦିପଦା ଥାନା ଅଁରାଠାରେ ଚାଲିଥିବା ଜୁଆଖେଳ ଉପରେ ଉଭୟ ଜିଲ୍ଲା ସ୍ପେସାଲ ସ୍କ୍ୱାଡ୍ ଏବଂ ନନ୍ଦିପଦା ପୁଲିସ ଚଢ଼ଉ କରି ୧୭ଟି ବାଇକ୍ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛନ୍ତି । ଏଠାରେ ଅନେକ ଦିନ ହେଲା ଜୁଆଖେଳ ଚାଲିଥିବା ଖବର ପାଇ ଏହି ଚଢ଼ଉ ହୋଇଥିଲା । ଥାନା ଇନ୍ସପେକ୍ଟର ବଳିଆ ବାରିକ, ଏସ୍‌ଆଇ ଅନୁପ କୁମାର କର ସଦଳବଳ ନେଇ ଚଢ଼ଉ କରିଥିଲେ । ଜୁଆ ଖେଳୁଥିବା ଅନେକ ଲୋକ ଦୌଡ଼ି ପଳାଇ ଯାଇଥିଲେ । ପୁଲିସ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୧୭ଟି ବାଇକ୍, କାତି ଓ କିଛି ନଗଦ ଟଙ୍କା ଜବତ କରିଛି । ନନ୍ଦିପଦା ପୁଲିସ ଓପିଜି (ଜୁଆ ନିରୋଧ ଆଇନ୍) ଧାରା ୩ ଅନୁଯାୟୀ କେସ୍ ନଂ ୩୯୩/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ତେବେ ଅଁରା ଗ୍ରାମଟି କେନ୍ଦୁଝର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବାରୁ ସେଠାରେ ଚାଲିଥିବା ଜୁଆଖେଳରେ ଅନେକ ଲୋକ ଭଦ୍ରକ ଜିଲ୍ଲା ଅଞ୍ଚଳର ଥିବାନେଇ ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି ।

● ଜିଲ୍ଲା ବାର୍ଷିକ ଦୌଡ଼ ପ୍ରତିଯୋଗିତା ଉଦ୍‌ଯାପିତ

# କୁଳମଣି ଏବଂ ଲକ୍ଷ୍ମୀପ୍ରିୟା ଦ୍ରୁତତମ ଧାବକ ଓ ଧାବିକା




କେନ୍ଦୁଝର, ୫।୧୨(ସମିସ) ଏକ ବର୍ଣ୍ଣାଢ୍ୟ ପରିବେଶ ଏବଂ ଏବଂ ସୁଲଳିତ ବ୍ୟାଣ୍ଡ ଧ୍ୱନି, ସମବେତ କ୍ରୀଡ଼ାବିତଙ୍କ ମାର୍ଚ୍ଚପାଷ୍ଟ ମଧ୍ୟରେ ଗୁରୁବାର ଅପରାହ୍ନରେ କେନ୍ଦୁଝର ଜିଲ୍ଲାର ବାର୍ଷିକ ଦୌଡ଼ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଶଙ୍କରପୁର ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସିନ୍‌ଥେଟିକ ଟ୍ରାକରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଯୁଗ୍ମ ସମ୍ପାଦକ ରବିନ୍ଦ୍ର ପାଢୀ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ସ୍ୱାଗତ କରିଥିଲେ । କ୍ରୀଡ଼ା ସଂସ୍ଥାର ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଞ୍ଚ ପରିଚାଳିତ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ନିକୁ ସାହୁ ଅସଫଳତା ହିଁ ସଫଳତାର ଚାବିକାଠି ବୋଲି ସେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଡିଏଫ୍‌ଓ ଏଚଡି ଧନରାଜ କ୍ରୀଡାବିତମାନଙ୍କୁ ମେଡାଲ ଜିତି ଜିଲ୍ଲାର ସୁନାମ ଅକ୍ଷୁର୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଚଳିତବର୍ଷ ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ କୁଳମଣି ଜେନା ଏବଂ ମହିଳା ବିଭାଗରେ ଲକ୍ଷ୍ମୀପ୍ରିୟା ବାରିକ ୧୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରି ଦ୍ରୁତତମ ଧାବକ ଏବଂ ଧାବିକା ଭାବେ ବିବେଚିତ ହୋଇଛନ୍ତି । ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର କାଉନସିଲ ସଦସ୍ୟ ରାଜକିଶୋର ମିଶ୍ର, ସନାତନ ବେହେରା, ସଦସ୍ୟ ସନ୍ଦିପ ପଟନାୟକ ଓ ଜିଲ୍ଲାର କ୍ରୀଡ଼ା ଶିକ୍ଷକ ଏହାକୁ ପରିଚାଳନା କରିଥିଲେ । କ୍ରୀଡ଼ା ସଂସ୍ଥାର କୋଷାଧ୍ୟକ୍ଷ ସରୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ମେସର୍ସ ବୈତରଣୀ ଆଇରନ୍ ଓର୍ ଖଣିର ଜନଶୁଣାଣି

ଯୋଡା, ୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ, ବଡ଼ବିଲ ତହସିଲ ଅନ୍ତର୍ଗତ ଇଙ୍ଗାଣୀ ଝରଣ ଦଡୁଆଁ ଗ୍ରାମରେ ଥିବା ମେସର୍ସ ବୈତରଣୀ ଆଇରନ ଓର ଖଣିର ଜନଶୁଣାଣି ଶେଷ ହୋଇଛି । ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୬୫.୩୯୭ ହେକ୍ଟର ପରିମିତ ଅଞ୍ଚଳରେ ବୈତରଣୀ ଲୁହା ଖଣିର ଉତ୍ପାଦନ କ୍ଷମତା ୦.୫୭୧୬ ଏମଟିପିଏରୁ ୪.୯୯ ଏମଟିପିଏକୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଦ୍ୱାରା ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣି ସର୍ବସମ୍ମତିକ୍ରମେ ଖଣି ସପକ୍ଷରେ ଯାଇଥିଲା । ପରିବେଶ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ଦଡୁଆଁ ମୌଜାରେ ଶୁକ୍ରବାର ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣିକୁ ପରିଚାଳନା କରିଥିଲେ । ପ୍ରଶାସନିକ ପଦାଧିକାରୀ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ ପଣ୍ଡା ଓ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଥମେ ଖଣି କମ୍ପାନୀ ପ୍ରତିନିଧି ପ୍ରଣବ କୁମାର ମହାନ୍ତିଙ୍କ ପକ୍ଷରୁ ବୈତରଣୀ ଆଇରନ ଓର ଖଣି ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ବିରିକଳା, କଣ୍ଡରା, ଅଂସେଇକଳା, ଚମକପୁର, ଦେଓଝର ପଞ୍ଚାୟତର ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ । ଏହି ସର୍ବସାଧାରଣ ଜନଶୁଣାଣିରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀ ନିଜ ମତ ରଖିଥିଲେ । ପାରିପାର୍ଶ୍ୱିକ ଉନ୍ନତି, ପାନୀୟଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖଣି କମ୍ପାନୀ ଯତ୍ନବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ଖଣି ଜନଶୁଣାଣିକୁ ୩୧ ଜଣ ସମ୍ପୂର୍ଣ୍ଣ ସପକ୍ଷରେ ମତ ପ୍ରଦାନ କରିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଜଣ ଅତିରିକ୍ତ ଜିଲ୍ଲପାଳଙ୍କ ନିକଟରେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏହି ଜନଶୁଣାଣୀକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ଏହାକୁ ଅନୁଶୀଳନ କରାଯାଉଛି । ଗୋଟିଏ ପାରିପାର୍ଶ୍ୱିକ ଉନ୍ନତିକରଣ ଏବଂ ଅନ୍ୟଟି ପରିବେଶ ସନ୍ତୁଳନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥାସମ୍ଭବ ପୂରଣ କରିବା ପାଇଁ ଖଣି କମ୍ପାନୀ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

# ଟ୍ରେଲର ଧକ୍କାରେ ଓଲଟିଲା ଟ୍ରକ୍

ତେଲକୋଇ, ୫।୧୨(ସମିସ): ତେଲକୋଇ ଥାନା ଜଗମୋହନପୁର ଛକ ୪୯ନଂ ଜାତୀୟ ରାଜପଥରେ ଏକ ଟ୍ରେଲର ଧକ୍କାରେ ଗୋଟିଏ କମଳା ବୋଝେଇ ଟ୍ରକ ରାସ୍ତା



ଉପରେ ଓଲଟି ପଡିଛି । ମହାରାଷ୍ଟ୍ରଠାରୁ କମଳା ବୋଝେଇ ହୋଇଥିବା ଏକ ଟ୍ରକ କଲିକତା ଯାଉଥିଲା । ଜଗମୋହନପୁର ଛକରେ ଏକ ହମ୍ପ ନିକଟରେ ଗାଡ଼ି ଧୀରେ କରିବାକୁ କମଳା ବୋଝେଇ ଟ୍ରକ ବ୍ରେକ ଲଗାଇଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ଟ୍ରକକୁ ଧକ୍କା ଦେବାରୁ ରାସ୍ତା ଉପରେ ଟ୍ରକଟି ଓଲଟି ପଡିଥିଲା । ତେବେ କମଳା ବୋଝେଇ ଟ୍ରକର ଡ୍ରାଇଭର ଓ ସଙ୍ଗରେ ବସିଥିବା ଅନ୍ୟ ଦୁଇଜଣ ଏବଂ ଟ୍ରେଲର ଡ୍ରାଇଭରଙ୍କର କୌଣସି କ୍ଷତି ହୋଇନାହି । ଏନଏଚଆଇ ପକ୍ଷରୁ ରାସ୍ତାରୁ ଦୁର୍ଘଟଣା ଗ୍ରସ୍ତ ଟ୍ରକକୁ ହଟାଇଯାଇଛି ।

# ଘଟଗାଁ ମା' ତାରିଣୀ ମନ୍ଦିର ପ୍ରକଳ୍ପ ଭିତ୍ତିପ୍ରସ୍ତର ୭ରେ

କେନ୍ଦୁଝର/ଘଟଗାଁ, ୫।୧୨(ସମିସ): ଆସନ୍ତା ୭ ତାରିଖ ରବିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁସ୍ଥିତ ମା'ତାରିଣୀଙ୍କ ପୀଠର ଉନ୍ନତିକରଣର ଭୂମିପୂଜନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି । ୩୫୦ କୋଟି ଟଙ୍କା ବ୍ୟୟରେ ଏହି ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ଭୂମିପୂଜନ ଉତ୍ସବରେ ସମସ୍ତ ବିଧାୟକ, ସାଂସଦ, ଜନପ୍ରତିନିଧିଙ୍କ ସହ ୩୦ ହଜାରରୁ ଅଧିକ ଜନସାଧାରଣ ଉପସ୍ଥିତ ରହିବେ ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ସୂଚନା ଦେଇଛନ୍ତି । ଘଟଗାଁସ୍ଥିତ ହାଇସ୍କୁଲ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପେଡରେ ଅବତରଣ କରିବା ପରେ ଏକ ମଟର ସାଇକଲ ରାଲିରେ ମୁଖ୍ୟମନ୍ତ୍ରୀ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବେ । ସେଠାରେ ମା'ଙ୍କ ଦର୍ଶନ ଏବଂ ପୂଜା ପରେ ଚଣ୍ଡୀ ପାଠ ଓ ଯଜ୍ଞର ପୂର୍ଣ୍ଣାହୁତିରେ ସାମିଲ ହେବେ । ସେଠାରେ ମହାରାଜ ଗୋବିନ୍ଦ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଘଟଗାଁ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବେ ବୋଲି ଜିଲ୍ଲା ବିଜେପି ସଭାପତି କେନ୍ଦୁଝର ସର୍କିଟ ହାଉସଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ନଗରପାଳ ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ନଗର ସଭାପତି ଅସିତନନ୍ଦନ ମହାନ୍ତି, ବିଜେପି ନେତା ଦିଲୀପ ପଣ୍ଡା, ବିଶ୍ୱଜିତ ତ୍ରିପାଠୀ, ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।




● ଗାଁସାଥୀ ମେଟ ସଂଘର ବୈଠକ

# ମନରେଗା ରାଜ୍ୟ ଅନୁଦାନରେ କେନ୍ଦୁଝର ଜିଲ୍ଲା ବଞ୍ଚିତ



କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରିସରରେ ଗାଁ ସାଥୀ ମେଟ ସଂଘର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ଉପଦେଷ୍ଟା ଅଜିତ କୁମାର ମହାନ୍ତଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଆଇଟିଡିଏର ମନରେଗା ସହଅଧିକାରୀ ଅନିରୁଦ୍ଧ ସୁନ୍ଦର ରାଉତ ଯୋଗ ଦେଇଥିଲେ । ପାଟଣା ବିଧାୟକଙ୍କ ବ୍ଲକ ମନରେଗା ପ୍ରତିନିଧି ମୋହନ ଚରଣ ମହାନ୍ତ, ସାହାରପଡା ବ୍ଲକ ପ୍ରତିନିଧି ମନୋସରୋଜ ପଣ୍ଡା, ଝୁମ୍ପୁରା ବ୍ଲକ ପ୍ରତିନିଧି ମାଟୁରାମ ମୁଣ୍ଡା ମନରେଗା ଅନୁଦାନ ସମ୍ପର୍କରେ ଆଲୋଚନା ପୂର୍ବକ ରାଜ୍ୟକୋଷରୁ କେନ୍ଦୁଝର ଜିଲ୍ଲାକୁ ବଞ୍ଚିତ ରଖାଯାଇଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ । ରାଜ୍ୟର ଅନ୍ୟ ୯ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ କେନ୍ଦୁଝର ଜିଲ୍ଲା କିପରି ଏହି ଯୋଜନାରେ ସାମିଲ ହୋଇପାରିବ ସେ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଆଗାମୀ ଦିନରେ ଏନେଇ ଜିଲ୍ଲା ମୁଖ୍ୟାଳୟରେ ଏକ ବିଶାଳ ରାଲି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ । କେନ୍ଦୁଝର ଜିଲ୍ଲାକୁ ଷ୍ଟେଟ୍ ସପୋର୍ଟ ପ୍ରଦାନ କରି ଜବକାର୍ଡଧାରୀଙ୍କୁ ୩୦୦ ଦିନର କାର୍ଯ୍ୟ ଯୋଗାଇବା, ମନରେଗା କାର୍ଯ୍ୟରେ ମେଟ୍ ମାନଙ୍କ ଭୂମିକା ଓ ମେଟ୍ ମାନଙ୍କୁ ନିଯୋଜନକୁ ବାଧ୍ୟତାମୂଳକ କରିବା, ମେଟ୍ ମାନଙ୍କୁ ସେମାନଙ୍କୁ ଦୈନିକ ପ୍ରାପ୍ୟ ପ୍ରଦାନ କରିବା, ଇକେୱାଇସି ଓ ଏନ୍‌ଏମ୍‌ଏମ୍‌ଏସ୍‌ର ସୁପରିଚାଳନା, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ମନରେଗା କାର୍ଯ୍ୟରେ ମେଟମାନଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ମନରେଗା କାର୍ଯ୍ୟର କାର୍ଯ୍ୟାଦେଶ ମେଟ୍‌ମାନଙ୍କ ନାମରେ ପ୍ରଦାନ କରିବା ଆଦି ସମ୍ବଳିତ ଦାବିପତ୍ର ପ୍ରକଳ୍ପ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବ୍ଲକ ପ୍ରମୁଖ ନେତୃତ୍ୱ ବିରେନ୍ଦ୍ର ନାଏକ, ରମେଶଚନ୍ଦ୍ର ମହାନ୍ତ, ରବିନ୍ଦ୍ରନାଥ ନାଏକ, ତ୍ରିଲୋଚନ ମହାନ୍ତ, ସୁରେଶଚନ୍ଦ୍ର ନାଏକ, ଚକ୍ରଧର ପାତ୍ର, ମଧୁସୂଦନ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ମଙ୍ଗୁଲୁ ପଲେଇ, ଗୁରୁଦେବ ନାଏକ, ମନୋଜ ପଟେଲ, ଜଗବନ୍ଧୁ ସର୍ଦ୍ଦାର, ଆର୍ତ୍ତତ୍ରାଣ ମହାନ୍ତ, ନିଶାକର ନାଏକ, ଦାଶରଥୀ ନାଏକ, ନିରୁପମା ଟୁଡୁ, ପ୍ରମିଳା ମହାନ୍ତ, ପ୍ରତିମା ମହାନ୍ତଙ୍କ ସମେତ ଏଥିରେ ସାହାରପଡା, ପାଟଣା, ସଦର, ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଝୁମ୍ପୁରା ଓ ଆନନ୍ଦପୁର ବ୍ଲକର ଗାଁସାଥୀ ମେଟ ଯୋଗ ଦେଇଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ

■ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ




କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ରାଙ୍କିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ କେନ୍ଦୁଝର ପୁଲିସ ପ୍ରଶାସନ ଆଡିସନାଲ ଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆରୋବିକ୍ ଡ୍ୟାନ୍ସ ଏବଂ ଦୁଲଦୁଲି ବାଜା ମାଧ୍ୟମରେ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଥିଲା । ଉତ୍ସବରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ତଥା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ସଂଘର ସଂପାଦକ ଦେବରାଜ ଆଚାର୍ଯ୍ୟ, ଉପାଧ୍ୟକ୍ଷା ରଶ୍ମିନ ସାହୁ, କାର୍ଯ୍ୟକାରୀ ସଦସ୍ୟ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡା ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ ଇଂରାଜୀ ଶିକ୍ଷକ ଦୁଷ୍ମନ୍ତ ସାହୁ ଓ ହିନ୍ଦୀ ଶିକ୍ଷୟିତ୍ରୀ ସୁଶ୍ରୀ ମାଧୁରୀ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗୀତ ଶିକ୍ଷକ ଦେବାଞ୍ଜନ ସାହାନା, ଶିକ୍ଷୟିତ୍ରୀ ସତ୍ୟା ମିଶ୍ର, ନୁପୂର କୁମାରୀ ଓ ବନସ୍ମିତା ପୃଷ୍ଟି । କୃତୀ ପ୍ରତିଯୋଗୀମାନଙ୍କୁ ତଥା ଜାତୀୟସ୍ତର କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ ପୁରସ୍କୃତ କରିଥିଲେ । ଶିକ୍ଷକ ସୁବ୍ରତ କୁମାର ବେହେରା, ଶାଶ୍ୱତ ଗୋସ୍ୱାମୀ, ତପନ କୁମାର ମହାନ୍ତ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କ୍ରୀଡ଼ା ଉତ୍ସବ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା ।

■ ଚନ୍ଦ୍ରଶେଖର ମହାବିଦ୍ୟାଳୟ

ଚମ୍ପୁଆ: ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୯ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ମଶାଲ ଜଳାଇ ଏହାକୁ ଉଦଘାଟନ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଗିରି, ରାଜକିଶୋର ମହାନ୍ତ, ସଚିନ କୁଲୁ, କୁନୁ ମୋହର, ଚମ୍ପେଶ୍ୱର ମିଶ୍ର ଉତ୍ସବକୁ ପରିଚାଳନା କରିଥିଲେ । ଖେଳ ଅଧ୍ୟାପକ ଦେବାଶିଷ ମହାନ୍ତ, ଶିଶୁମନ୍ଦିରର ଖେଳ ଶିକ୍ଷକ ବସନ୍ତ ମହାନ୍ତ, ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଖେଳ ପରିଚାଳନା କରିଥିଲେ । ସମସ୍ତ ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ୨ ଦିନିଆ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଅନ୍ୟ ସମସ୍ତ ପ୍ରତିଯୋଗିତା ଆୟୋଜିତ ହେବ । ଉଭୟ +୨ ଓ +୩ର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗନେଇଥିବା ବେଳେ ଚନ୍ଦ୍ରଶେଖର ମହାଦେବ ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୋଇ ମହାବିଦ୍ୟାଳୟରେ ସ୍ଥାପନ କରାଯାଇଛି ।



# କୁଶେଇ ନଦୀରେ ବ୍ୟାରେଜ୍ ନିର୍ମାଣ ଦାବି



## ଜଳ ଚାଷୀଙ୍କ କାମରେ ଲାଗୁନି

**ଆନନ୍ଦପୁର, ୫ା୧୨ (ସମିସ):** କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ କୁଶେଇ ନଦୀର ପାଣି ବହିଯାଉଥିଲେ ମଧ୍ୟ ଏହାକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଇପାରୁ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଗଲେ ଚାଷୀ କାମରେ ଲାଗିପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଜଳସେଚନ ବ୍ୟବସ୍ଥା ନଥିବାରୁ ଜମି ଶୁଖିଲା ପଡୁଥିବାବେଳେ ସେପଟେ ଅବାଧରେ ବହିଯାଉଛି ନଦୀର ଜଳ। ବାଲି ଖନନ ପାଇଁ ନିୟମିତ ଘାଟ ନିଲାମ ହେଉଛି ହେଲେ ପାଣିର ସଦୁପଯୋଗ ପାଇଁ ତତ୍ପରତା ନାହିଁ। କୁଶେଇ ନଦୀଜଳକୁ ଚାଷ ପାଇଁ ବିନିଯୋଗ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଉ ନଥିବାରୁ କୃଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି କୁଶେଇ ନଦୀରେ ଏକ ବନ୍ଧ କିମ୍ବା ବ୍ୟାରେଜ୍ ନିର୍ମାଣ କରାଯାଏ ତେବେ ଘସିପୁରା ଓ ଆନନ୍ଦପୁର ବ୍ଲକ୍‌ର ଏକର ଏକର ଚାଷଜମିକୁ ଜଳସେଚନ କରାଯାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ନିଲାମ ହେଉଛି ବାଲି, ପାଣି ପାଇଁ ତତ୍ପରତା ନାହିଁ।

ବୈତରଣୀର ପ୍ରମୁଖ ଉପନଦୀ କୁଶେଇର ଉତ୍ପତ୍ତିସ୍ଥଳ ହେଉଛି ହରିଚନ୍ଦନପୁର ବ୍ଲକ୍‌ର ମେଘନାଦ ପର୍ବତ। ଏହା ଜିଲ୍ଲାର ପ୍ରାଚୀନ ସଂସ୍କୃତି ଓ ପଞ୍ଚନଦୀ ସଭ୍ୟତା ସହିତ ଜଡ଼ିତ। କୁଶେଇ ନଦୀତଟ ଦେଓଗାଁରେ ରହିଛି। ଅନ୍ୟତମ ପ୍ରାଚୀନ ଶୈବପୀଠ କୁଶଳେଶ୍ୱରଙ୍କ ମନ୍ଦିର ଏଠାରେ ଓଡ଼ିଶାର ଦ୍ୱିତୀୟ ପଥରବନ୍ଧ ମଧ୍ୟ ରହିଛି। କୁଶେଇ ନଦୀ ହରିଚନ୍ଦନପୁର ବ୍ଲକ୍‌ର ରେବଣାପଳାଶପାଳ, ବାରିଗାଁ, ଘସିପୁରା ବ୍ଲକ୍‌ର କରଞ୍ଜିଆପାଳ, ଜଳସୁଆଁ, ଦରଡ଼ିପାଳ, ଦେଓଗାଁ, ହାତୀଶିଳା, ସରେଇଁ, ବେଲବାହାଲି, ଟୋଲଙ୍କପଡ଼ା, ନୟାଗଡ଼ ଆଦି ଅଞ୍ଚଳ ଦେଇ ପ୍ରବାହିତ ହୋଇ ବାତୋ ନିକଟରେ ବୈତରଣୀରେ ମିଶିଛି। ଯାଜପୁର ଜିଲ୍ଲାର ବାଙ୍ଗରକୋଟା (ତେଲିବେଢ଼ା) ନିକଟରେ ଷେଣ୍ଢେଇ ଓ ରେମାଳ ନଦୀରେ ମିଶ୍ରଣ ହୋଇଛି। ଷେଣ୍ଢେଇ ଓ ରେମାଳ ନଦୀରେ ଦୁଇଟି ଜଳସେଚନ ପ୍ରକଳ୍ପ ହୋଇଥିଲେ ମଧ୍ୟ ଏହା ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରି ପାରୁନାହିଁ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ମୋତିଆବିନ୍ଦୁ ଶିବିର

**ଆନନ୍ଦପୁର, ୫ା୧୨ (ସମିସ):** ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଗୁରୁବାର ଆନନ୍ଦ ଭବନଠାରେ ମୋତିଆବିନ୍ଦୁ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପରିଷଦ ତତ୍ତ୍ୱାବଧାନତାରେ ଭୂମିକା ଚକ୍ଷୁ ହସ୍ପିଟାଲ ଯାଜପୁର ରୋଡ୍ ଆନୁକୂଲ୍ୟରେ ଗୁରୁବାର ସକାଳ ୯ରୁ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଲକ୍ଷ୍ମୀ ମହାନ୍ତି, ସୁସଜ୍ଜିତା ସାହାଣୀ ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିବା ବେଳେ ବରିଷ୍ଠ ନାଗରିକ ପରିଷଦର ସଭାପତି ରମାକାନ୍ତ ନାୟକ, ସଦସ୍ୟ ରଘୁନାଥ ପଣ୍ଡିତ, ନିରାକାର ଦଳେଇ, ବାରିଗାଁ ମା' ଧନେଇ ସେବାସଙ୍ଘର ସଭାପତି ବିଷ୍ଣୁପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଚିହ୍ନଟ ହୋଇଥିବା ମୋତିଆବିନ୍ଦୁ ରୋଗୀମାନଙ୍କୁ ମାଗଣାରେ ଯାଜପୁର ରୋଡ ଭୂମିକା ଚକ୍ଷୁ ଚିକିତ୍ସାଳୟରେ ଅପରେସନ୍ କରାଯିବ ବୋଲି ଜଣାଯାଇଛି।

# ମନ୍ଦିରରେ ତିନି ମୁଣ୍ଡିଆ ବିରଳ ସାପ



**ଯୋଡ଼ା, ୫ା୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଉଛାବାଲି ଗ୍ରାମ ମା' କୁଆଁରୀ ଅଫିସ ନିକଟରେ ଥିବା ଗଣେଶ ମନ୍ଦିରରେ ଶୁକ୍ରବାର ସକାଳ ସାତଟା ସମୟରେ ମନ୍ଦିରର ପୂଜକ ରାଜେଶ ମିଶ୍ର ପ୍ରଥମେ ତିନି ମୁଣ୍ଡିଆ ସାପକୁ ଦେଖିଲା ପରେ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ପୂଜକ ପ୍ରଥମେ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପ୍ରାୟ ୧୫ ମିନିଟ ସାପଟି ମନ୍ଦିର ଭିତରେ ରହିଥିଲା ବୋଲି ପୂଜକ ମିଶ୍ର ଗ୍ରାମବାସୀଙ୍କୁ କହିଛନ୍ତି। ସାପଟିର ଲମ୍ବ ପ୍ରାୟ ସାଢେ ୩ ଫୁଟ ହେବ। ଏହାକୁ ନେଇ ବନ ବିଭାଗ ପାଖରେ କୌଣସି ଖବର ନ ଥିବା ଯୋଡ଼ା ବନପାଳ କହିଛନ୍ତି।

# ବେଆଇନ ନିଶା କାରବାରରେ ଚଢ଼ଉ

**ତୁରୁମୁଙ୍ଗା, ୫ା୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶରଥୀପୁର ଗ୍ରାମର ପତଳାସାହି ହୁଡ଼ିରେ ଶୁକ୍ରବାର ସକାଳୁ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ମଦ ପୋଚ ସହ ମଦ ରନ୍ଧା ସାମଗ୍ରୀକୁ ନଷ୍ଟ କରିଛି। ମାଫିଆ ଫେରାର ହୋଇଯାଇଥିବା ବେଳେ ପୁଲିସ ମଦ ରନ୍ଧା ସାମଗ୍ରୀକୁ ଜବତ କରି ନଷ୍ଟ କରିଛି। ଏଠାରେ ବେଆଇନ୍ ଭାବରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ବେଧଡ଼କ ଭାବରେ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହେଇ ଆସୁଥିଲା।

# ଗ୍ରାମାଞ୍ଚଳ ଫୁଟ୍‌ବଲ: ଯୁଗିଳିଧର ଚାମ୍ପିଅନ



**କେନ୍ଦୁଝର, ୬ ା୧୨(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବସନ୍ତପୁର ପଞ୍ଚାୟତ ବସନ୍ତପୁର ଗାୟତ୍ରୀ କ୍ଲବ ଚୁଡିସାହି ଆନୁକୂଲ୍ୟରେ ଦୁବୁନା ଓ ଏମ୍‌ସି ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସିଧୁ କାହ୍ନୁ ଏକାଦଶ କଟୁପାଲିକୁ ହରାଇ ଯୁଗିଳିଧର ଚାମ୍ପିଅନ ହୋଇଛି। ଜଗନ୍ନାଥପୁର ଏଫ୍‌ସି ପିଚାକୁଣ୍ଡି ତୃତୀୟ, ଜୁନିଅର୍ ପାନ୍ଥର ୯ ଷ୍ଟାର ଚତୁର୍ଥ, ବିକେ ୩୮ ସୁରୁପତଳା, ସଞ୍ଜୀବ ଏକାଦଶ ଲପଣି ଚତୁର୍ଥ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ନେତା ତଥା ବଡକାଳିମାଟି ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦ୍ମଚରଣ ମୁଣ୍ଡା, ମୁଖ୍ୟବକ୍ତା ଓ ଏମ୍‌ସି ଦବୁନା ସେକ୍ରାଡିହି ମାଇନ୍ସ ଏଜି ଏମ୍ ଜ୍ଞାନପ୍ରକାଶ ମହାପାତ୍ର, ସମ୍ମାନିତ ଅତିଥି ଓଏମ୍‌ସି ଦବୁନା ସେକ୍ରାଡିହି ମାଇନ୍ସ ମ୍ୟାନେଜର ଦେବାଶିଷ ରାଓ, କେନ୍ଦୁଝର ସାଂସଦ ପ୍ରତିଧି ଇଲେକ୍ଟ୍ରି ବିଭାଗ ଯୋଡା ବ୍ଲକ ପରମେଶ୍ୱର ମହାକୁଡ ଏବଂ ବସନ୍ତପୁର ପଞ୍ଚାୟତ ଡେଭଲପମେଣ୍ଟ ସୋସାଇଟିର ସଭାପତି ପ୍ରଫୁଲ୍ଲ ତନ୍ତି, ସ୍ଥାନୀୟ ଶିକ୍ଷକ ସଂଜୀବ କୁମାର ବଳଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଗଣ ଯୋଗ ଦେଇଥିଲେ। ଧାରାବିବରଣୀ ଯୁବ ଭାଷ୍ୟକାର ତନୋଜ କୁମାର ତନ୍ତି, ମନୋଜ କୁମାର ତନ୍ତି, ରାଜୀବ ବାରିକ ଏବଂ ଶଙ୍କର ମୁଣ୍ଡା ସହଯୋଗ କରିଥିଲେ। କ୍ଲବ ସଭାପତି ସୁରେନ ଦରାଇବୁରୁ, ମୋହନ ମୁଣ୍ଡା, ବାବୁଲା ମୁଣ୍ଡା, କୃଷି ମୁଣ୍ଡା, ଶୁକ୍ରା ଚାମ୍ପିୟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପ୍ରଦର୍ଶନୀ ମ୍ୟାଚ ପାଇଁ ଦୁଇଟି ମହିଳା ଦଳ ଜୟମା' ତାରିଣୀ ଯୁଥ କ୍ଲବ କେନ୍ଦୁଝର ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା।


















## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ି ଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ବ୍ୟବସାୟରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ପରିଶ୍ରମ ଅନୁସାରେ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୧୭-ଫିନ୍‌ଲ୍ୟାଣ୍ଡ ଋଷରୁ ସ୍ୱାଧୀନ ହେଲା।
- ୧୯୫୬- ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଆମ୍ବେଦକରଙ୍କ ନିଧନ।
- ୧୯୬୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।


# କାମ ନ ସାରିଲେ କାଫେରୁ ଆସିବା ମନା

ଅନେକ ଲୋକଙ୍କର କାମକୁ ସଙ୍ଗେ ସଙ୍ଗେ ସାରିବା ଅଭ୍ୟାସ ନ ଥାଏ। ସେଥିପାଇଁ ସେମାନେ ସମୟ ଗଡ଼ାଇ ଚାଲନ୍ତି। ହେଲେ ଜାପାନରେ ଏମିତି ଏକ କାଫେ ଅଛି, ଯାହାକି ଲୋକଙ୍କର ଏହି ଅଭ୍ୟାସରେ ସୁଧାର ଆଣିବାରେ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। କୋଏନଜିକିଟା ଅଞ୍ଚଳରେ ଥିବା ଏହି କାଫେର ନାଁ ହେଉଛି ମାନୁସ୍କ୍ରିପ୍ଟ ରାଇଟିଂ କାଫେ। କାଫେର ନିୟମ ଅନୁଯାୟୀ, ଥରେ ଏହା ଭିତରକୁ



ପ୍ରବେଶ କଲେ କାମ ନ ସାରି ସେଠାରୁ ବାହାରିବା ମନା। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ସମୟରେ କାମ ସାରି ପାରୁ ନ ଥିବା ଲୋକଙ୍କ ପାଇଁ ଏହି କାଫେ ଉଦ୍ଦିଷ୍ଟ ବୋଲି କୁହାଯାଉଛି। କାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଗୋଟିଏ କାଗଜରେ ନିଜ ନାଁ, କେଉଁ କାମ କରିବା ଲକ୍ଷ୍ୟ ରଖିଛନ୍ତି ଏବଂ କାମକୁ ପୂରା କରିବାର ସମୟ ଅବଧି ବିଷୟରେ ଲେଖିବାକୁ ହେବ। ସବୁଠୁ ବଡ଼ କଥା ହେଲା, କାମ ନ ସରିବା ପର୍ଯ୍ୟନ୍ତ କାଫେର କର୍ମଚାରୀ ଲୋକଙ୍କୁ ବାହାରକୁ ଛାଡ଼ନ୍ତି ନାହିଁ। ଏହି କାଫେରେ କେବଳ ୧୦ଟି ସିଟ୍ ଅଛି। ଏହା କେବଳ ଲେଖକ, ଏଡିଟର ଏବଂ କଳାକାରମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ। ସେହିପରି ଏଠାରେ ଜଣେ ସୁରୁଖୁରୁରେ କାମ କରିବା ପାଇଁ କାଫେ ପକ୍ଷରୁ ହାଇସ୍ପିଡ ୱାଇଫାଇ ସହ ଚାର୍ଜିଂ ପଏଣ୍ଟର ସୁବିଧା ବି ରହିଛି। କାଫେର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ଚା' ଓ କଫି ସମ୍ପୂର୍ଣ୍ଣ ମାଗଣା। ସେହିପରି କାମ କେତେ ବାଟ ଆଗକୁ ଗଲା କି ନାହିଁ, କାଫେର କର୍ମଚାରୀ ନଜର ରଖନ୍ତି। ତା'ସହ କାମରୁ ଧ୍ୟାନ ବିଚ୍ୟୁତ ହେଲେ ସେମାନେ କାମ କରିବା ଲାଗି ପ୍ରୋତ୍ସାହିତ କରନ୍ତି। ଅନ୍ୟପଟେ କରୋନାରେ ୱାର୍କ ଫର୍ମ ହୋମ୍ ଆରମ୍ଭ ହେବାରୁ ଏହି କାଫେର ଆରମ୍ଭ ହୋଇଥିଲା। କାରଣ ଘରେ ଲୋକେ କାମ କରିବା ବେଳେ ସେତେ ବେଶି ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଏଣୁ କାଫେ ମାଲିକ ଏମିତି ଏକ ସ୍ଥାନ ତିଆରି କଲେ, ଯେଉଁଠି କାମ ସାରିବାର ସମୟ ସୀମା ନିର୍ଦ୍ଧାରଣ କରାଗଲା। ଅବଶ୍ୟ କାମ ଏଠାରେ ଶେଷ ହେବା ପରେ ଗ୍ରାହକଙ୍କୁ ଏକ ଷ୍ଟିକର ମିଳେ ଏବଂ ଏହା କାମରୁ ମୁକ୍ତ ହେବା କଥାକୁ ସୂଚାଏ। ଅନ୍ୟପେଟ ଗ୍ରାହକଙ୍କୁ ଏଠାରେ ବସିବା ଲାଗି ଘଣ୍ଟା ପ୍ରତି ୨୫୦ ଟଙ୍କା ଦେବାକୁ ପଡ଼ିଥାଏ। ଲୋକେ କାଫେର ଏହି ନିୟମକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ରାତିରେ ଲାଇଟ୍ ଜଳାଇ ଶୋଇବା କ୍ଷତିକାରକ



ଅନେକ ଲୋକ ରାତିରେ ଶୋଇବା ପୂର୍ବରୁ ଲାଇଟ୍ ବନ୍ଦ କରିକି ଶୁଅନ୍ତି। ଆଉ କେତେ ଜଣ ଅନ୍ଧାରକୁ ଡରି ରାତିରେ ଲାଇଟ୍ ଜଳାଇ ଶୁଅନ୍ତି। ତେବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ରାତିରେ ଲାଇଟ୍ ଜଳାଇ ଶୋଇବା ଆଦୌ ଭଲ ନୁହେଁ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୋକଙ୍କ ଶୋଇବା ଉପରେ ଏକ ଗବେଷଣା କରିଥିଲେ। ଏହି ଗବେଷଣାରୁ ସାମ୍ନାକୁ ଆସିଲା ଯେ, ରାତିରେ ଶୋଇବା ବେଳେ କୃତ୍ରିମ ଆଲୋକ ଆଖି ଉପରେ ପଡ଼ିଲେ ଏହାଦ୍ୱାରା ହୃଦୟ ଓ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଗବେଷଣାରେ ଦେଖାଯାଇଛି ଯେ, ଶୋଇବା ବେଳେ ଅଳ୍ପ ଆଲୋକ ଯଦି ଆଖି ଉପରେ ପଡ଼େ, ମସ୍ତିଷ୍କ ସକ୍ରିୟ ହୋଇ ଉଠେ। ଏଥିଯୋଗୁଁ ଧମନୀରେ ରକ୍ତ ସଞ୍ଚାର ଦ୍ରୁତ ଗତିରେ ହୁଏ। ତେବେ ରକ୍ତ ପ୍ରବାହ ଦ୍ରୁତ ଗତିରେ ହେଲେ ଏହା ହୃଦୟ ଉପରେ ପ୍ରଭାବ ପକାଏ। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଇବା ଉଭୟ ହୃଦୟ ଏବଂ ମସ୍ତିଷ୍କ ପାଇଁ କ୍ଷତିକାରକ। ରାତିରେ ଲାଇଟ୍ ଜଳାଇବା ଦ୍ୱାରା ଏହାର ପ୍ରଭାବ ପୂରା ଶରୀର ଉପରେ ପଡ଼େ। ଅନ୍ୟପଟେ ଲାଇଟ୍ ଲଗାଇ ରାତିରେ ଶୋଇବା ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

# ଜାନୁଆରୀ ୧୬ରେ 'ହ୍ୟାପି ପଟେଲ'



ବଲିଉଡ୍‌ର ମିଷ୍ଟର ପରେଫକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଯୋଜିତ ଗୁଇନ୍ଦାଭିତ୍ତିକ ଫିଲ୍ମ 'ହ୍ୟାପି ପଟେଲ :ଖତରନାକ ଜାସୁସ୍'ର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ ଏହି ଫିଲ୍ମ ମାଧ୍ୟମରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ମୋନା ସିଂହ ଓ ବୀର ଦାସ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ଟାଇଟଲ୍ ଭଳି ଏହାର ଆନାଉନ୍ସମେଣ୍ଟ ଭିଡିଓ ବି ବେଶ୍ ଆକର୍ଷଣୀୟ ହୋଇଛି। ଭିଡିଓରେ ଅମିର୍ ବୀର୍‌ଙ୍କୁ ଫିଲ୍ମରେ ଆକ୍ସନ୍, ସ୍ପାଇ କାହିଁ ବୋଲି ପ୍ରଶ୍ନ କରିବା ସହ ଏହା ଏକ ଫ୍ଲପ୍ ଫିଲ୍ମ ହେବ ବୋଲି କହି ପିଟିଛନ୍ତି। ଏହି ସମୟରେ ସେଠାରେ ଦର୍ଶକ ପହଞ୍ଚି ଫିଲ୍ମର ପ୍ରଶଂସା କରିଛନ୍ତି। ଏହାପରେ ଅମିର୍‌ଙ୍କ ସ୍ୱର ବଦଳି ଯାଉଛି, ସେ ଦର୍ଶକଙ୍କ ହଁରେ ହଁ ମିଶାଇଛନ୍ତି। ବୀର ଓ ଅମିର୍‌ଙ୍କ ଏହି ପ୍ରମୋସନାଲ ଭିଡିଓ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ଆସନ୍ତା ଜାନୁଆରୀ ୧୬ରେ ପରଦାକୁ ଆସିବ। ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ବେଶ୍ ଦମ୍‌ଦାର୍ କାହାଣୀ ପରଦାକୁ ଆଣିଥାଏ। 'ଲଗାନ୍', 'ତାରେ ଜମିନ୍ ପର', 'ଦଙ୍ଗଲ' ଓ 'ସିକ୍ରେଟ୍ ସୁପରଷ୍ଟାର୍' ପରେ ଅମିର୍‌ଙ୍କ ପ୍ରଡକ୍ସନ କମ୍ପାନି ଦର୍ଶକଙ୍କୁ 'ହ୍ୟାପି ପଟେଲ' ମାଧ୍ୟମରେ ଏକ ନୂଆ ଅନୁଭୂତି ଦେବାକୁ ଯାଉଛି। 'ଦିଲ୍ଲୀ ବେଲି' ପରେ ବୀର ଓ ଅମିର୍ ପୁଣି ଥରେ ଏକାଠି କାମ କରୁଛନ୍ତି।

## ବହି ଆମର ସାଥୀ





ସୁଜିତ କୁମାର ମିଶ୍ର

ସକଳ ଜ୍ଞାନ ଅର୍ଜନ ପାଇଁ
ବହି ଆମର ସାଥୀ,
ରଖିବା ତାକୁ ସାଇତି ଆମେ
ଅତି ଆଦରେ ନିତି ।
ସବୁ ସପନ ସଫଳ ହୁଏ
ଥିଲେ ପାଖରେ ବହି,
ମନ ଭିତର ବହୁ ପ୍ରଶ୍ନର
ଉତ୍ତର ଦିଏ କହି ।
ବହି ପଢ଼ିକି କଲାମ୍ ହେଲେ
ସଂସାରେ ବୈଜ୍ଞାନିକ,
ଚମକିଲେ ସେ ସାରା ବିଶ୍ୱରେ
ହୋଇଲେ ବଡ଼ଲୋକ ।
ଜଗାଏ ବହି ଆତ୍ମବିଶ୍ୱାସ
ସନ୍ଦେହ କରି ଦୂର,
ସଫଳକାମୀ ମଣିଷ ଗଢ଼େ
ଶ୍ରଦ୍ଧାରେ ନିରନ୍ତର ।
ବହିଟି ପରା ଜଣା ଅଜଣା
ନୀତିଶିକ୍ଷାରେ ଭରା,
ଆମ ଜୀବନ ଚଲାପଥରେ
ସିଏ ଆଲୋକ ଧାରା ।
ଦୁଃଖ ବେଳାରେ ଥାଏ ସେ ପାଶେ
ଆପଣା ଲୋକ ହୋଇ,
ପଢ଼ିଲେ ପିଲେ ସୁଖର ହସ
ପରାଣୁ ଝରୁଥାଇ ।
ନ ଥିଲେ କେହି ପାଖରେ କେବେ
ବହିଟି ଆଶାବାଡ଼ି,
ତା' ପାଇଁ ସିନା ଆମ ଜୀବନ
ଆଗକୁ ଯାଏ ମାଡ଼ି ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ- ୭୬୮୩୮ ୬୭୭୪୨

## ଶୀତ ଆଗମନେ



ଚିତ୍ତରଞ୍ଜନ ମହାନ୍ତି

ଶୀତ ଆସେ ପାଦ ଥାପି
ପୌଷ,ମାଘ ମାସ ଦୁଇ
ଶୀତକୁ ଯାଉନା ଡରି
ବୋଉ କୋଳ ଭରସି ।।
ଶୀତ ଆସେ ମଠେଇ
ମାଘ ଧରେ ଜଡ଼େଇ
ବୋଉ ଖୋଜେ ରେଜେଇ
ଶୀତ ଖେଳେ ଲୁଚକାଳି ।।
ସବୁରି ପ୍ରିୟ ଶୀତ
ରେଜେଇ କମ୍ବଳ ଖୋଜ
ଘୋଡ଼େଇ ଦେଲେ ଦେହ
ଶୀତ ସାଥେ ହୁଏ ମିତ ।।
ଥିଲେ ବି ଶୀତର ଜାଡ଼
ଏଦୁନିଆ ଦିଏ ଶ୍ରେୟଷ୍ଠ
ଚାଷୀଭାଇ ଓଠେ ହସ
ଦେଖି ତା'ର ସୁନା କ୍ଷେତ ।।
ଶୀତରେ ପରବ ସକଳ
ପିଠାପଣାର ମହକ !
ତରୁ ଲତା ଫୁଲ ଫଳ
ପନି ପରିବା ସବୁଜ ।।
ଶୀତ ଏମିତିକା ଋତୁ
ଥକୁନା କାମ କରିଯାଉ
ପ୍ରକୃତି ଶୋଭା ଅପରୂପା
ବଢେ ଜିଇଁବାର ଆଶା ।।
ଶୀତ ଲୋଡ଼େ ଉଷ୍ମତା
ଗ୍ରୀଷ୍ମ ଲୋଡ଼େ ଶୀତଳତା
ଇଚ୍ଛାମତେ ସବୁ ମିଳେନା
ସବୁ ଈଶ୍ୱରଙ୍କ ରଚନା ।।■



ତଗିରା,ରାଣୀତାଲ, ଭଦ୍ରକ
ମୋ– ୯୪୩୮ ୬୭୦୧୫୦

## ପ୍ରହେଳିକା

- କେବେ କେବେ ଶୀତଦିନ ସକାଳେ
ସୂରୁଜ ନ ଦିଶେ ଆକାଶ କୋଳେ
ଅନ୍ଧାରୁଆ ଲାଗେ ବାଟ ଓ ଘାଟ
ଦେହକୁ ଲାଗଇ ଶୀତ ବହୁତ
ବୁନ୍ଦା ବୁନ୍ଦା ପାଣି ଝରି ପଡ଼ଇ
ବର୍ଷା ନୁହେଁ ସିଏ ଦେହକୁ ଭିଜାଏ
ପାରିବକି ତା'ର ନାମଟି କହି।

ଉତ୍ତର-କୁହୁଡ଼ି

- ଗରମ ପୋଷାକ ଅଟଇ ସିଏ
ଶୀତଦିନ ହେଲେ ସେ ଦେଖା ଦିଏ
ପିନ୍ଧିଲେ ଲାଗଇ ଭାରି ସୁନ୍ଦର
ତା'ପାଇଁ ନଥାଏ ଶୀତକୁ ଡର
ନାନା ରଙ୍ଗେ ମିଳେ ସିଏ
ପିଲାଠାରୁ ବୁଢ଼ା ସଭିଏଁ ପିନ୍ଧନ୍ତି
କୁହ ତା'ର ନାମ କିଏ।

ଉତ୍ତର-ସୁଇଟର୍

- ହେମାଳ ପବନ ଯେବେ ବହଇ
ମୁଣ୍ଡରେ ପିନ୍ଧନ୍ତି ଭଉଣୀ ଭାଇ
ମୁଣ୍ଡ କାନକୁ ସେ ଦିଏ ଘୋଡ଼େଇ
ଶୀତର କୋପକୁ ଦିଏ ଦୂରେଇ
କୋମଳ ଦରବଟିଏ
ଶୀତ କୁହୁଡ଼ିରୁ ରକ୍ଷା କରେ ସିଏ
କୁହ ତା'ର ନାମ କିଏ।

ଉତ୍ତର-ଶୀତ ଟୋପି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ



## ଗୁରୁଙ୍କର ପରୀକ୍ଷା



ରମେଶ ଚନ୍ଦ୍ର ଦାଶ



ଭାଲୁର ବିଦ୍ୟାଳୟରେ ବିଲୁଆ, ଗୋଧି, ନେଉଳ, ଗଧ, ଅଜଗର ପ୍ରଭୃତି ପ୍ରାଣୀମାନେ ଛାତ୍ର ଥିଲେ। ସେ ବୁଢ଼ା ହୋଇଯିବାରୁ ଆଉ ପୂର୍ବଭଳି ପଢ଼ାଇ ପାରିଲା ନାହିଁ। ସେ ଅବସର ନେଇ ଘରେ ରହିଲା। ଦିନେ ସେ ଭାବିଲା- ମୁଁ ଏତେ ଛାତ୍ରଙ୍କୁ ପାଠ ପଢ଼ାଇଛି। ମୁଁ ସେମାନଙ୍କୁ କହି ମୋ ପାଇଁ ଗୋଟିଏ ଭଲ ଘରଟିଏ ତିଆରି କରାଇବି। ତେଣୁ ସେ ବିଲୁଆ, ଗୋଧି ଓ ନେଉଳଙ୍କୁ ଡାକି ତାର ମନକଥା କହିଲା। ସେମାନେ କହିଲେ-" ଏହା ଆମ ପାଇଁ ସାମାନ୍ୟ କଥା। ଆମେ ନିଶ୍ଚିତ ଭାବରେ ଖୁବ୍ ଶୀଘ୍ର ଆପଣଙ୍କ ରହିବା ପାଇଁ ଏମିତି ଘରଟିଏ ତିଆରି କରିଦେବୁ ଯେ ଯେମିତି ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।" ସେମାନଙ୍କ କଥାରେ ଭାଲୁର ମନ ଭାରି ଖୁସି ହୋଇଗଲା। ସେ ନୂଆଘରେ କେମିତି ରହିବ ସେହିକଥା ସଦାବେଳେ ଭାବିବାରେ ଲାଗିଲା। ପନ୍ଦରଦିନ ମଧ୍ୟରେ ଘର ତିଆରି କରିଦେବେ ବୋଲି ସ୍ଥିର ହେଲା। ତାପରେ ଯେ ଯେଉଁଆଡ଼େ ଚାଲିଗଲେ। ପନ୍ଦର ଦିନ ପୂରିଗଲା। ଘରକାମ ଆରମ୍ଭ ହେଲା ନାହିଁ। ଭାଲୁ ପଚାରିବାରୁ ବିଲୁଆ କହିଲା, "ଆପଣଙ୍କ ପାଇଁ ଯେତେବେଳେ ଘର ହେବ ତାହା ଗୋଟିଏ ଭଲଦିନ ଦେଖି ଆରମ୍ଭ କରାଯିବ। ଆମେ ସେହି ଭଲ ଦିନ ଅପେକ୍ଷାରେ ଅଛୁ।" ପୁଣି କିଛି ଦିନ ଗଲା। ଭାଲୁ ଗୋଧି ଦୁଆରେ ପହଞ୍ଚି ଘରକଥା ପଚାରିବାରୁ ସେ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କର ଯଦି ବର୍ତ୍ତମାନ ରହିବାରେ ଅସୁବିଧା ହେଉଛି ତେବେ ଆମ ଘରେ ରହିପାରନ୍ତି। କିଛି ଅସୁବିଧା ନାହିଁ। ଆମେ ଖୁବ୍ ଶୀଘ୍ର ଆପଣଙ୍କ ଘର ତିଆରି ଆରମ୍ଭ କରୁଛୁ।" ସେ ଆଉ ନେଉଳ ପାଖକୁ ଗଲା ନାହିଁ। ନେଉଳ ବି ସେହିଭଳି କିଛି କହିବ ବୋଲି ଭାଲୁ ମନେକଲା।

କିନ୍ତୁ ନେଉଳ ଅନ୍ୟ କେତେକ ପ୍ରାଣୀଙ୍କୁ ନେଇ ଭାଲୁ ପାଇଁ ଘରଟିଏ ତିଆରି କରି ଦିନେ ଭାଲୁ ଦୁଆରେ ପହଞ୍ଚି ତାକୁ ଡାକିଲା। ଭାଲୁ ଏସବୁ ବାବଦରେ କିଛି ଜାଣି ନ ଥାଏ। ସେ ଯେତେବେଳେ ଶୁଣିଲା ଯେ ନେଉଳ ଏକାକୀ ତା' ପାଇଁ ଘର ତିଆରି କରିଛି ସେ କହିଲା, "ମୁଁ ରହିବା ପାଇଁ ଘର ଚାହୁଁନଥିଲି। ପ୍ରକୃତରେ ତୁମେମାନେ ମୋଠାରୁ କେତେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଶିକ୍ଷା କରିଛ, ତାହା ଜାଣିବା ପାଇଁ ଏପରି କହିଥିଲି।" ଭାଲୁ ନେଉଳକୁ ଆଶୀର୍ବାଦ ଦେଇ କହିଲା, "ଯେଉଁମାନେ ନିଜ କଥା ଅନୁସାରେ କାମ କରନ୍ତି; ସେମାନେ ଦୁନିଆରେ କୌଣସି ପରିସ୍ଥିତିରେ ହାରନ୍ତି ନାହିଁ। ଯେଉଁମାନେ ଏପରି ନ କରି ଠକିବାର ବାହାନା କରନ୍ତି ସେମାନେ ନିଜକୁ ନିଜେ ଠକି ହୋଇଥାନ୍ତି।" ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ - ୯୭୭୬୨୩୮ ୫୨୨





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ପ୍ରଶଂସା ତ୍ରିପାଠୀ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଉତ୍ତରବାଡ଼
ଭଣ୍ଡାରିପୋଖରୀ





କୀର୍ତ୍ତି କ୍ରିଷ୍ଣା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର

## ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଦିନିକିଆ ଆଜି


# ଟସ୍ ଓ କୁହୁଡ଼ି ହେବ ନିର୍ଣ୍ଣାୟକ

ବିଶାଖାପାଟଣା,୫।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ ହେବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଠାରେ ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ହେବ। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିବ। ଏହା ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏଣୁ ଏଠାରେ ଶେଷ ଦିନିକିଆରେ ବିଜୟୀ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜ୍ ପରାଜୟ ଏଡ଼ାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ଓ କୁହୁଡ଼ି ଯେ ମ୍ୟାଚ୍‌ରେ ଶେଷ ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୫୮ ରନ୍ କରିଥିଲେ ମଧ୍ୟ ଏହି ମୁକାବିଲାକୁ ହାରିଯାଇଥିଲା। ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଏତେ ଶକ୍ତିଶାଳୀ ଯେ, କ୍ୱାଲିଟୀ ବୋଲିଂ ନ ହେଲେ ଯେତେବଡ଼ ଟାର୍ଗେଟକୁ ହାସଲ କରିବାର ଦକ୍ଷତା ରଖିଛି। ଫ୍ଲାଟ ପିଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଭାରତ ଲାଗି କଷ୍ଟକର। ଘରୋଇ ମାଟିରେ ସ୍ପିନରଙ୍କୁ ଖେଳିବା ଭ୍ରମଣକାରୀ ଦଳ ଲାଗି ସହଜ ହୋଇଯାଇଛି। ଜାଡେଜା, ସୁନ୍ଦର ଓ କୁଲଦୀପଙ୍କୁ ନେଇ ଗଠିତ ଭାରତର ସ୍ପିନ୍ ବାହିନୀ ଆଦୌ ବିପଦ ସୃଷ୍ଟି କରୁନାହିଁ। ଏଣୁ ଭାରତ ବ୍ୟାଟିଂ ଉପରେ ନିର୍ଭର କରୁଛି। ଦଳ ଦିନିକିଆ ମ୍ୟାଚ୍‌ରେ କ୍ରମାଗତ ୧୯ଟି ଟସ୍ ହାରିଛି। ଭାରତରେ ଏବେ ପ୍ରବଳ କୁହୁଡ଼ି ପଡ଼ୁଛି।





ପଛରେ ବୋଲିଂ ଓ ଫିଲ୍ଡିଂ କରିବା କଷ୍ଟକର ହେଉଛି। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଟସ୍ ଜିତିବ, ସେହିଦଳ ନିଶ୍ଚିତ ଭାବେ ପ୍ରତିପକ୍ଷ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବ। କ୍ରମାଗତ ୨୦ତମ ମୁକାବିଲାରେ ଭାରତ ଯଦି ଟସ୍ ନ ଜିତେ ତେବେ ଏହି ସିରିଜ୍ ଜିତିବା ଦଳ ଲାଗି ସ୍ୱପ୍ନ ହୋଇ ରହିଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ତଥା ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ଓ ବ୍ୟାଟର ଟୋନି ଡି ଜୋର୍ଜିଙ୍କ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଏମାନେ ଫିଟ୍ ହେବେ ବୋଲି ଆଶା କମ୍। ବର୍ଗରଙ୍କ ସ୍ଥାନରେ ଓଟନେଲ ବାର୍ଟମ୍ୟାନ୍ ଓ ଡି ଜୋର୍ଜିଙ୍କ ସ୍ଥାନରେ ରିୟାନ ରିକେଲଟନଙ୍କ ଖେଳିବା ସମ୍ଭାବନା ରହିଛି।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ**: ଜୟସ୍ୱାଲ, ରୋହିତ, କୋହଲି, ଗାଏକ୍ୱାଡ୍, ରାହୁଲ (ଅଧିନାୟକ), ସୁନ୍ଦର, ଜାଡେଜା, ରାଣା, କୁଲଦୀପ, ଅର୍ଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ୍- ପନ୍ତ, ଜୁରେଲ, ରେଡ୍ଡୀ ଓ ବର୍ମା।

**ଦକ୍ଷିଣ ଆଫ୍ରିକା**: ମାରକ୍ରମ, ଡି କକ, ରିକେଲଟନ, ବଭୁମା (ଅଧିନାୟକ), ବ୍ରିଜ୍‌କେ, ବ୍ରେଭିସ୍, ଜାନ୍‌ସେନ, ବୋଶ୍, ମହାରାଜ, ଏନ୍‌ଗିଡି, ବାର୍ଟମ୍ୟାନ୍। ବେଞ୍ଚ୍- ହର୍ମନ, ଡି ଜୋର୍ଜି, ବର୍ଗର, ଏନ୍‌ଗିଡି, ଗସୁବ୍ରାୟେନ୍।

## ବିଜୟ ହଜାରେ ଟ୍ରଫି

# ଓଡ଼ିଶା ବିପକ୍ଷରେ ଖେଳିବେ କୋହଲି

ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ବିସିସିଆଇର ଘରୋଇ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ତାରକା ଭାରତୀୟ ବ୍ୟାଟର୍ ବିରାଟ କୋହଲି ସମ୍ମତି ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିବେ। କୋହଲି ଶେଷଥର ଲାଗି ୨୦୦୯-୧୦ ସିଜନରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। କୋହଲିଙ୍କ ଦଳ ଦିଲ୍ଲୀ ଏଥର ବିଜୟ ହଜାରେ ଟ୍ରଫିରେ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦିଲ୍ଲୀ ସମେତ ହରିୟାଣା, ଗୁଜରାଟ, ଓଡ଼ିଶା, ସର୍ଭିସେସ୍, ଆନ୍ଧ୍ର ପ୍ରଦେଶ ଓ ସୌରାଷ୍ଟ୍ର ଦଳ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହିକ୍ରମରେ ଡିସେମ୍ବର ୩୧ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ବେଙ୍ଗାଲୁରୁର ଆଲୁରରେ ଅନୁଷ୍ଠିତ ହେବ। ଯେହେତୁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସମ୍ମତି ଜଣାଇଛନ୍ତି ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚରେ ସେ ଖେଳିବା ଆଶା ଉଜ୍ଜଳ ରହିଛି। ବିସିସିଆଇର ଧାର୍ଯ୍ୟ ନିୟମ ଅନୁଯାୟୀ ବିରାଟ ଗୋଟିଏ ଲିଷ୍ଟ-ଏ ମ୍ୟାଚ୍ ଖେଳିଲେ ୬୦ ହଜାର ଟଙ୍କା ପାଉଣା ପାଇବେ।

## ଇନ୍ଦୋରରେ ହୋଟେଲ ଅଭାବ

# ଏସ୍‌ଏମ୍‌ଏଟି ନକ୍‌ଆଉଟ ପୁଣେକୁ ସ୍ଥାନାନ୍ତରିତ

ମୁମ୍ବାଇ,୫।୧୨(ଏଜେନ୍ସି): ଖେଳାଳିଙ୍କ ରହିବା ଲାଗି ଇନ୍ଦୋରରେ ଥିବା ହୋଟେଲ ଗୁଡିକରେ ରୁମ୍‌ର ଅଭାବ ଯୋଗୁଁ ଡିସେମ୍ବର ୧୨ରୁ ୧୮ ଯାଏ ଏଠାରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୁଣେ ସ୍ଥାନାନ୍ତରିତ କରାଯାଇଛି। ନକ୍‌ଆଉଟରେ ୮ଟି ଦଳର କିଛି ସୁପରଷ୍ଟାରଙ୍କ ସମେତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ଏହି ସମୟରେ ଅର୍ଥାତ୍ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ଡାକ୍ତରମାନଙ୍କର ଏକ ବିଶ୍ୱ ସମ୍ମିଳନୀ ଆୟୋଜିତ ହେଉଛି। ଏଥିଲାଗି ରୁମ୍ ଗୁଡ଼ିକୁ ଆଗୁଆ ବୁକ୍ କରାଯାଇଥିବାରୁ ଖେଳାଳିଙ୍କ ରହିବା ଲାଗି ହୋଟେଲ ରୁମ୍ କମିଯାଇଛି। ଫଳରେ ପୁଣେକୁ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନାନ୍ତରିତ କରାଯାଇଛି।

## ବାରବାଟୀରେ ଟିକଟ କଣିବା ପାଇଁ ଲଢ଼େଇ













# ରୋଚ୍‌ଙ୍କୁ ୫ ୱିକେଟ, ହୋପ୍‌ଙ୍କ ଶତକ

ଖ୍ରୀଷ୍ଟଚର୍ଚ୍ଚ,୫।୧୨(ଏଜେନ୍ସି): ଫାଷ୍ଟ ବୋଲର କିମାର ରୋଚ୍‌ଙ୍କ ୫ ୱିକେଟ ଓ ସାଇ ହୋପ୍‌ଙ୍କ ଅପରାଜିତ ଶତକ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୫ମ ଦିନକୁ ଯାଇଛି। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ୱେଷ୍ଟଇଣ୍ଡିଜ୍‌କୁ ମ୍ୟାଚ୍ ଜିତିବା ଲାଗି ଆଉ ୩୨୧ ରନ୍‌ର ଆବଶ୍ୟକତା ରହିଛି। ପ୍ରଥମ ଇନିଂସରେ ୬୪ ରନ୍‌ରେ ଆଗୁଆ ଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୪୬୬ ରନ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ପକ୍ଷରୁ ରାଚିନ ରବୀନ୍ଦ୍ର ୧୭୬ ଓ ଟମ୍ ଲାଥମ ୧୪୫ ରନ୍ କରିଥିଲେ। ଭ୍ରମଣକାରୀ ଦଳର ଫାଷ୍ଟ ବୋଲର କିମାର ରୋଚ୍ ସର୍ବାଧିକ ୫ ୱିକେଟ ନେଇଥିଲେ। ୱେଷ୍ଟଇଣ୍ଡିଜ୍ ଆଗରେ ଦ୍ୱିତୀୟ ଟେଷ୍ଟ ଜିତିବାକୁ ୫୩୧ ରନ୍‌ର ଟାର୍ଗେଟ ଦେଇଥିଲା ନ୍ୟୁଜିଲାଣ୍ଡ। ଏହି ଟାର୍ଗେଟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ବେଳକୁ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୧୨ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସାଇ ହୋପ୍ ୧୧୬ ଓ ଜଷ୍ଟିନ୍ ଗ୍ରିଭ୍‌ସ ୫୫ ରନ୍‌ରେ ବ୍ୟାଟିଂ କରୁଥିଲେ।


# ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ

ବ୍ରିସ୍‌ବେନ୍,୫।୧୨(ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ୧୩୪ ଓ ଜ୍ୟାକ୍ କ୍ରାଲୀଙ୍କ ୭୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୪ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୭୮ ରନ୍ କରିବା ସହ ୪୪ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୬ ଓ ମାଇକେଲ ନେସର ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକ୍ ୱିଦରାଲ୍ଡ ୭୨, ମାର୍ନସ ଲାବୁସେନ ୬୫ ଓ ଷ୍ଟିଭେନ୍ ସ୍ମିଥ୍ ୬୧, କାମେରନ ଗ୍ରୀନ୍ ୪୫ ଓ ଟ୍ରାଭିସ୍ ହେଡ୍ ୩୩ ରନ୍ କରିଥିଲେ।

## ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

# ଡବଲ୍ ଫାଇନାଲରେ ତନ୍‌ଭୀ

ଭୁବନେଶ୍ୱର, ୫।୧୨ (ସମିସ)




ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ଖେଳିବାକୁ ଯୋଗ୍ୟତା କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ୧୫ ବର୍ଷରୁ କମ୍ ଫାଇନାଲରେ ୧୪ତମ ତନ୍‌ଭୀଙ୍କ ସହ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କର ମୁକାବିଲା ହେବ। ସେହିପରି ୧୭ ବର୍ଷରୁ କମ୍ ବିଭାଗରେ ଟାଇଟଲ ଲାଗି ତାମିଲନାଡୁର ଦୀକ୍ଷା ଏସ୍‌ଆର୍ ସହ ଲଢ଼େଇ କରିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକା ଯୁଗଳ ଟାଇଟଲ ଲାଗି ଓଡ଼ିଶାର ସ୍ୱାତୀ-ନିମିଶାଙ୍କ ସହ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କ ଯୋଡି ସହ ମୁକାବିଲା ହେବ। ବାଳକ ବିଭାଗ ୧୫ ବର୍ଷରୁ କମ୍ ବିଭାଗରେ ପୁଷ୍କର ସାଇଙ୍କ ସହ ହର୍ଷିତ ଖତ୍ରୀଙ୍କର ଓ ୧୭ ବର୍ଷରୁ କମ୍ ବିଭାଗରେ ଟପ୍ ସିଡ ଜଗସେର ସିଂହଙ୍କ ସହ ବିରାଜ ଶର୍ମାଙ୍କର ମୁକାବିଲା ହେବ।

**■ ଡବଲ ଫାଇନାଲ ମୁକାବିଲା**

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୨, ୨୧-୧୯ରେ ତେଲଙ୍ଗାନାର ହାମସିନୀ ଚଦରମଙ୍କ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ ୨-୦ରେ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ ସେମି ଫାଇନାଲରେ ତନ୍‌ଭୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୧-୧୧, ୨୧-୪ରେ ଏକତରଫା ଭାବେ ଆନ୍ଧ୍ରର ହସାନା ଶ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍‌ଆରଙ୍କ ସହ ମୁକାବିଲା ହେବ।

## ସ୍ୱାତୀ- ନିମିଶାଙ୍କ ପ୍ରଥମ ଫାଇନାଲ

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ସେମି ଫାଇନାଲରେ ବିଜୟୀ ହୋଇ ପ୍ରଥମଥର ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। ସେମି ଫାଇନାଲରେ ତାମିଲନାଡୁର ନୟନିକା ଏ. ଏବଂ ଧନ୍ୟା ଏସ୍‌ଜେଙ୍କ ଯୋଡିଙ୍କୁ ୨୧-୧୬, ୯-୨୧, ୨୧-୧୨ ସେଟ୍‌ରେ ପରାସ୍ତ କରି ସ୍ୱାତୀ- ନିମିଶା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ- ସୋୟାରା ସେଲାରଙ୍କ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସ୍ୱାତୀ-ନିମିଶାଙ୍କ ସହ ସରାୟୁ-ସୋୟାରା ଯୋଡି ମଧ୍ୟରେ ଫାଇନାଲ ମୁକାବିଲା ହେବ।



'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS